ଓଡ଼ିଶା ଭାସ୍କର
ODISHA BHASKAR
ଯାହା ଆପଣଙ୍କ କଥା କହେ

facebook.com/odishabhaskar
twitter.com/odishabhaskar



ଆକସ୍ମିକ ମୃତ୍ୟୁ କରୋନା ଟିକା ଜନିତ ନୁହେଁ | ୬



ଚର୍ଚ୍ଚାରେ ୩ ଭାରତୀୟ କଳାକାର | ୮

RNI Regd. No.ORI ORI 2004/12956 Postal Regd. No. BN/294/21-232 Published Simultaneously from Bhubaneswar, Angul & Berhampur. www.odishabhaskar.com

ଏକବିଂଶତମ ବର୍ଷ ସଂଖ୍ୟା-୨୫୩ Vol. 21 No-253 12 DECEMBER 2024 THURSDAY BHUBANESWAR ଗୁରୁବାର, ୧୨ ଡିସେମ୍ବର ୨୦୨୪ ପୃଷ୍ଠା-୮ ମୂଲ୍ୟ: ୭.୦୦

## ସଂକ୍ଷେପରେ...

### ବିଜେପି କର୍ମୀଙ୍କୁ ହତ୍ୟାକଲେ ନକ୍ସଲ

ମାଲକାନଗିରି, ୧୧।୧୨ (ଭାସ୍କର ନ୍ୟୁଜ): ମାଲକାନଗିରି ସୀମାନ୍ତ ଛତିଶଗଡ଼ ବିଜାପୁର ଜିଲ୍ଲାରେ ନକ୍ସଲମାନେ ଜଣେ ବିଜେପି କର୍ମୀଙ୍କୁ ଘରୁ ଡାକିନେଇ ହତ୍ୟା କରିଛନ୍ତି। ମୃତ କର୍ମୀଙ୍କ ନାମ ମାଣ୍ଡେରାମ ଫୁଡିଆମୀ। ନକ୍ସଲମାନେ ତାଙ୍କୁ ହତ୍ୟା କରିବା ପରେ ତାଙ୍କ ମୃତଦେହକୁ ସମନପଲ୍ଲୀ ଗାଁ ନିକଟରେ ପକାଇ ଦେଇ ପଳାଇ ଯାଇଥିଲେ। ପୋଲିସ ମୃତଦେହ ଜବତ କରି ଘଟଣାର ତଦନ୍ତ ଆରମ୍ଭ କରିଛି।

### ମହିଳାଙ୍କୁ କଚାଡ଼ି ମାରିଲା ହାତୀ

ଅନୁଗୋଳ, ୧୧।୧୨ (ଭାସ୍କର ନ୍ୟୁଜ): ଅନୁଗୋଳ ଜିଲ୍ଲା ଛେଣ୍ଡିପଦା ବନାଞ୍ଚଳ ପାଟକମୁଣ୍ଡା ଗାଁରେ ଜଣେ ମହିଳାଙ୍କୁ ହାତୀ କଚାଡ଼ି ମାରି ଦେଇଛି। ମୃତ ମହିଳାଜଣକ ହେଲେ ମନ୍ଦିରି ସାହୁ। ବୁଧବାର ସକାଳେ ସେ ଧାନ କାଟିବା ପାଇଁ ଯାଉଥିବାବେଳେ ହାତୀ ହାବୁଡ଼ରେ ପଡ଼ିଥିଲେ। ହାତୀ ପାଖରୁ ବଞ୍ଚିବା ପାଇଁ ସେ ଉଦ୍ୟମ କରିଥିଲେ ମଧ୍ୟ ସଫଳ ହୋଇପାରି ନଥିଲେ। ହାତୀଟି ତାଙ୍କୁ ଶୁଣ୍ଢରେ ଟେକି ନେଇ କଚାଡ଼ି ଦେଇଥିଲା। ଏହି ଘଟଣା ପରେ ତାଙ୍କ ଗାଁରେ ତୀବ୍ର ଉତ୍ତେଜନା ପ୍ରକାଶ ପାଇଛି। ମୃତକଙ୍କ ପରିବାରକୁ କ୍ଷତିପୂରଣ ଦେବାକୁ ଗ୍ରାମବାସୀ ଅଡି ବସିଛନ୍ତି।

## ଆଗୁଆ ସରିଲା ବିଧାନସଭା ଶୀତ ଅଧିବେଶନ

# ଅନିର୍ଦ୍ଦିଷ୍ଟ କାଳ ଗୃହ ମୁଲତବୀ



### ୧୬ଟି କାର୍ଯ୍ୟ ଦିବସ ଥାଇ ବନ୍ଦ ହେଲା

### ୨ଟି ସରକାରୀ ବିଲ୍ ସହ ୧୦ ବେସରକାରୀ ବିଲ୍ ପାରିତ

### ଡିଜିପି ସମ୍ମିଳନୀ ପାଇଁ ମୁଲତବୀ ଥିଲା ଦୁଇଦିନ

ଭୁବନେଶ୍ୱର, ୧୧।୧୨ (ଭାସ୍କର ନ୍ୟୁଜ): ବିଧାନସଭାର ଶୀତ ଅଧିବେଶନ ବୁଧବାର ଶେଷ ହୋଇଛି। ୧୬ଟି କାର୍ଯ୍ୟ ଦିବସ ଥାଇ ଗୃହକୁ ଅନିର୍ଦ୍ଦିଷ୍ଟକାଳ ଯାଏ ବୁଲତବୀ ରଖିଛନ୍ତି ବାଚସ୍ପତି ସୁରମା ପାଢୀ। ଗତ ନଭେମ୍ବର ୨୬ ତାରିଖରୁ ଆରମ୍ଭ ହୋଇଥିବା ଶୀତ ଅଧିବେଶନ ଚଳିତମାସ ୩୧ ତାରିଖ ପର୍ଯ୍ୟନ୍ତ ଚାଲିବାର ଥିଲା। କିନ୍ତୁ ବୁଧବାର ୨୦ ଦିନ ପୂର୍ବରୁ ଗୃହକୁ ମୁଲତବୀ କରାଯାଇଛି। ଗୃହ ମାତ୍ର ୧୨ ଦିନ ଚାଲିବା ସମ୍ଭବପର ହୋଇପାରିଛି। ବିଗତ ତିନିଦିନ ଧରି ଗୃହର ଦ୍ୱିତୀୟାର୍ଦ୍ଧ ବିନା କାର୍ଯ୍ୟସୂଚୀରେ ପରିଚାଳିତ ହେଉଥିଲା। ବିଧାନସଭା ସଚିବାଳୟ ସୂତ୍ରରୁ ମିଳିଥିବା ସୂଚନା ଅନୁସାରେ ଚଳିତ ଶୀତ ଅଧିବେଶନ ୩୧ ତାରିଖ ପର୍ଯ୍ୟନ୍ତ ଚାଲିବାର କାର୍ଯ୍ୟକ୍ରମ ରହିଥିଲେ ମଧ୍ୟ କୌଣସି ସରକାରୀ କାର୍ଯ୍ୟ ନଥିବାରୁ ଗୃହକୁ ମୁଲତବୀ ରଖାଯାଇଛି। ଚଳିତ ଅଧିବେଶନରେ ଜିଏସଟି ବିଲ୍, ଓଡ଼ିଶା ବିନିଯୋଗ (ସଂଖ୍ୟା-୨) ବିଲ୍ ଏବଂ ଓଡ଼ିଶା ସାର୍ବଜନୀନ ପରୀକ୍ଷା ବିଲ୍-୨୦୨୪ ଆଗତ ଓ ପାରିତ ହୋଇଛି। ତେବେ ଓଡ଼ିଶା ବିଶ୍ୱବିଦ୍ୟାଳୟ ସଂଶୋଧନ ବିଲ୍-୨୦୨୪ ଗୃହରେ ସରକାର ଆଗତ କରିଥିଲେ ମଧ୍ୟ ଏହା ଉପରେ ଆଲୋଚନା ହୋଇନାହିଁ। ଚଳିତ ଅଧିବେଶନରେ ୧୨ ଦିନ ଗୃହ ଚାଲିଥିଲେ ମଧ୍ୟ ସେଥିମଧ୍ୟରୁ ମାତ୍ର ୭ଟି କାର୍ଯ୍ୟଦିବସ ରହିଥିଲା। ସର୍ବଭାରତୀୟ ଡିଜିପି ସମ୍ମିଳନୀ ପାଇଁ ଗୃହ ଦୁଇଦିନ ମୁଲତବୀ ରଖାଯାଇଥିଲା। ଚଳିତ ଅଧିବେଶନରେ ୨୪ଟି ତାରକା ପ୍ରଶ୍ନ ଉପରେ ଆଲୋଚନା ହୋଇଥିବା ବେଳେ ୧୭୫୦ଟି ତାରକା ପ୍ରଶ୍ନର ଉତ୍ତର ସରକାରଙ୍କ ପକ୍ଷରୁ ଲିଖିତ ଆକାରରେ ଦିଆଯାଇଛି। ଏହାବ୍ୟତୀତ ବିଧାୟକମାନଙ୍କର ୨୨୯୫ଟି ଅଣତାରକା ପ୍ରଶ୍ନ ମଧ୍ୟରୁ ୨୧୯୧ଟି ପ୍ରଶ୍ନର ଉତ୍ତର ଲିଖିତ ଭାବେ ସରକାର ଦେଇଛନ୍ତି। ବିରୋଧୀଦଳଙ୍କ ଦ୍ୱାରା ଆଗତ ୬ଟି ମୁଲତବୀ ପ୍ରସ୍ତାବ ଉପରେ ଆଲୋଚନା ହୋଇଥିବାବେଳେ ୨ଟି ପ୍ରସ୍ତାବ ଅଗ୍ରାହ୍ୟ ହୋଇଥିଲା। ଚଳିତ ଅଧିବେଶନରେ ଗୃହରେ ୮ଟି ସିଏଜି ରିପୋର୍ଟ ସମେତ ୧୦ଟି ପ୍ରାଇଭେଟ ମେମ୍ବର୍ସ ବିଲ୍ ଉପସ୍ଥାପିତ ହୋଇଥିଲା। ଅନ୍ୟପକ୍ଷରେ ପୁଳା ପୁଳା ପ୍ରସଙ୍ଗ ରହିଥିଲେ ମଧ୍ୟ ଦୁଇ ପ୍ରମୁଖ ବିରୋଧୀଦଳ ଏହାକୁ ପ୍ରଭାବଶାଳୀ ଢଙ୍ଗରେ ଗୃହରେ ଉତ୍ଥାପନ କରିବାରେ ସକ୍ଷମ ହୋଇପାରି ନଥିଲେ। ବିରୋଧୀଦଳଗୁଡ଼ିକର ସାମାନ୍ୟ ହଟ୍ଟଗୋଳ ଭିତରେ ବି ଶାସକଦଳ ଚଳିତ ଅଧିବେଶନକୁ ସୁରୁଖୁରୁରେ ସମ୍ପାଦନ କରିବାରେ ସକ୍ଷମ ହୋଇଛି। ତେବେ ଶାସକଦଳ ମଧ୍ୟରେ ସମନ୍ୱୟ ଅଭାବରୁ ଗୃହରେ ସରକାରଙ୍କୁ ଅଡୁଆ ପରିସ୍ଥିତିର ସମ୍ମୁଖୀନ ହେବାକୁ ପଡ଼ିଥିବା ଦେଖିବାକୁ ମିଳିଥିଲା। ଗୃହରେ ଶେଷ ଦୁଇଦିନ ରାଜଧାନୀରେ ମିଶନଶକ୍ତି ମହିଳାଙ୍କ ଧାରଣାକୁ ନେଇ ବିଜେଡି ହଟ୍ଟଗୋଳ କରିଥିଲେ ମଧ୍ୟ ସରକାର ସେଥିପ୍ରତି ବିଶେଷ ଗୁରୁତ୍ୱ ଦେଇନଥିବା ଦେଖିବାକୁ ମିଳିଛି।

## ଜାତୀୟ ପଞ୍ଚାୟତ ପୁରସ୍କାର ପ୍ରଦାନ କଲେ ରାଷ୍ଟ୍ରପତି

# ୭ଟି ବର୍ଗରେ ଓଡ଼ିଶା ପୁରସ୍କୃତ



### ଓଡ଼ିଶାକୁ ମିଳିଲା ୮ କୋଟି ୫୦ଲକ୍ଷ ଟଙ୍କାର ପୁରସ୍କାର ରାଶି

### ପ୍ରଥମ ସ୍ଥାନ ଅଧିକାର କରିଥିବା ନେଇ ରାଷ୍ଟ୍ରପତିଙ୍କ ଅଭିନନ୍ଦନ

### ସର୍ବଭାରତୀୟ ସ୍ତରରେ ଓଡ଼ିଶା ଗ୍ରାମୀଣ ବିକାଶ କାର୍ଯ୍ୟକ୍ରମ ପ୍ରଶଂସିତ

### ଅଭିନନ୍ଦନ ଜଣାଇଲେ ପଞ୍ଚାୟତିରାଜ ମନ୍ତ୍ରୀ

ଭୁବନେଶ୍ୱର, ୧୧।୧୨ (ଭାସ୍କର ନ୍ୟୁଜ): ଗ୍ରାମାଞ୍ଚଳ ବିକାଶରେ ଓଡ଼ିଶାର ଅନନ୍ୟ ସଫଳତାର ଏକ ସ୍ୱର୍ଣ୍ଣିମ ଅଧ୍ୟାୟ ସ୍ୱରୂପ ବୁଧବାର ମହାମହିମ ରାଷ୍ଟ୍ରପତିଙ୍କ ଦ୍ୱାରା ଜାତୀୟ ପଞ୍ଚାୟତ ପୁରସ୍କାର ଅଧୀନରେ ୭ଟି ବର୍ଗରେ ଓଡ଼ିଶାକୁ ପୁରସ୍କୃତ କରାଯାଇଛି । ଭାରତ ସରକାରଙ୍କ ପଞ୍ଚାୟତିରାଜ ମନ୍ତ୍ରଣାଳୟ ଦ୍ୱାରା ପ୍ରଦତ୍ତ ଏହି ଜାତୀୟ ପଞ୍ଚାୟତ ପୁରସ୍କାରରେ ୭ଟି ବର୍ଗରେ ଓଡ଼ିଶାକୁ ୮କୋଟି ୫୦ଲକ୍ଷ ଟଙ୍କାର ପୁରସ୍କାର ରାଶି ପ୍ରଦାନ କରାଯାଇଛି । ବୁଧବାର ନୂଆଦିଲ୍ଲୀ ବିଜ୍ଞାନ ଭବନରେ ଆୟୋଜିତ ଏହି ପୁରସ୍କାର ପ୍ରଦାନ ଉତ୍ସବରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ୭ଟି ବର୍ଗରେ ଓଡ଼ିଶାକୁ ପୁରସ୍କୃତ କରିଛନ୍ତି । ଏଥି ମଧ୍ୟରେ ଦୀନଦୟାଲ ଉପାଧ୍ୟାୟ ପଞ୍ଚାୟତ ଶତତ ବିକାଶ ପୁରସ୍କାର ବର୍ଗରେ ଗଞ୍ଜାମ ଜିଲ୍ଲା ରଙ୍ଗେଇଲୁଣ୍ଡା ବ୍ଲକ୍ କେଲୁଆପାଲ୍ଲୀ ପଞ୍ଚାୟତକୁ • ପୃଷ୍ଠା ୫ ଦେଖନ୍ତୁ



ଓଡ଼ିଶା ଭାସ୍କର
ODISHA BHASKAR

# ମହାନଗର





ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ପ୍ରତିବର୍ଷ ଡିସେମ୍ବର ମାସ ୧୧ ତାରିଖକୁ ଆନ୍ତର୍ଜାତୀୟ ପର୍ବତ ଦିବସ ରୂପେ ପାଳନ କରାଯାଇଥାଏ । ଏହି ପରିପ୍ରେକ୍ଷୀରେ ଭୁବନେଶ୍ୱର ଉପକଣ୍ଠ ସ୍ଥିତ ଚନ୍ଦକା-ଡମପଡା ହସ୍ତୀ ଅଭୟାରଣ୍ୟ ଘେର ମଧ୍ୟରେ ଅବସ୍ଥିତ ଆଦିବାସୀ ପଲ୍ଲୀ କନ୍ଦଳେଇରେ ସାମାଜିକ ଅନୁଷ୍ଠାନ 'ବୁଲ୍‌ସଆଇ' ପକ୍ଷରୁ ସ୍ଥାନୀୟ କନ୍ଦଳେଇ ପର୍ବତ ପାଦଦେଶରେ ପଲ୍ଲୀର ବିଦ୍ୟାର୍ଥୀ ଓ ଗ୍ରାମବାସୀଙ୍କୁ ନେଇ ଆନ୍ତର୍ଜାତୀୟ ପର୍ବତ ଦିବସ ପାଳିତ ହୋଇଯାଇଛି । କାର୍ଯ୍ୟକ୍ରମରେ ଅତିଥି ରୂପେ ପରିବେଶବିତ୍ ସୁଶାନ୍ତ ସାହୁ ଯୋଗଦେଇ କହିଥିଲେ, ପର୍ବତ ହେଉଛି ପ୍ରକୃତିର ଅନବଦ୍ୟ ସୃଷ୍ଟି । ଅନେକ ପର୍ବତ ସହିତ ଆମର ଆସ୍ଥା ଓ ବିଶ୍ୱାସ ଯୋଡି ହୋଇ ରହିଛି । ଜୈବ ବିବିଧତା ଅଞ୍ଚଳର ୩୦ ପ୍ରତିଶତ ସଂଚାଳକ ହେଉଛି ପର୍ବତ । ପର୍ବତର ଉପସ୍ଥିତ ଯୋଗୁଁ ମେଘମାଳରୁ ବର୍ଷା ସମ୍ଭବ ହେଉଛି । ସଂପ୍ରତି ଜଳବାୟୁ ପରିବର୍ତ୍ତନ ଓ ମାତ୍ରାଧିକ ଖଣି ଖନନ ପାଇଁ ପର୍ବତ ଏବେ ବିପଦରେ । 'ବୁଲ୍‌ସଆଇ'ର ଅଧ୍ୟକ୍ଷ ତ୍ରିଲୋଚନ ବେଉରା କହିଥିଲେ, ପର୍ବତରେ ଥିବା ଜଙ୍ଗଲର ସୁରକ୍ଷା ନିମନ୍ତେ ସମସ୍ତେ ଯତ୍ନବାନ୍ ହେବା ଆଜିର ଦିବସ ପାଳନର ମୁଖ୍ୟ ଉଦ୍ଦେଶ୍ୟ । ସାମାଜିକ କର୍ମୀ ପ୍ରୟବ୍ରତ ପଣ୍ଡା, ସ୍ଥାନୀୟ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ବିଚିତ୍ର କୁମାର ମାଝୀ, ଶିକ୍ଷକ ସୁବାସ ଓଝା ଓ ଗ୍ରାମବାସୀ ଅଂଶଗ୍ରହଣ କରିଥିଲେ ।

### ରାଜ୍ୟସ୍ତରୀୟ 'ଭାରତୀୟ ଭାଷା ଉତ୍ସବ' ସମାରୋହ

## ଇଂରାଜୀ ଓ ହିନ୍ଦୀ ଭାଷା ଆମ ମାତୃଭାଷାର ବିକଳ୍ପ ହୋଇପାରିବ ନାହିଁ: ମୁଖ୍ୟମନ୍ତ୍ରୀ



ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଇଂରାଜୀ ଭାଷା ଲିଙ୍କ୍ ଲାଙ୍ଗୁଏଜ୍ ହୋଇପାରେ, କିନ୍ତୁ ମାତୃଭାଷାର ବିକଳ୍ପ ହୋଇପାରିବ ନାହିଁ। ଆଜି ଲୋକସେବା ଭବନ ସମ୍ମିଳନୀ କକ୍ଷରେ ଆୟୋଜିତ ରାଜ୍ୟସ୍ତରୀୟ ଭାରତୀୟ ଭାଷା ଉତ୍ସବରେ ଯୋଗଦେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହା କହିଛନ୍ତି । ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଆଜିକାଲି ପିଲାମାନେ ଇଂରାଜୀ ଭାଷାକୁ ଯୋଗାଯୋଗର ଏକ ମାଧ୍ୟମ ଭାବେ ବ୍ୟବହାର ନକରି, ଇଂରାଜୀ କହିବାକୁ ଏକ ଫେସନ୍ ଭାବେ ଗ୍ରହଣ କରୁଛନ୍ତି। ଇଂରାଜୀ ମିଡିଅମ୍‌ରେ ପଢୁଥିବା ଅନେକ ଛାତ୍ରଛାତ୍ରୀ ଓଡିଆ ଭାଷା ପଢିବାରେ ଅକ୍ଷମ। ଏହା ଦୁଃଖର ବିଷୟ। ଇଂରାଜୀ ଓ ହିନ୍ଦୀ ଆମ ପାଇଁ ଏକ ଲିଙ୍କ ଲାଙ୍ଗୁଏଜ୍ ହୋଇପାରେ । କିନ୍ତୁ, ଏହା କେବେ ଆମ ମାତୃଭାଷାର ବିକଳ୍ପ ହୋଇ ପାରିବ ନାହିଁ। ତେଣୁ ରାଜ୍ୟ ସରକାର ଓଡିଆ ଭାଷାର ବ୍ୟବହାର ଉପରେ ଗୁରୁତ୍ୱଦେଇ କାମ ଆରମ୍ଭ କରିଛନ୍ତି। ସରକାରୀ ଫାଇଲ୍‌କୁ ଓଡିଆ ଭାଷାରେ କରିବା ପାଇଁ ଦୃଢ ନିର୍ଦ୍ଦେଶ ଦିଆଯାଇଛି । ଅନେକ ବିଭାଗରେ ଓଡିଆ ଭାଷାରେ ଫାଇଲ୍ କାମ ଆରମ୍ଭ ମଧ୍ୟ ହେଲାଣି ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ତାମିଲ୍ ମହାକବି ସୁବ୍ରମଣ୍ୟ ଭାରତୀଙ୍କ ଜୟନ୍ତୀ ଅବସରରେ ଭାରତୀୟ ଭାଷା ଉତ୍ସବ ପାଳନ କରାଯାଉଛି। ଚଳିତ ବର୍ଷର ଭାରତୀୟ ଭାଷା ମହୋତ୍ସବର ବିଷୟବସ୍ତୁ ହେଉଛି 'ଭାଷା ମାଧ୍ୟମରେ ଏକତା' । କାର୍ଯ୍ୟକ୍ରମରେ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ କହିଲେ ଯେ ଭାଷା ଆମ ସଂସ୍କୃତି, ଐତିହ୍ୟ ଓ ଚିନ୍ତାଧାରାକୁ ପ୍ରତିଫଳିତ କରେ। ଆମର ଐତିହ୍ୟର ବିବିଧତାକୁ ଜାଣିବା ପାଇଁ ଏହି ଭଳି ଭାଷା ଉତ୍ସବ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ। ଉନ୍ନୟନ କମିଶନର ଅନୁ ଗର୍ଗ ସ୍ୱାଗତ ଭାଷଣ ଦେଇ କହିଥିଲେ ଯେ, ଭାଷାଭିତ୍ତିକ ଏକତାକୁ ଗୁରୁତ୍ୱ ଦେଇ ଆମେ ସୁବ୍ରମଣ୍ୟ ଭାରତୀଙ୍କ ଜୟନ୍ତୀ ପାଳନ କରୁଛୁ। ସବୁ ଭାରତୀୟ ଭାଷାର ଉନ୍ନତିରେ ଦେଶର ସଂସ୍କୃତି ଓ ଐତିହ୍ୟ ଉନ୍ନତ ହେବ ବୋଲି ସେ କହିଥିଲେ। ବିଭାଗୀୟ ଅତିରିକ୍ତ ଶାସନ ସଚିବ ସଂଗ୍ରାମ କେଶରୀ ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।

## ଗୋଆ ଗଣମାଧ୍ୟମ ପ୍ରତିନିଧିଙ୍କ ସହ ରାଜ୍ୟପାଳଙ୍କ ଆଲୋଚନା



ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଗୋଆ ସୂଚନା ଓ ପ୍ରସାରଣ ବିଭାଗର ନିର୍ଦ୍ଦେଶକ ଦୀପକ୍ ବନ୍ଦେରକରଙ୍କ ନେତୃତ୍ୱରେ ଓଡ଼ିଶା ପରିଦର୍ଶନରେ ଆସିଥିବା ଗୋଆର ଗ୍ରାମାଞ୍ଚଳ ଗଣମାଧ୍ୟମ ପ୍ରତିନିଧି ଦଳ ଚଳିତ ଡ଼ିସେମ୍ବର ୧୧ ତାରିଖ ଦିନ ରାଜ୍ୟପାଳ ରଘୁବର ଦାସଙ୍କୁ ସୌଜନ୍ୟମୂଳକ ସାକ୍ଷାତ କରିଛନ୍ତି। ଏହି ଅବସରରେ ରାଜ୍ୟପାଳ ଗୋଆ ପ୍ରତିନିଧି ଦଳଙ୍କୁ ସ୍ୱାଗତ କରି ଶୁଭେଚ୍ଛା ଜଣାଇବା ସହ ଓଡ଼ିଶା ଓ ଗୋଆର ସାଂସ୍କୃତିକ ଐତିହ୍ୟ ଓ ପର୍ଯ୍ୟଟନ ବିଭବ ସଂପର୍କରେ ଆଲୋଚନା କରିଥିଲେ। ରାଜ୍ୟପାଳ ଶ୍ରୀ ଦାସ କହିଥିଲେ ଯେ, ଓଡ଼ିଶା ପରି ପବିତ୍ର ଭୂମିର କଳା, ସଂସ୍କୃତି, ଐତିହ୍ୟ, ପରମ୍ପରା ଓ ପର୍ଯ୍ୟଟନ ସଂପର୍କରେ ସେମାନେ ଜାଣି ଗୋଆ ଲୋକମାନଙ୍କୁ ଏସଂପର୍କରେ ଜଣାଇବାକୁ ଅନୁରୋଧ କରିଥିଲେ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ 'ଏକ ଭାରତ, ଶ୍ରେଷ୍ଠ ଭାରତ' କାର୍ଯ୍ୟକ୍ରମ ସଂପର୍କରେ ଅବତାରଣା କରି କହିଥିଲେ ଯେ ବିଭିନ୍ନତା ମଧ୍ୟରେ ଏକତା ହେଉଛି ଭାରତର ଅନନ୍ୟ ସୌନ୍ଦର୍ଯ୍ୟ। ଭାରତରେ ଅଞ୍ଚଳ ଅନୁଯାୟୀ ରୀତିନୀତି, ଚଳଣୀ, ପରମ୍ପରା, ଭାଷା ଅଲଗା ହେଲେ ମଧ୍ୟ ଭାରତ ଏକତା ସୂତ୍ରରେ ବାନ୍ଧି ହୋଇ ରହିଛି। ଉଭୟ ରାଜ୍ୟ ମଧ୍ୟରେ ଥିବା ସାମଞ୍ଜସ୍ୟ ସଂପର୍କରେ ଆଲୋକପାତ କରି ଗୋଆ ପ୍ରତିନିଧି ଦଳଙ୍କର ଓଡ଼ିଶା ପରିଦର୍ଶନ ଓଡ଼ିଶା ଓ ଗୋଆ ମଧ୍ୟରେ ସଂପର୍କ ସୁଦୃଢ଼ କରିବ ବୋଲି ରାଜ୍ୟପାଳ ଶ୍ରୀ ଦାସ କହିଥିଲେ। ଏହି ଅବସରରେ ଗୋଆରୁ ଆସିଥିବା ପ୍ରତିନିଧିମାନେ ରାଜ୍ୟପାଳଙ୍କୁ ସମ୍ବର୍ଦ୍ଧିତ କରିଥିଲେ । ଓଡ଼ିଶା ରାଜ୍ୟ ସୂଚନା ଓ ଲୋକସଂପର୍କ ବିଭାଗର ନିର୍ଦ୍ଦେଶକ ସରୋଜ କୁମାର ସାମଲ ମଧ୍ୟ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ ।

## ହାଇକୋର୍ଟ ନିଉ ଆନେକ୍ସ ବିଲ୍‌ଡିଂର ଭୂମିପୂଜା



କଟକ(ଭାସ୍କର ନ୍ୟୁଜ୍): ମର୍କତନଗର ସେକ୍ଟର ୧୩ରେ ହେବାକୁ ଥିବା ଓଡିଶା ହାଇକୋର୍ଟର ନିଉ ଆନେକ୍ସ ବିଲ୍‌ଡିଙ୍ଗ୍ ତଥା ୫୫୦ ଫ୍ଲାଟ୍ ନିର୍ମାଣ ନିମନ୍ତେ ଭୂମିପୂଜନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଓଡିଶା ହାଇକୋର୍ଟର ମୁଖ୍ୟ ବିଚାରପତି ଚକ୍ରଧାରୀ ଶରଣ ସିଂ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ କାର୍ଯ୍ୟକ୍ରମର ଭିତିପ୍ରସ୍ତର ସ୍ଥାପନ କରିଛନ୍ତି । ୨୮୪.୨୯ କୋଟି ଟଙ୍କା ଖର୍ଚ୍ଚରେ ୧୦ ଏକର ପରିମିତ ଅଂଚଳରେ ଏହି ବିଲ୍‌ଡଙ୍ଗ୍ ନିର୍ମାଣ କରାଯିବ । ଆସନ୍ତା ୨୦୨୭ ଏପ୍ରିଲ୍ ସୁଦ୍ଧା ନିର୍ମାଣ କାର୍ଯ୍ୟ ଶେଷ ହେବାକୁ ଥିବାବେଳେ ଏମ୍.ଏମସ୍ ଆଇରନ୍ ଟ୍ରାଇଆଙ୍ଗେଲ୍ ଲିମିଟେଡ୍ ନାମକ ସଂସ୍ଥା ନର୍ମାଣ କାର୍ଯ୍ୟ କରିବ । କାର୍ଯ୍ୟକ୍ରମରେ ମୁଖ୍ୟ ବିଚାରପତି ଚକ୍ରଧାରୀ ଶରଣ ସିଂଙ୍କ ସମେତ ହାଇକୋର୍ଟର ବିଚାରପତି ସଙ୍ଗମ କୁମାର ସାହୁ, ହାଇକୋର୍ଟର ସମସ୍ତ ବିଚାରପତି, ହାଇକୋର୍ଟ ବାର୍ ଆସୋସିଏସନ୍‌ର ସଭାପତି ବିଜୟ କୁମାର ଦାସ, ଆଡ୍‌ଭୋକେଟ୍ ଜେନେରାଲ୍ ପିତାମ୍ବର ଆଚାର୍ଯ୍ୟ, କଟକ ଜିଲ୍ଲାପାଳ, ହାଇକୋର୍ଟ ବାର୍ ଆସୋସିଏସନ୍‌ର କର୍ମକର୍ତା, ଆଇନଜୀବୀ ପ୍ରମୁଖ ଉପସ୍ଥିତ ଥିଲେ ।

## ଦୁଇ ସହକାରୀ ମତ୍ସ୍ୟ ଅଧିକାରୀ ନିଲମ୍ବିତ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଦୁଇ ଜଣ ସହକାରୀ ମତ୍ସ୍ୟ ଅଧିକାରୀଙ୍କୁ କାର୍ଯ୍ୟରୁ ନିଲମ୍ବନ କରାଯାଇଛି । କର୍ତ୍ତବ୍ୟରେ ଅବହେଳା ଓ ଅନିୟମିତତା କାରଣରୁ ଏହି ନିଲମ୍ବନ ଆଦେଶ ମତ୍ସ୍ୟ ଓ ପ୍ରାଣି ସମ୍ପଦ ବିକାଶ ବିଭାଗ ପକ୍ଷରୁ ଜାରି କରାଯାଇଛି । ଗଞ୍ଜାମ ଜିଲ୍ଲା ସୋରଡ଼ା ବ୍ଲକରେ କାର୍ଯ୍ୟରତ ସହକାରୀ ମତ୍ସ୍ୟ ଅଧିକାରୀ ତପନ କୁମାର ମହାପାତ୍ର ଏବଂ ଗଞ୍ଜାମ ଜିଲ୍ଲା ସେରଗଡ଼ ବ୍ଲକରେ କାର୍ଯ୍ୟରତ ସୂର୍ଯ୍ୟକାନ୍ତ ବାରିକଙ୍କ ବିରୁଦ୍ଧରେ ଏହି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି । ଓଡ଼ିଶା ପ୍ରଶାସନିକ ସେବା ନିୟମ ଆଧାରରେ ବିଭାଗ ପକ୍ଷରୁ ଏହି ନିଲମ୍ବନ ନିର୍ଦ୍ଦେଶ ଦିଆଯାଇଛି । ନିଲମ୍ବନ ଆଦେଶ ବଳବତ୍ତର ରହିବା ପର୍ଯ୍ୟନ୍ତ ତାଙ୍କର ହେଡ୍‌କ୍ୱାର୍ଟର ବା ମୁଖ୍ୟ କାର୍ଯ୍ୟାଳୟ ଭୁବନେଶ୍ୱର ଲୋକସେବା ଭବନସ୍ଥିତ ମତ୍ସ୍ୟ ଓ ପ୍ରାଣି ସମ୍ପଦ ବିକାଶ ବିଭାଗରେ ସ୍ଥିର କରାଯାଇଛି । ପ୍ରଶାସନିକ ନିୟମ ଅନୁସାରେ କାର୍ଯ୍ୟ ସମ୍ପାଦନ କରୁନଥିବା ଅଧିକାରୀଙ୍କ ବିରୁଦ୍ଧରେ ଅଭିଯୋଗ ଆସିଲେ ଓ ଏହାର ସତ୍ୟତା ପ୍ରମାଣ ହେଲେ, ଏଭଳି ଦୃଷ୍ଟାନ୍ତମୂଳକ ପଦକ୍ଷେପ ଗ୍ରହଣ କରାଯିବ ବୋଲି ବିଭାଗ ପକ୍ଷରୁ କୁହାଯାଇଛି ।

## ଅରୁଣିମା ଠାକୁରଙ୍କୁ ସମ୍ବର୍ଦ୍ଧିତ କଲେ ମୁଖ୍ୟମନ୍ତ୍ରୀ



ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଅରୁଣିମା ଠାକୁରଙ୍କୁ ସମ୍ବର୍ଦ୍ଧିତ କଲେ ମୁଖ୍ୟମନ୍ତ୍ରୀ । ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ତାଙ୍କ ବାସଭବନରେ ସର୍ବଭାରତୀୟ ଆଇନ ପ୍ରବେଶିକା ପରୀକ୍ଷାରେ ପ୍ରଥମ ସ୍ଥାନ ହାସଲ କରିଥିବା ରାଉରକେଲାର ଝିଅ ଏବଂ ବାଣୀବିହାର ଆଇନ ମହାବିଦ୍ୟାଳୟର ଛାତ୍ରୀ ଅରୁଣିମା ଠାକୁରଙ୍କୁ ସମ୍ବର୍ଦ୍ଧିତ କରିଛନ୍ତି ।

## ଆଇଏପିଏମ୍‌ର ୭୨ତମ ଜାତୀୟ ବାର୍ଷିକ ସମ୍ମିଳନୀ ଅବସରରେ କର୍ମଶାଳା

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଇଣ୍ଡିଆନ୍ ଆସୋସିଏସନ୍ ଅଫ୍ ପାଥୋଲୋଜିଷ୍ଟସ ଆଣ୍ଡ ମାଇକ୍ରୋବାୟୋଲୋଜିଷ୍ଟସ (ଆଇଏପିଏମ୍) ଏବଂ ଇଣ୍ଡିଆନ୍ ଏକାଡେମି ଅଫ୍ ପାଥୋଲୋଜି-ଇଣ୍ଡିଆନ୍ ଡିଭିଜନ୍ (ଆଇଏପି-ଆଇଡି)ର ୭୨ତମ ବାର୍ଷିକ ସମ୍ମିଳନୀ କଟକ ସ୍ଥିତ ଏସ୍‌ସିବି ମେଡିକାଲ୍ କଲେଜରେ ଆୟୋଜିତ ହେବା ପରିପ୍ରେକ୍ଷୀରେ ଶିକ୍ଷା ଓ ଅନୁସନ୍ଧାନ (ସୋଆ) ପରିଚାଳିତ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମେଡିକାଲ୍ ସାଇନ୍‌ସେସ୍ ଆଣ୍ଡ ସମ୍ ହସ୍ପିଟାଲ୍ ଭୁବନେଶ୍ୱର ପକ୍ଷରୁ ବୁଧବାର ୩ଟି ପ୍ରାକ୍-ସମ୍ମିଳନୀ କର୍ମଶାଳା ଆୟୋଜିତ ହୋଇଯାଇଛି । ୨୦ ବର୍ଷ ପରେ ଓଡ଼ିଶାରେ ଏହି ସମ୍ମିଳନୀର ଆୟୋଜନ କରାଯାଉଥିବା ବେଳେ ଆଇଏମ୍‌ଏସ୍ ଆଣ୍ଡ ସମ୍ ହସ୍ପିଟାଲ୍‌ରେ ଆୟୋଜିତ ପ୍ରଥମ ପ୍ରାକ୍-ସମ୍ମିଳନୀ କର୍ମଶାଳାର ବିଷୟବସ୍ତୁ ରହିଥିଲା 'ଏ ପିକ୍ ଇନ୍‌ଟୁ ଦ ରେନ୍ ବକ୍ସ' । କର୍ମଶାଳାରେ ଆଇଏମ୍‌ଏସ୍ ଆଣ୍ଡ ସମ୍ ହସ୍ପିଟାଲ୍‌ର ଡିନ୍ ଇନ୍‌ଚାର୍ଜ ପ୍ରଫେସର (ଡାକ୍ତର) ସୌମ୍ୟ ରଞ୍ଜନ ଦାସ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଡାକ୍ତରୀ ପେସାରେ ଆଇନ୍‌ଗତ ଦିଗ ବର୍ତ୍ତମାନ ଏକ ଆହ୍ୱାନ ସୃଷ୍ଟି କରିଥିବା କହିଥିଲେ । ଏହି ଅବସରରେ ଆପୋଲୋ ହସ୍ପିଟାଲ୍‌ର ଡାକ୍ତର ମୀନାକ୍ଷୀ ସ୍ୱାଇଁ ଏବଂ ଆଇଏମ୍‌ଏସ୍ ଆଣ୍ଡ ସମ୍ ହସ୍ପିଟାଲ୍‌ର ପାଥୋଲୋଜି ବିଭାଗର ମୁଖ୍ୟ ପ୍ରଫେସର (ଡାକ୍ତର) ଦେବାହୁତି ମହାପାତ୍ର ନିଜର ବକ୍ତବ୍ୟ ରଖିଥିଲେ ।

## ସ୍ମାର୍ଟ ଇଣ୍ଡିଆ ହାକାଥନ୍‌ର ଗ୍ରାଣ୍ଡ୍ ଫାଇନାଲ୍ ଉଦ୍‌ଘାଟିତ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଦ୍ୱାରା ସ୍ମାର୍ଟ ଇଣ୍ଡିଆ ହାକାଥନର ସପ୍ତମ ସଂସ୍କରଣର ଗ୍ରାଣ୍ଡ ଫାଇନାଲ୍ ବୁଧବାର ଉଦ୍‌ଘାଟିତ ହୋଇଛି । ଭାରତୀୟ ପ୍ରଦ୍ୟୋଗିକ ସଂସ୍ଥାନ (ଆଇଆଇଟି) ଭୁବନେଶ୍ୱର, ୫୧ଟି ଅନୁଷ୍ଠାନ ମଧ୍ୟରେ ଏକ ନୋଡାଲ୍ ଏଜେନ୍ସି ଭାବରେ ଉଦ୍ଘାଟନୀ ଅଧିବେଶନରେ ଯୋଗ ଦେଇଥିଲେ। ଉଲ୍ଲେଖଯୋଗ୍ୟ ଯେ, ସ୍ମାର୍ଟ ଇଣ୍ଡିଆ ହାକାଥନ୍ ହେଉଛି ଏକ ଫ୍ଲାଗସିପ୍ କାର୍ଯ୍ୟକ୍ରମ ଯାହାକି କେନ୍ଦ୍ର ଶିକ୍ଷା ମନ୍ତ୍ରାଳୟ ଆନୁକୂଲ୍ୟରେ ଶିକ୍ଷା ମନ୍ତ୍ରଣାଳୟର ଇନୋଭେସନ୍ ସେଲ୍ ଏବଂ ଏଆଇସିଟିଇ ଦ୍ୱାରା ଆୟୋଜିତ ହେଉଛି। ଦେଶବ୍ୟାପୀ ଉଦ୍‌ଘାଟନ ପୂର୍ବରୁ, ଆଇଆଇଟି ଭୁବନେଶ୍ୱରରେ ପ୍ରତିଷ୍ଠାନର ନିର୍ଦ୍ଦେଶକ ପ୍ରଫେସର ଶ୍ରୀପଦ୍ କରମଲକରଙ୍କ ଦ୍ୱାରା ସ୍ଥାନୀୟ ଭାବେ ଏହି କାର୍ଯ୍ୟକ୍ରମର ଉଦ୍‌ଘାଟନ ହୋଇଥିଲା। ଏହି ଅବସରରେ, ସହକାରୀ ଇନୋଭେସନ୍ ନିର୍ଦ୍ଦେଶକ, ଶିକ୍ଷା ମନ୍ତ୍ରାଳୟର ଇନୋଭେସନ୍ ସେଲ୍ ଶ୍ରୀ ଦୀପନ ସାହୁ, ଡିନ୍ (ଛାତ୍ର ବ୍ୟାପାର), ଆଇଆଇଟି ଭୁବନେଶ୍ୱର ପ୍ରଫେସର ରାଜେଶ ରୋଶନ ଦାଶ, ରେଜିଷ୍ଟ୍ରାର ବାମଦେବ ଆଚାର୍ଯ୍ୟ, ଆଇଆଇଟି ଭୁବନେଶ୍ୱର ଅନୁସନ୍ଧାନ ଏବଂ ଉଦ୍ୟୋଗୀ ଉଦ୍ୟାନର ସିଇଓ ଡକ୍ଟର ଶୁଭଙ୍କର ପତି ପ୍ରମୁଖ ଉପସ୍ଥିତ ଥିଲେ। ଦେଶର ବିଭିନ୍ନ ପ୍ରାନ୍ତରୁ ୨୬ ଟି ଟିମ୍ ଏହି ମେଗା ଇଭେଣ୍ଟରେ ଅଂଶଗ୍ରହଣ କରୁଛନ୍ତି ଏବଂ ଆଗାମୀ ୩୬ ଘଣ୍ଟା ମଧ୍ୟରେ କୋଡିଂ ଏବଂ ପ୍ରୋଗ୍ରାମିଂରେ ସେମାନଙ୍କର ଦକ୍ଷତା ପ୍ରଦର୍ଶନ କରିବେ ।

## ଭାରତୀୟ ଭାଷା ଦିବସ ପାଳିତ



ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଶାସ୍ତ୍ରୀୟ ଓଡିଆ ଉତ୍କର୍ଷ ଅଧ୍ୟୟନ କେନ୍ଦ୍ର, ଭୁବନେଶ୍ୱର ପକ୍ଷରୁ 'ଭାରତୀୟ ଭାଷା ଦିବସ' ଅନୁଷ୍ଠିତ ହୋଇଯାଇଛି । ଉତ୍ସବରେ ମୁଖ୍ୟ ଅତିଥି ରୂପେ ଯୋଗଦେଇ ବିଶିଷ୍ଟ ଭାଷାବିତ୍ ପଦ୍ମଶ୍ରୀ ଦେବୀ ପ୍ରସନ୍ନ ପଟ୍ଟନାୟକ ଭାରତୀୟ ଭାଷାବିଜ୍ଞାନର ଉପଦେୟତା ସମ୍ପର୍କରେ ଆଲୋଚନା କରିବା ସହିତ ଓଡିଆ ଭାଷାର ଗରିମା ଓ ମହତ୍ତ୍ୱ ଉପରେ ଗୁରୁତ୍ୱ ଦେଇଥିଲେ । ମୁଖ୍ୟବକ୍ତା ଆଞ୍ଚଳିକ ହିନ୍ଦୀ ଭାଷା ସଂସ୍ଥାନର ନିର୍ଦ୍ଦେଶକ ଡ. ରଞ୍ଜନ କୁମାର ଦାସ ଯୋଗଦେଇ ଭାରତୀୟ ଭାଷା ସହିତ ଓଡିଆ ଭାଷାର ସମ୍ପର୍କ ଓ ଏହାର ବୈଷୟିକ ଜ୍ଞାନକୌଶଳ ସମ୍ପର୍କରେ ସୂଚନା ଦେଇଥିଲେ । ସମ୍ମାନିତ ଅତିଥି ଭାବରେ ବିଶିଷ୍ଟ କବି ସୁରେନ୍ଦ୍ର ପାଣିଗ୍ରାହୀ ଯୋଗଦେଇ କବି ସୁବ୍ରମଣ୍ୟମ୍ ଭାରତୀଙ୍କ ଜୀବନୀ ଓ ସାହିତ୍ୟ ସାଧନା ଉପରେ ଆଲୋକପାତ କରିଥିଲେ । କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରିଥିଲେ ଅନୁଷ୍ଠାନର ବରିଷ୍ଠ ଗବେଷକ ଡ. ଗୋବିନ୍ଦ ଚନ୍ଦ୍ର ପେଣ୍ଡୋଇ । ଅନୁଷ୍ଠାନର ଗବେଷିକା ଡ. ମନସା ଶ୍ରୀଚନ୍ଦନ, ଡ. ମିତାଲି ମଧୁସ୍ମିତା ମହାନ୍ତି, ଡ. ହିମାଦ୍ରି ତନୟା ମିଶ୍ର, ଡ. ଜ୍ୟୋତିପ୍ରଭା ମହାନ୍ତି, ରୂପଶ୍ରୀ ଧର ପ୍ରମୁଖ ସୁବ୍ରମଣ୍ୟମ୍ ଭାରତୀଙ୍କ କବିତା ପାଠ କରିଥିଲେ । ଶେଷରେ ଧନ୍ୟବାଦ ଦେଇଥିଲେ ବରିଷ୍ଠ ଗବେଷକ ଡ. ଅମ୍ବରୀଶ ଶତପଥି ।

## ଡିଡି ଓଡ଼ିଆରେ ଆରମ୍ଭ ହେଲା ସାନ୍ତାଳୀ ଭାଷାରେ ସମାଚାର

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଡିଡି ଓଡ଼ିଆ ଚାନେଲ ପକ୍ଷରୁ ସାନ୍ତାଳୀ ସମାଚାର ପ୍ରସାରଣ ଶୁଭାରମ୍ଭ ହୋଇଛି । ବୁଧବାର ପୂର୍ବାହ୍ନ ୧୧ଟା ସମୟରେ ଏହା ଭୁବନେଶ୍ୱର ଦୂରଦର୍ଶନ କେନ୍ଦ୍ରରୁ ପ୍ରସାରଣ କରାଯାଇଛି । ସାନ୍ତାଳୀ ଭାଷାରେ ସମାଚାର ଆରମ୍ଭ ହେବା ଜାଣି ରାଷ୍ଟ୍ରପତି ଶ୍ରୀମତୀ ଦ୍ରୌପଦୀ ମୁର୍ମୁ ଖୁସି ବ୍ୟକ୍ତ କରିଛନ୍ତି ଏବଂ ଦୂରଦର୍ଶନ ଓ ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟକୁ ଏଥିପାଇଁ ଧନ୍ୟବାଦ ଜଣାଇଛନ୍ତି । ଭୁବନେଶ୍ୱର ଦୂରଦର୍ଶନ କେନ୍ଦ୍ର ଠାରେ ଆୟୋଜିତ ଶୁଭାରମ୍ଭ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ପତ୍ର ସୂଚନା କାର୍ଯ୍ୟାଳୟ ଓ କେନ୍ଦ୍ରୀୟ ସଂଚାର ବ୍ୟୁରୋ ଓଡ଼ିଶା ଶାଖାର ଅତିରିକ୍ତ ମହାନିର୍ଦ୍ଦେଶକ ଅଖିଳ କୁମାର ମିଶ୍ର ଯୋଗ ଦେଇଥିଲେ । ଦୂରଦର୍ଶନ କେନ୍ଦ୍ରର ମୁଖ୍ୟ ତଥା ଉପ ମହାନିର୍ଦ୍ଦେଶକ (ଯାନ୍ତ୍ରିକ) ନରସିଂହ ଜେଠୀ କହିଥିଲେ, ସାନ୍ତାଳୀ ଭାଷାରେ ସମାଚାର ପ୍ରସାରଣ କରି ଡିଡି ଓଡ଼ିଆ ଚାନେଲ ଏକ ନୂଆ ଅଧ୍ୟାୟ ଆରମ୍ଭ କରିଛି । ସମ୍ମାନିତ ଅତିଥି ଭାବେ ଆଦିବାସୀ ସମାଜିକ-ଶିକ୍ଷା ଏବଂ ସାଂସ୍କୃତିକ ସଂଗଠନ, ଭୁବନେଶ୍ୱରର ସଭାପତି ହେମନ୍ତ କୁମାର ସୋରେନ ଓ ସାନ୍ତାଳୀ ଭାଷା ବିଶେଷଜ୍ଞ ଚୈତନ୍ୟ ମାଝୀ ଯୋଗ ଦେଇଥିଲେ । କାର୍ଯ୍ୟକ୍ରମ ମୁଖ୍ୟ ପ୍ରଦୀପ କୁମାର ବେହେରା, ପିଆଇବି ଓ ସିବିସିର ଭାରତୀୟ ସୂଚନା ସେବାର ଅଧିକାରୀ, ଦୂରଦର୍ଶନ କେନ୍ଦ୍ରର ଅଧିକାରୀ, କର୍ମଚାରୀଙ୍କ ସହ ସାନ୍ତାଳୀ ସମୁଦାୟର ବହୁ ମାନ୍ୟଗଣ୍ୟ ବ୍ୟକ୍ତି କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ । ଆଞ୍ଚଳିକ ସମାଚାର ପ୍ରଭାଗର ମୁଖ୍ୟ ତଥା ଉପନିର୍ଦ୍ଦେଶକ ଡ. ଅଭିଷେକ ମିଶ୍ର ସାନ୍ତାଳୀ ସମାଚାର ଆରମ୍ଭର ପୃଷ୍ଠଭୂମି ସମ୍ପର୍କରେ ଆଲୋକପାତ କରିଥିଲେ । ବାର୍ତ୍ତା ସମ୍ପାଦକ ସୁଦର୍ଶନ ସାହୁ କାର୍ଯ୍ୟକ୍ରମକୁ ସଂଚାଳନ କରିଥିଲେ ।

## ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟରେ ଉପକୂଳ ପରିବେଶ ସୁରକ୍ଷା ଉପରେ କର୍ମଶାଳା



ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟରେ ପରିବେଶ ଓ ଓଡ଼ିଶାର ତଟ ସମ୍ପର୍କିତ ଏକ କର୍ମଶାଳା ଜୈବ ପ୍ରଯୁକ୍ତି ବିଦ୍ୟା, ରାଜନୀତି ବିଜ୍ଞାନ ବିଭାଗ ଓ ଓଡ଼ିଆ ପରିବେଶ କଂଗ୍ରେସର ମିଳିତ ଆନୁକୂଲ୍ୟରେ ଅନୁଷ୍ଠିତ ହୋଇଯାଇଛି। କୁଳପତି ପ୍ରଫେସର ଅପରାଜିତା ଚୌଧୁରୀଙ୍କ ମାଗଦର୍ଶନରେ କର୍ମଶାଳାରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉତ୍କଳ ବିଶ୍ୱବିଦ୍ୟାଳୟର ପ୍ରାକ୍ତନ କୁଳପତି ପ୍ରଫେସର ବିନାୟକ ରଥ । ଓଡ଼ିଶା ପରିବେଶ କଂଗ୍ରେସର ୧୫ ତମ ଅଧିବେଶନ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟରେ ଅନୁଷ୍ଠିତ ହେବ ଡିସେମ୍ବର ୨୦, ୨୧ ଓ ୨୨ ତାରିଖରେ । ଚଳିତ ବର୍ଷର ବିଷୟବସ୍ତୁ ରହିଛି ପରିବେଶ ଓ ଉପକୂଳ । ମୁଖ୍ୟ ଅତିଥି ଡ ବିନାୟକ ରଥ ଓଡ଼ିଶାର ତଟବର୍ତ୍ତୀ ଅଞ୍ଚଳ ପ୍ରତି ଆହ୍ୱାନ ଉପରେ ବିସ୍ତୃତ ଆଲୋଚନା କରିବା ସହ ତଟବର୍ତ୍ତୀ ରାଜପଥ ଚିଲିକା ପ୍ରତି ବିପଦ ସୃଷ୍ଟି କରିବ ବୋଲି ମତ ପ୍ରକାଶ କରିଥିଲେ। ମୁଖ୍ୟ ବକ୍ତା ବିଶିଷ୍ଟ ପରିବେଶବିତ ପ୍ରଫେସର୍ ଜୟକୃଷ୍ଣ ପାଣିଗ୍ରାହୀ ଓଡ଼ିଶାର ପରିବେଶ ତଥା ତଟବର୍ତ୍ତୀ ଲୋକ ଜଳବାୟୁ ପରିବର୍ତ୍ତନ ଦ୍ୱାରା କିପରି ପ୍ରଭାବିତ ହେଉଛନ୍ତି ତାହାର ବିସ୍ତୃତ ବର୍ଣ୍ଣନା କରିଥିଲେ। ପ୍ରଫେସର୍ ମାନସ ବେହେରା ସ୍ୱାଗତ ଭାଷଣ ଦେବା ସହ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ। ସ୍ନାତୋକତ୍ତର ପରିଷଦର ଅଧ୍ୟକ୍ଷା ପ୍ରଫେସର୍ ସସ୍ମିତା ମହାନ୍ତି ନିଜସ୍ୱ ବକ୍ତବ୍ୟ ପରିବେଶ ସୁରକ୍ଷା ଉପରେ ପ୍ରଦାନ କରିଥିଲେ। ଓଡ଼ିଶା ପରିବେଶ କଂଗ୍ରେସର ସାଧାରଣ ସମ୍ପାଦକ ଭୃଗୁ ବକ୍ସିପାତ୍ର ପରିବେଶ ସୁରକ୍ଷାରେ ଆଗାମୀ ଯୁବ ପିଢ଼ିର ଭୂମିକା ଉପରେ ଆଲୋଚନା କରିଥିଲେ। ପ୍ରଫେସର୍ ରାଜ କୁମାର ଯୋଶୀ ତଟସୁରକ୍ଷା ଓ ପରିବେଶ ସନ୍ତୁଳନ ଓଡ଼ିଶାର ବିକାଶ ପାଇଁ ଗୁରୁତ୍ୱ ପୂର୍ଣ୍ଣ ବୋଲି ପ୍ରକାଶ କରିଥିଲେ । ରାଜନୀତି ବିଜ୍ଞାନ ବିଭାଗ ଅଧ୍ୟାପକ ବସନ୍ତ ବେହେରା ଧନ୍ୟବାଦ୍ ଅର୍ପଣ କରିଥିଲେ। ବିଶ୍ୱବିଦ୍ୟାଳୟ ଅଧ୍ୟାପକ, ଅଧ୍ୟାପିକା ଓ ଛାତ୍ରୀମାନେ ବିପୁଳ ସଂଖ୍ୟାରେ ଅଂଶ ଗ୍ରହଣ କରିଥିଲେ। ପ୍ରଫେସର ମନ୍ମଥ କୁଣ୍ଡୁ, ନିରଦ୍ ବରଣ ଖୁଂଟିଆ, ବିଭୀଷଣ ନାୟକ, ମନୋରଞ୍ଜନ ମିଶ୍ର, ମନୋଜ ବାରିକ ପ୍ରମୁଖ ଯୋଗ ଦେଇଥିବା ବେଳେ ଅଧ୍ୟାପିକା ସୁଜାତା ମହାନ୍ତି, ଏଲିନା ଜ୍ୟୋତି, ଦେବୀ ପ୍ରସାଦ ଦାଶ, ସର୍ବାଣି ଦାସ, ଜୀନା ମହାପାତ୍ର ପ୍ରମୁଖ କର୍ମଶାଳା ପରିଚାଳନାରେ ଅଂଶ ଗ୍ରହଣ କରିଥିଲେ।

## ଜାନୁଆରୀ ୩୦ରେ ପାଳିତ ହେବ ପଦବାବୁଙ୍କ ୧୦୦ତମ ଜନ୍ମ ଦିବସ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଗାନ୍ଧୀବାଦି ନେତା, ପୂର୍ବତନ ବିଧାୟକ, ନିଶାନିବାରଣ ଆନ୍ଦୋଳନର ମାର୍ଗଦର୍ଶକ, ଉତ୍କଳ ସମ୍ମିଳନୀର ବରିଷ୍ଠ ଉପଦେଷ୍ଟା ଓ ସ୍ତମ୍ଭକାର ପଦ୍ମ ଚରଣ ନାୟକଙ୍କ ୧୦୦ ତମ ଜନ୍ମ ଦିବସ ଜାନୁଆରୀ ମାସ ୩୦ ତାରିଖରେ ପାଳିତ ହେବ । ଏନେଇ ଏହାର ପ୍ରଥମ ପ୍ରସ୍ତୁତି ବୈଠକ ସୌମ୍ୟରଞ୍ଜନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ସର୍ବ ପ୍ରଥମେ ଓ ସର୍ବସମ୍ମତି କ୍ରମେ ଅନୁଷ୍ଠାନର ଅଧକ୍ଷ ଭାବେ ସୌମ୍ୟରଞ୍ଜନ ପଟ୍ଟନାୟକଙ୍କୁ ଚୟନ କରାଯିବା ପରେ ସେ ବୈଠକରେ ଅଧକ୍ଷତା କରିଥିଲେ । ପଦବାବୁଙ୍କର ରାଜ୍ୟ ସ୍ତରୀୟ ୧୦୦ ତମ ଜନ୍ମ ଦିବସ କିପରି ପାଳନ ହେବ ସେଥି ପାଇଁ ଆଲୋଚନା କରାଯିବା ସହିତ ଏକ ଅଭିନନ୍ଦନୀକା ପ୍ରକାଶ କରିବା ପାଇଁ ନିଷ୍ପତି ନିଆଯାଇଥିଲା । ବୈଠକରେ ପଦ୍ମଚରଣ ନାୟକଙ୍କ ସହିତ ପୂର୍ବତନ ମନ୍ତ୍ରୀ ପଞ୍ଚାନନ କାନୁନଗୋ, ଶୈଳଜ ରବି, ଅରବିନ୍ଦ ବେହେରା, ସୁଧାଂଶୁ ଶେଖର ମିଶ୍ର, ପ୍ରିୟମ୍ବଦା ପଟ୍ଟନାୟକ, ଅନନ୍ତ ପ୍ରସାଦ ଜେନା, ବିଜୟ କୁମାର ସ୍ୱାଇଁ, ଡ ସୁରେନ୍ଦ୍ର ମିଶ୍ର, ଅପର୍ଣ୍ଣା ନାୟକ ପ୍ରମୁଖ ଯୋଗଦେଇ କାର୍ଯ୍ୟକ୍ରମ କିପରି ସଫଳ ହେବ ସେ ବିଷୟରେ ଆଲୋଚନା କରିଥିଲେ । କାର୍ଯ୍ୟକ୍ରମକୁ ଅନୁଷ୍ଠାନର ଆବାହକ ଦିଲ୍ଲୀପ ଦାଶଶର୍ମା ସଂଯୋଜନା କରିଥିବା ବେଳେ ଶେଷରେ ମଳୟ ତ୍ରିପାଠୀ ଧନ୍ୟବାଦ ଅର୍ପଣ କରିଥିଲେ ।

## ପ୍ରଦାନ ହେବ ଜଷ୍ଟିସ୍ ଦୀପକ ମିଶ୍ର ସାହିତ୍ୟ ସମ୍ମାନ

କଟକ(ଭାସ୍କର ନ୍ୟୁଜ୍): ସାହିତ୍ୟ କ୍ଷେତ୍ରରେ ବିଶେଷ ଅବଦାନ ପାଇଁ ଉତ୍କଳ ସାହିତ୍ୟ ସମାଜ ପକ୍ଷରୁ ଜଷ୍ଟିସ୍ ଦୀପକ୍ ମିଶ୍ର ସାହିତ୍ୟ ସମ୍ମାନ ପ୍ରଦାନ କରାଯିବ। ଏଥିପାଇଁ ଜଷ୍ଟିସ୍ ମିଶ୍ରଙ୍କ ପରିବାର ପକ୍ଷରୁ ପ୍ରଦ ଅର୍ଥରାଶିରୁ ଏହି ସମ୍ମାନ ଓଡ଼ିଆ ସାହିତ୍ୟକୁ ବିଶେଷ ଅବଦାନ ଦେଇଥିବା ଜଣେ ସାରସ୍ୱତ ସାଧିକା/ସାଧକଙ୍କୁ ପ୍ରଦାନ କରାଯିବ। ସମ୍ମାନ ସ୍ୱରୂପ ୧ ଲକ୍ଷ ଟଙ୍କାର ଅର୍ଥରାଶି, ତାମ୍ରଫଳକ, ଉତ୍କଳ ସାହିତ୍ୟ ସମାଜର ସ୍ମାରକୀଚିହ୍ନ ଓ ଉତରୀୟ ତାଙ୍କୁ ପ୍ରଦାନ କରାଯିବ। ପ୍ରତିବର୍ଷ ମାର୍ଚ୍ଚ ମାସରେ ଜଷ୍ଟିସ୍ ଦୀପକ୍ ମିଶ୍ର ସାରସ୍ୱତ ସମ୍ମାନ ସମାରୋହ ନାମରେ ଏକ ସ୍ୱତନ୍ତ୍ର ଉତ୍ସବ ଜରିଆରେ ଏକମାତ୍ର ସମ୍ମାନ ଭାବେ ପ୍ରଦାନ କରାଯିବ। ଏଥିସହ ଶତାୟୁ ଅନୁଷ୍ଠାନ ଉତ୍କଳ ସାହିତ୍ୟ ସମାଜ ପକ୍ଷରୁ ପ୍ରଥମ ଥର ପାଇଁ ୧ ଲକ୍ଷ ଟଙ୍କା ଅର୍ଥରାଶି ଥାଇ ଏହି ସମ୍ମାନ ପ୍ରଦାନ କରାଯିବ ବୋଲି ଜଣାଯାଇଛି। ସୁପ୍ରିମକୋର୍ଟରେ ପୂର୍ବତନ ପ୍ରଧାନ ବିଚାରପତି ଉତ୍କଳରତ୍ନ ଜଷ୍ଟିସ ଦୀପକ ମିଶ୍ରଙ୍କ ଉପସ୍ଥିତିରେ କଟକ କନିକା ଛକସ୍ଥିତ ବାସଭବନରେ ପରିବାର ପକ୍ଷରୁ ପ୍ରଦାନ କରାଯାଇଥିବା ସମ୍ମାନ ଓ ସମାବେଶ ପାଇଁ ଆବଶ୍ୟକୀୟ ଅର୍ଥରାଶିକୁ ଉତ୍କଳ ସାହିତ୍ୟ ସମାଜର ସଭାପତି ଡ. ଗୋବିନ୍ଦ ଚନ୍ଦ୍ର ଚନ୍ଦ ଓ ସାଧାରଣ ସମ୍ପାଦକ ଆଦିତ୍ୟ ପ୍ରତାପ ଧଳ ବୁଧବାର ଗ୍ରହଣ କରିଛନ୍ତି। ପ୍ରଥମେ ଆଗାମୀ ୩ବର୍ଷ ନିମନ୍ତେ ସମ୍ମାନ ରାଶି ୩ ଲକ୍ଷ ଓ ଉତ୍ସବ ଆୟୋଜନ ଖର୍ଚ୍ଚ ବାବଦରେ ବର୍ଷକୁ ୪୦ ହଜାର ଲେଖାଏ ୧.୨୦ ଲକ୍ଷ ମିଶି ମୋଟ ୪.୨୦ ଲକ୍ଷ ଟଙ୍କା ପ୍ରଦାନ କରାଯାଇଛି। ଚତୁର୍ଥ ବର୍ଷରୁ ସମ୍ମାନ ପ୍ରଦାନ ନିମନ୍ତେ ପାଣ୍ଠି ଗଠନ କରାଯିବ ବୋଲି ଜଷ୍ଟିସ ମିଶ୍ର ସୂଚନା ଦେଇଛନ୍ତି। ଉତ୍କଳ ସାହିତ୍ୟ ସମାଜର ଉପଦେଷ୍ଟା ଡ. ବିଜୟାନନ୍ଦ ସିଂହଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।

### ନାବାଳିକା ଦୁଷ୍କର୍ମ ମାମଲା

## ଆସାମୀକୁ ୬ ବର୍ଷ ସଶ୍ରମ କାରାଦଣ୍ଡ

କଟକ(ଭାସ୍କର ନ୍ୟୁଜ୍): ଜଣେ ନାବଳିକା ଆସାମୀ ଓଲା ଓରଫ ବାପି ଭୋଇ (୩୯)କୁ ୬ ବର୍ଷ ସଶ୍ରମ କାରାଦଣ୍ଡ ଆଦେଶ ପ୍ରଦାନ କରିଛନ୍ତି । ଏଥିସହିତ କୋର୍ଟ ଆସାମୀକୁ ୬ ହଜାର ଜୋରିମାନା ପ୍ରଦାନ କରିବାକୁ ଆଦେଶ ଦେଇଛନ୍ତି । ଜୋରିମାନା ଦାଖଲ ନ କରିପାରିଲେ ଆସାମୀକୁ ଆଉ ଅଧିକ ୬ ମାସ ସଶ୍ରମ କାରାଦଣ୍ଡ ଆଦେଶ ପ୍ରଦାନ କରିଛନ୍ତି । କଟକ ସଦର ଥାନା ଅଧିନସ୍ଥ ଉରାଳୀ ଗୁରୁବାରୀ ସାହିର ଆସାମୀ ବାପି ୨୦୧୮ ମସିହା ମାର୍ଚ୍ଚ ୨୪ ତାରିଖରେ ଜଣେ ୮ ବର୍ଷିୟା ନାବାଳିକାକୁ ଦୁଷ୍କର୍ମ ଉଦ୍ୟମ କରିଥିବା ନେଇ ଅଭିଯୋଗ ହୋଇଥିଲା । ଘଟଣା ସମ୍ପର୍କରେ ୨୦୧୮ ମସିହା ମାର୍ଚ୍ଚ ୨୫ ତାରିଖରେ କଟକ ସଦର ଥାନାରେ ପିଡିତାର ପରିବାର ପକ୍ଷରୁ ଲିଖିତ ଅଭିଯୋଗ କରାଯାଇଥିଲା । ପୋଲିସ୍ ଘଟଣାର ତଦନ୍ତ କରି ୨୦୧୮ ମସିହା ଅଗଷ୍ଟ ୭ ତାରିଖରେ ଆସାମୀ ବିରୋଧରେ କୋର୍ଟରେ ଅଭିଯୋଗଫର୍ଦ୍ଦ ଦାଖଲ କରିଥିଲାବେଳେ ୨୦୨୩ ମସିହା ମାର୍ଚ୍ଚ ୨୫ ତାରିଖରେ ଆସାମୀକୁ ଗିରଫ କରିଥିଲା । ରାଜ୍ୟ ସରକାରଙ୍କ ପକ୍ଷରୁ ଏହି ମାମଲାକୁ ସ୍ୱତନ୍ତ୍ର ପବ୍ଲିକ୍ ପ୍ରସିକ୍ୟୁଟର୍ ରମେଶ ଚନ୍ଦ୍ର ମହାନ୍ତି ପରିଚାଳନା କରୁଥିଲେ ।

## ବାଲାସାହେବ ଦେବରସଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କଲେ ଧର୍ମେନ୍ଦ୍ର

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଆରଏସଏସର ତୃତୀୟ ସରସଂଘଚାଳକ ବାଲାସାହେବ ଦେବରସଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଛନ୍ତି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । ଏକ୍ସ ହ୍ୟାଣ୍ଡେଲରେ କେନ୍ଦ୍ରମନ୍ତ୍ରୀ କହିଛନ୍ତି ଯେ, ସାମାଜିକ ସମରସତା ତଥା ରାଷ୍ଟ୍ରସେବା ପ୍ରତି ସଂକଳ୍ପିତ ଆରଏସଏସର ତୃତୀୟ ସରସଂଘଚାଳକ ପରମ ପୂଜ୍ୟ ବାଲାସାହେବ ଦେବରସଙ୍କ ଜୟନ୍ତୀ ଅବସରରେ ବିନମ୍ର ଶ୍ରଦ୍ଧାଞ୍ଜଳି । ବାଲାସାହେବ ତାଙ୍କ ବିଚାର ଓ କାର୍ଯ୍ୟରେ ସମାଜରେ ସମତା ଓ ସମରସତାର ମାର୍ଗ ପ୍ରଶସ୍ତ କରିଥିଲେ । ସେ ଜରୁରିକାଳୀନ ସମୟରେ ଗଣତାନ୍ତ୍ରିକ ଅଧିକାରର ରକ୍ଷା ପାଇଁ ନିର୍ଣ୍ଣାୟକ ଭୂମିକା ନିଭାଇଥିଲେ । ତାଙ୍କ ଜୀବନ ଦେଶପ୍ରେମ, ସେବା ଓ ତ୍ୟାଗର ଅନୁପମ ଉଦାହରଣ ଅଟେ, ଯାହା ଆମ ସମସ୍ତଙ୍କ ପାଇଁ ପ୍ରେରଣାର ସ୍ରୋତ ଅଟେ ।

## ବର୍ଷକୁ ବର୍ଷ ବଢିଛି ଗୋଚାଲାଣ ମାମଲା, ୫ବର୍ଷରେ ରୁଜୁ ହୋଇଛି ୧୭୮୩ ମାମଲା

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ରାଜ୍ୟରେ ଗୋଚାଲାଣ ମାମଲା ବର୍ଷକୁ ବର୍ଷ ବଢୁଛି । ଗତ ୫ ବର୍ଷରେ ୧୭୮୩ ମାମଲା ରୁଜୁ ହୋଇଛି । ତେବେ ବର୍ତ୍ତମାନର ମୋହନ ମାଝୀ ସରକାର ଗୋ ଚାଲାଣକୁ ରୋକିବାକୁ ପଦକ୍ଷେପ ନେଉଛନ୍ତି । ମତ୍ସ୍ୟ ଓ ପଶୁ ସମ୍ପଦ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ ଏକ ପ୍ରଶ୍ନର ଉତ୍ତରରେ ଏହି ସୂଚନା ଦେଇଛନ୍ତି । ସେ କହିଛନ୍ତି ଯେ, ୨୦୧୯ରେ ୧୩୯ଟି ଗୋ ଚାଲାଣ ସମ୍ପର୍କିତ ମାମଲା ରୁଜୁ ହୋଇଥିବା ବେଳେ ୨୦୨୦ ରେ ୨୬୭ଟି ୨୦୨୧ ରେ ୩୭୧ଟି ମାମଲା ରୁଜୁ ହୋଇଥିଲା । ମାମଲା ସଂଖ୍ୟା ୨୦୨୨ ରେ ୩୮୬, ୨୦୨୩ ରେ ବଢ଼ି ୬୨୩ ରେ ପହଂଚିଛି । ତେବେ ଗୋ ସୁରକ୍ଷା ପାଇଁ ମୋହନ ସରକାର ଆନ୍ତ ମନ୍ତ୍ରୀ ସ୍ତରୀୟ କମିଟି ଗଠନ କରିଛନ୍ତି ବୋଲି ସେ କହିଛନ୍ତି ।

## ଓଡିଶା ପୋଲିସ ଫାୟାରମ୍ୟାନ୍ ଓ ପୋଲିସ୍ ଏସ୍ଆଇ ନିଯୁକ୍ତିରେ ଦୁର୍ନୀତିର ଗନ୍ଧ: ବିଜେଡି



ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ରାଜ୍ୟ ବିଜେପି ସରକାରଙ୍କ ବିଭିନ୍ନ ପ୍ରସଙ୍ଗରେ ବିଫଳତା ତାଲିକା ଦିନକୁ ଦିନ ଲମ୍ବା ହୋଇ ଚାଲିଥିବା ବେଳେ ରାଜ୍ୟ ପୋଲିସ୍ ବିଭାଗରେ ଫାୟାରମ୍ୟାନ ଭାବେ ୯୪୧ ଜଣଙ୍କୁ ନିଯୁକ୍ତି ଦିଆଯିବା ପ୍ରକ୍ରିୟା ଏକ ଗୁଜୁରାଟ କମ୍ପାନୀ ମାଧ୍ୟମରେ ହୋଇଥିବା ବେଳେ ଏଥିରେ ପଚାଶ କୋଟି ଟଙ୍କାର ଦୁର୍ନୀତି ହୋଇଥିବା ଅଭିଯୋଗ ଆସିଛି । ଏହି ଦୁର୍ନୀତି ବିଷୟରେ ବିଜେଡି ବିଧାୟକ ଧ୍ରୁବ ସାହୁ ଆଜି ବିଧାନସଭାରେ ନିଜ ବକ୍ତବ୍ୟରେ ସବିଶେଷ ତଥ୍ୟ ରଖିବା ସହ ଏହାର ଉଚ୍ଚସ୍ତରୀୟ ତଦନ୍ତ ଦାବି କରିଥିଲେ । ଏହି ନିଯୁକ୍ତି ଗୃହ ବିଭାଗ ଅଧୀନରେ ହୋଇଥିବାରୁ ଓ ଗୃହ ବିଭାଗର ଦାୟିତ୍ୱ ଖୋଦ୍ ମୁଖ୍ୟମନ୍ତ୍ରୀଙ୍କ ହାତରେ ଥିବାରୁ ମୁଖ୍ୟମନ୍ତ୍ରୀ ଏହା ଉପରେ ସ୍ପଷ୍ଟୀକରଣ ରଖିବା ପାଇଁ ବିଜୁ ଜନତା ଦଳ ତରଫରୁ ଏକ ପ୍ରେସ୍ ବିବୃତ୍ତି ମାଧ୍ୟମରେ ବିଜେଡି ମୁଖପାତ୍ର ତଥା ମିଡ଼ିଆ ସଂଯୋଜକ ଡଃ ଲେନିନ ମହାନ୍ତି ଦାବି କରିଛନ୍ତି । ରାଜ୍ୟ ଗୃହ ବିଭାଗ ଖୋଦ ମୁଖ୍ୟମନ୍ତ୍ରୀ ମୋହନ ମାଝୀଙ୍କ ହାତରେ ଥିବାବେଳେ ଏହି ଦୁର୍ନୀତି ଅଭିଯୋଗ ଉପରେ ସେ ସ୍ପଷ୍ଟୀକରଣ ରଖିବା ଉଚିତ ବୋଲି ଡଃ ମହାନ୍ତି କହିଛନ୍ତି । ଏହା ବ୍ୟତୀତ ଏହି ଦୁର୍ନୀତି ଅଭିଯୋଗର ଏକ ଉଚ୍ଚସ୍ତରୀୟ ତଦନ୍ତ କରାଯାଉ ଓ ରିଚ ମାଇଣ୍ଡ କମ୍ପାନୀକୁ କଳା ତାଲିକା ଭୁକ୍ତ କରାଯାଉ ବୋଲି ସେ ଦାବି କରିଛନ୍ତି ।

## ମହାପ୍ରସାଦ ଦର ହ୍ରାସ ଦାବି

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ମହାପ୍ରସାଦର ଦର ହ୍ରାସ ନେଇ ଶୂନ୍ୟକାଳ ଆଲୋଚନା ବେଳେ ଗୃହରେ ଦାବି କରିଛନ୍ତି ବିଜେଡି ବିଧାୟକ ସୁନିଲ ମହାନ୍ତି । ଓମ୍ଫେଡ ଘିଅ ବ୍ୟବହାର ପାଇଁ ମନ୍ଦିରରେ ନିର୍ଦ୍ଦେଶ ଦିଆଯାଇଛି । କିନ୍ତୁ ତାର ଦାମ ବହୁତ । ଯାହା ଅବଢ଼ା ପ୍ରସ୍ତୁତରେ ପ୍ରଭାବ ପକାଉଛି । ମହାସୁଆରଙ୍କ ସହ ଆଲୋଚନା କରି ତାଙ୍କୁ ସବ୍‌ସିଡି ଜରିଆରେ ଘିଅ ଯୋଗାଇ ଦେବାର ଆବଶ୍ୟକ ରହିଛି । ଭକ୍ତ ଦର୍ଶନ ପାଇଁ ଗଲେ ପୁଣ୍ୟ ପ୍ରାପ୍ତି ପାଇଁ ମହାପ୍ରଭୁଙ୍କ ମହାପ୍ରସାଦ ସେବନ କରିଥାନ୍ତି । କିନ୍ତୁ ଦରବୃଦ୍ଧି ଯୋଗୁଁ ଏବେ ସେଥିରେ ବାଧା ଉପୁଜୁଛି । ବୈଠକ କରି ମହାପ୍ରସାଦ ଉପରେ ଆଲୋଚନା କରିବା ପାଇଁ ଦାବି କରୁଛି ବୋଲି ପୁରୀ ବିଧାୟକ କହିଛନ୍ତି।

## ସ୍ଥାନୀୟ ଟିଟିଏସ୍ ବୁଲିଦେଖିଲେ ନଗର ଉନ୍ନୟନ ମନ୍ତ୍ରୀ



ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ବୁଧବାର ପୂର୍ବାହ୍ନରେ ସ୍ଥାନୀୟ ଟିଟିଏସ୍ ବୁଲି ଦେଖିଛନ୍ତି ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ଡାକ୍ତର କୃଷ୍ଣଚନ୍ଦ୍ର ମହାପାତ୍ର । ଏହି ଅବସରରେ ଉପସ୍ଥିତ ଥିଲେ ଏକାମ୍ର ବିଧାୟକ ବାବୁ ସିଂ, ମେୟର ସୁଲୋଚନା ଦାସ, କମିଶନର ବିଏମ୍‌ସି ରାଜେଶ ପ୍ରଭାକର ପାଟିଲ, ଷ୍ଟାଣ୍ଡିଂ କମିଟି ଅଧ୍ୟକ୍ଷ ବିରଞ୍ଚି ନାରାୟଣ ମହାସୁପକାର, ଅତିରିକ୍ତ କମିଶନର ଶୁଭେନ୍ଦୁ କୁମାର ସାହୁ, ସିଟି ଇଞ୍ଜିନିୟର ବିକାଶ କୁମାର ବେହେରା, ବହୁ କର୍ପୋରେଟର ଏବଂ ନେତୃବୃନ୍ଦ । ଭୁବନେଶ୍ୱରରେ ପରିମଳ ପରିଚାଳନା କିପରି ଚାଲିଛି ଏବଂ ବିଶେଷ କରି ଟିଟିଏସ୍ ଠାରେ ସହରର ଅଳିଆ କିପରି ପ୍ରକ୍ରିୟା କରଣ କରାଯାଉଛି ଏହି ବାବଦରେ ଏକ ନକ୍ସା ଦେଖାଇ ସମସ୍ତଙ୍କ ଉପସ୍ଥିତିରେ ମନ୍ତ୍ରୀଙ୍କୁ ବୁଝାଇଥିଲେ ଡେପୁଟି କମିଶନର ଡଃ. ମନୋରଞ୍ଜନ ସାହୁ । ଏହା ସରକାରଙ୍କର ନୀତି ନିୟମ ଅନୁଯାୟୀ କରାଯାଉଛି । ଜାତୀୟ ଗ୍ରୀନ୍ ଟ୍ରିବ୍ୟୁନାଲଙ୍କ ନିର୍ଦ୍ଦେଶ ଓ.ଏ. ନମ୍ବର ୬୦୬/୨୦୧୮ ଏବଂ ପରବର୍ତ୍ତୀ ସମୟରେ ଓଡିଶାର ମୁଖ୍ୟ ଶାସନ ସଚିବଙ୍କ ଦ୍ୱାରା ସତ୍ୟପାଠ ଦାଖଲ ପରେ ବିଏମସି ତା ୧୭.୦୫.୨୦୨୩ ରିଖଠାରୁ ଭୁଆଶୁଣୀଠାରେ ବର୍ଜ୍ୟବସ୍ତୁ ପକାଇବା ବନ୍ଦ କରିଛି । ବର୍ତ୍ତମାନ ବିଏମସି ଅଞ୍ଚଳରେ ଦୈନିକ ୮୦୦ ମେଟ୍ରିକ୍ ଟନ୍ ବର୍ଜ୍ୟ ସଂଗ୍ରହ ହେଉଛି । ସେଥିରୁ ୩୮୪ ଟନ୍ ଓଦା ବର୍ଜ୍ୟ ଏବଂ ୪୧୬ ଟନ୍ ଶୁଖିଲା ବର୍ଜ୍ୟବସ୍ତୁ ରହିଛି । ବିଏମସିର ୩୭ ଟିଏମ୍‌ସିରେ ପ୍ରାୟ ୧୨୦ ଟନ୍ ଓଦା ବର୍ଜ୍ୟବସ୍ତୁ ପ୍ରକ୍ରିୟାକରଣ ହେଉଥିବା ବେଳେ ୨୨ଟି ଏମ୍‌ଆର୍‌ଏଫ୍‌ରେ ୧୩୦ ମେଟ୍ରିକ ଟନ୍ ଶୁଖିଲା ବର୍ଜ୍ୟବସ୍ତୁ ପ୍ରକ୍ରିୟାକରଣ ହେଉଛି । ଏହାପରେ ମନ୍ତ୍ରୀ ଟିଟିଏସ୍‌ର ବିଭିନ୍ନ କାର୍ଯ୍ୟକଳାପ ବୁଲି ଦେଖିଥିଲେ । ପଳାଶୁଣୀଠାରେ ୫ ମେଟ୍ରିକ ଟନ୍ ଗୃହ ନିର୍ମାଣ ଓ ଭଗ୍ନାବଶେଷ ବର୍ଜ୍ୟବସ୍ତୁ ଏବଂ ୨.୫ ଟନ୍ , କମ୍ ମୂଲ୍ୟଯୁକ୍ତ ପ୍ଲାଷ୍ଟିକ୍ ବର୍ଜ୍ୟବସ୍ତୁରୁ ପେଭର ବ୍ଲକ ଉତ୍ପାଦନ ପାଇଁ ଏକ ୟୁନିଟ୍ ପ୍ରତିଷ୍ଠା କରାଯିବ । ୫୦ ଟିପିଡି କ୍ଷମତା ବିଶିଷ୍ଟ ୬ଟି ଆଧୁନିକ ବର୍ଜ୍ୟବସ୍ତୁ ସ୍ଥାନାନ୍ତର କେନ୍ଦ୍ର ବିଏମ୍‌ସି ଦ୍ୱାରା ପ୍ରତିଷ୍ଠା କରାଯିବ ବୋଲି ଜଣାପଡିଛି ।



"ଧନ, ଜନ, ଯୌବନରେ ତିଳେ ମାତ୍ର ଗର୍ବ କର ନାହିଁ। କାରଣ କାଳ ଏହାକୁ ହରଣ କରିନିଏ।"
-ଆଦି ଶଙ୍କରାଚାର୍ଯ୍ୟ



"ସମାନତା ଏକ କଳ୍ପନା ହୋଇପାରେ କିନ୍ତୁ ତଥାପି ତାକୁ ଏକ ଶାସକୀୟ ସିଦ୍ଧାନ୍ତ ରୂପେ ସ୍ୱୀକାର କରିବା ଉଚିତ୍।"
-ବି.ଆର୍. ଆମ୍ବେଦକର



## ବିଦାୟ ନେଲେ ଶକ୍ତିକାନ୍ତ

# ନୂତନ ଆରବିଆଇ ଗଭର୍ଣ୍ଣରଙ୍କ ଆଗରେ ଆହ୍ୱାନ

ଆମ ଦେଶର ଅର୍ଥନୀତି ଏବେ ଏକ ଘଡ଼ିସନ୍ଧି ମୁହୂର୍ତ୍ତ ଦେଇ ଗତି କରୁଥିବା ବେଳେ ଭାରତୀୟ ରିଜର୍ଭ ବ୍ୟାଙ୍କର ୨୫ତମ ଗଭର୍ଣ୍ଣର ପଦବୀରୁ ମଙ୍ଗଳବାର ଅବସର ନେଇଛନ୍ତି ଶକ୍ତିକାନ୍ତ ଦାସ। ଗତ ୨୦୧୮ ମସିହାରେ ଓଡ଼ିଶାର ଅଧିବାସୀ ଶକ୍ତିକାନ୍ତଙ୍କୁ ୩ ବର୍ଷ ପାଇଁ ଏହି ଗୁରୁତ୍ୱପୂର୍ଣ୍ଣ ପଦରେ ନିଯୁକ୍ତି ମିଳିଥିବା ବେଳେ ୨୦୨୧ରେ ତାଙ୍କ କାର୍ଯ୍ୟକାଳକୁ ଆଉ ୩ ବର୍ଷ ବୃଦ୍ଧି କରାଯାଇଥିଲା। ଏଭଳି ଭାବରେ ଗତ ୬ବର୍ଷ ମଧ୍ୟରେ ସେ ଦକ୍ଷତାର ସହ କାର୍ଯ୍ୟ ପରିଚାଳନା କରିବା ସହିତ ମହାମାରୀ କରୋନା, ରୁଷ-ୟୁକ୍ରେନ୍ ଯୁଦ୍ଧ, ଇସ୍ରାଏଲ-ହମାସ୍ ଯୁଦ୍ଧର ପ୍ରଭାବରୁ ଭାରତୀୟ ଅର୍ଥନୀତିକୁ ସଫଳତାର ସହ ପରିଚାଳନା କରିଥିଲେ। ଶକ୍ତିକାନ୍ତଙ୍କ ସ୍ଥାନରେ ଭାରତୀୟ ରାଜସ୍ୱ ସେବା ମନ୍ତ୍ରଣାଳୟର ପ୍ରମୁଖ ଶାସନ ସଚିବ ସଞ୍ଜୟ ମାଲହୋତ୍ରାଙ୍କୁ ଆରବିଆଇର ୨୬ତମ ଗଭର୍ଣ୍ଣର ରୂପେ ଅବସ୍ଥାପିତ କରାଯାଇଛି। ଆମ ଦେଶର ଅର୍ଥନୀତି ଏବେ ଏକ ଖରାପ ସମୟ ଦେଇ ଗତି କରୁଥିବାବେଳେ ରିଜର୍ଭ ବ୍ୟାଙ୍କର ସର୍ବୋଚ୍ଚ ପଦବୀରେ ପରିବର୍ତ୍ତନ ନିଶ୍ଚିତ ଭାବରେ ଗୁରୁତ୍ୱ ବହନ କରୁଛି। ଗୋଟିଏ ପଟେ ମୋଟ ଘରୋଇ ଉତ୍ପାଦ (ଜିଡିପି) ହ୍ରାସ ପାଉଥିବା ବେଳେ ଅନ୍ୟପଟେ ମୁଦ୍ରାସ୍ଫୀତି ବୃଦ୍ଧି ପାଇ ଚରମ ସୀମାରେ ପହଞ୍ଚିଛି। ସେଥିରେ ପୁଣି ଆମେରିକୀୟ ମୁଦ୍ରା ଡଲାର ତୁଳନାରେ ଭାରତୀୟ 'ଟଙ୍କା'ର ବିନିମୟ ମୂଲ୍ୟ କ୍ରମାଗତ ଭାବରେ ହ୍ରାସ ପାଇବା ଉଦବେଗର କାରଣ ସାଜିଛି। ଆମ ଦେଶର ଅର୍ଥ ବ୍ୟବସ୍ଥାକୁ ସମଗ୍ର ବିଶ୍ୱର ତୃତୀୟ ବୃହତ୍ ଅର୍ଥ ବ୍ୟବସ୍ଥାରେ ପହଞ୍ଚାଇବା ପାଇଁ କେନ୍ଦ୍ରର ମୋଦି ସରକାର ଲକ୍ଷ୍ୟ ରଖିଥିବା ବେଳେ ଅର୍ଥନୀତିର ଏଭଳି ନିମ୍ନମୁଖୀ ଗତି କିଛିଟା ନିରାଶାର ଚିତ୍ର ପ୍ରଦାନ କରୁଛି। ଗତ ସପ୍ତାହରେ ପ୍ରକାଶିତ ତଥ୍ୟ ଅନୁଯାୟୀ ଚଳିତ ଆର୍ଥିକ ବର୍ଷର ଜୁଲାଇ-ସେପ୍ଟେମ୍ବର ତ୍ରୈମାସରେ ଦେଶର ଆର୍ଥିକ ଅଭିବୃଦ୍ଧି ୫.୪ ପ୍ରତିଶତକୁ ଖସି ଆସିଛି। ଗତ ଦୁଇବର୍ଷ ମଧ୍ୟରେ ଏହି ହାର ସର୍ବନିମ୍ନ ବୋଲି ଅର୍ଥନୀତିଜ୍ଞମାନେ ମତ ରଖୁଛନ୍ତି। ଏହା ପୂର୍ବରୁ ଗତ ୨୦୨୨-୨୩ ଆର୍ଥିକ ବର୍ଷର ଅକ୍ଟୋବର-ଡିସେମ୍ବର ତିନିମାସରେ ଜିଡିପି ଅଭିବୃଦ୍ଧି ହାର ୪.୩ ପ୍ରତିଶତ ରହିଥିଲା। ଉତ୍ପାଦନ କ୍ଷେତ୍ରରେ ଖରାପ ପ୍ରଦର୍ଶନ ଓ ବ୍ୟବସାୟରେ ମନ୍ଥରତା ସାମଗ୍ରିକ ଭାବରେ ଦେଶର ଅର୍ଥନୀତିକୁ ମନ୍ଥର କରିଦେଉଛି। ଅନ୍ୟପକ୍ଷରେ ମୁଦ୍ରାସ୍ଫୀତି କ୍ଷେତ୍ରରେ ଗ୍ରାହକ ମୂଲ୍ୟ ସୂଚକାଙ୍କ ଭିତ୍ତିରେ ମୁଦ୍ରାସ୍ଫୀତି ଅକ୍ଟୋବର ମାସରେ ୬.୨୧ ପ୍ରତିଶତକୁ ବୃଦ୍ଧି ପାଇଛି, ଯାହା ବିଗତ ୧୪ମାସ ମଧ୍ୟରେ ସର୍ବୋଚ୍ଚ ସ୍ତର ବୋଲି କୁହାଯାଉଛି। ପୂର୍ବବର୍ତ୍ତୀ ସେପ୍ଟେମ୍ବର ମାସରେ ଏହି ହାର ୫.୪୯ ପ୍ରତିଶତ ରହିଥିବା ସ୍ଥଳେ ବିଭିନ୍ନ ଖାଦ୍ୟ ସାମଗ୍ରୀର ମୂଲ୍ୟବୃଦ୍ଧି ଯୋଗୁଁ ମୁଦ୍ରାସ୍ଫୀତି ବଢ଼ିବାର ଧାରା ଆରମ୍ଭ ହୋଇଛି। ଗତବର୍ଷ ଅକ୍ଟୋବର ମାସରେ ଏହି ହାର ମାତ୍ର ୪.୮୭ ପ୍ରତିଶତ ଥିବାବେଳେ ଚଳିତବର୍ଷ ଏଥିରେ ଯଥେଷ୍ଟ ବୃଦ୍ଧି ଘଟିବା ଚିନ୍ତାର କାରଣ ହୋଇଛି। ମୁଦ୍ରାସ୍ଫୀତି ହାର ବୃଦ୍ଧି ପାଇଥିବାରୁ ଭାରତୀୟ ରିଜର୍ଭ ବ୍ୟାଙ୍କ (ଆର୍.ବି.ଆଇ) ଏଥର ମଧ୍ୟ ସୁଧହାର ହ୍ରାସ କରିନାହିଁ। କିଛିଦିନ ପୂର୍ବେ ଆମେରିକୀୟ ଡଲାର ତୁଳନାରେ ଭାରତୀୟ ମୁଦ୍ରା ଟଙ୍କାର ବିନିମୟ ମୂଲ୍ୟ ୮୪ଟଙ୍କା ୭୧ ପଇସା ରହିଥିଲା, ଯାହାକି ସର୍ବକାଳୀନ ନିମ୍ନସ୍ତର ରୂପେ ବିବେଚିତ ହେଉଛି। ଗୋଟିଏ ପଟେ ବିଶ୍ୱ ବଜାରରେ ଏବେ ଡଲାର୍ ଖୁବ୍ ମଜବୁତ ସ୍ଥିତିରେ ଥିବାବେଳେ ଅନ୍ୟପଟେ ବିଦେଶୀମାନେ ଭାରତୀୟ ବଜାରରୁ ବିଦେଶୀ ପୁଞ୍ଜି କ୍ରମାଗତ ଭାବରେ ପ୍ରତ୍ୟାହାର କରିନେବା 'ଟଙ୍କା' ଦୁର୍ବଳ ହେବାର ମୁଖ୍ୟ କାରଣ ବୋଲି ଜଣାପଡ଼ିଛି। ଏହାରି ଭିତରେ ଆସନ୍ତା ଜାନୁଆରୀ ମାସରେ ଶାସନ ଦାୟିତ୍ୱ ଗ୍ରହଣ କରିବାକୁ ଯାଉଥିବା ଆମେରିକାର ନବନିର୍ବାଚିତ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଏକ ଧମକପୂର୍ଣ୍ଣ ବାଣୀ ଭାରତ ସମେତ 'ବ୍ରିକସ୍' ଗୋଷ୍ଠୀଭୁକ୍ତ ଦେଶଗୁଡ଼ିକ ପାଇଁ ମୁଣ୍ଡବ୍ୟଥାର କାରଣ ପାଲଟିଛି। ଟ୍ରମ୍ପ ଧମକ ଦେଇଛନ୍ତି ଯେ, ବ୍ରିକ୍ସ ରାଷ୍ଟ୍ରଗୁଡ଼ିକ ଯଦି ଆମେରିକୀୟ ଡଲାରକୁ ଦୁର୍ବଳ କରିବା ପାଇଁ କାର୍ଯ୍ୟ କରନ୍ତି, ତେବେ ଆମେରିକା ସେହିସବୁ ଦେଶରୁ ସାମଗ୍ରୀ ଆମଦାନି ଉପରେ ଶତପ୍ରତିଶତ (୧୦୦%) ଶୁଳ୍କ ଧାର୍ଯ୍ୟ କରିବ। ତାଙ୍କର ଏହି ଧମକ ପରୋକ୍ଷରେ ଭାରତକୁ ଆର୍ଥିକ କ୍ଷତି ପହଞ୍ଚାଇବ, କାରଣ ୨୦୨୩-୨୪ ଆର୍ଥିକ ବର୍ଷରେ ଆମେରିକା ସହ ଭାରତର ସର୍ବାଧିକ ବାଣିଜ୍ୟ ଭାଗିଦାରୀ ରହିଥିଲା। ମୋଟାମୋଟି ଭାବରେ ଅର୍ଥନୀତି କ୍ଷେତ୍ରରେ ଏଭଳି ଅନେକ ଗୁଡ଼ିଏ ନକାରାତ୍ମକ ସଂକେତ ଦେଖିବାକୁ ମିଳୁଛି, ଯାହା ଆଗାମୀ ଦିନରେ ଆମ ପାଇଁ ସମସ୍ୟା ସୃଷ୍ଟି କରିପାରେ। ଠିକ୍ ଏହି ସମୟରେ ରିଜର୍ଭ ବ୍ୟାଙ୍କର ମୁଖ୍ୟଙ୍କ ପରିବର୍ତ୍ତନ ଆର୍ଥିକ ସ୍ଥିତିକୁ ସୁଧାରିବାରେ କେତେଦୂର ସହାୟକ ହେଉଛି ତାହା ଖୁବ୍ଶୀଘ୍ର ଜଣାପଡ଼ିବ। ତେବେ ନୂତନ ଗଭର୍ଣ୍ଣର ସଞ୍ଜୟ ମାଲହୋତ୍ରାଙ୍କ ଆଗରେ ଅନେକ ଗୁଡ଼ିଏ ଆହ୍ୱାନ ରହିଥିବା ବେଳେ ତାଙ୍କୁ ସେ ସୁଚାରୁରୂପେ ପରିଚାଳନା କରିବେ ବୋଲି ଆଶା କରାଯାଉଛି।

# ରାଜ୍ୟରେ ମହିଳା ସଶକ୍ତୀକରଣ- ଏକ ଦୃଷ୍ଟିପାତ



ଉମାଶଙ୍କର ପ୍ରସାଦ
ସମ୍ପାଦକ, ମାର୍ଗଦର୍ଶୀ, ଖୋର୍ଦ୍ଧା
ମୋ: ୬୩୭୦୬୭୫୫୬୨

ସଂସାରରେ ନାରୀ ଏକାଧାରରେ ଜାୟା, ଜନନୀ ଏବଂ ଭଗିନୀ ଭୂମିକା ସମ୍ପାଦନ କରିଚାଲେ; ତାହା ହିଁ ତା'ପକ୍ଷରେ ଗ୍ରହଣୀୟ। ସମସ୍ତ ପରିବାରରେ ନାରୀ ଏବଂ ପୁରୁଷଙ୍କର ଭୂମିକାର ସମାନ ଗୁରୁତ୍ୱ ରହିଛି। ନାରୀ ଏବଂ ପୁରୁଷ ବିପରୀତ ଲିଙ୍ଗ ହେଲେ ସୁଦ୍ଧା ପାରିବାରିକ ଏବଂ ସାମାଜିକ କ୍ଷେତ୍ରରେ କର୍ମ ଦୃଷ୍ଟିରୁ କେହି କାହାଠାରୁ ଊଣା ନୁହନ୍ତି କି ଅଧିକ ନୁହନ୍ତି। ପ୍ରାଚୀନ କାଳରେ ଲିଙ୍ଗଗତ ବିଭେଦ ଦୃଷ୍ଟିରୁ ନାରୀକୁ କେବଳ ପରିବାର ମଧ୍ୟରେ ଆବଦ୍ଧ ରଖି ପୁରୁଷର ଦାସୀ ଭାବେ ଖଟିବାକୁ ଜୋର୍ ଦିଆଯାଉଥିଲା। ଏହି ପ୍ରଥାକୁ ଖ୍ରୀଷ୍ଟୀୟ ଷୋଡଶ ଶତାବ୍ଦୀରେ ସାରସ୍ୱତ ସାଧକ ବଳରାମ ଦାସ ନିଜର ସାରସ୍ୱତ ସାଧନା ବଳରେ ବିରୋଧ କରିବା ସହ ରଚନା କରିଥିଲେ "ଲକ୍ଷ୍ମୀପୁରାଣ" ଯେଉଁଥିରେ ଜଗତର ନାଥ ଜଗନ୍ନାଥ ଓ ବଳଭଦ୍ରଙ୍କର ଲକ୍ଷ୍ମୀଙ୍କ ପ୍ରତି କରିଥିବା ଅପବ୍ୟବହାରର ଲକ୍ଷ୍ମୀ କିପରି ସେମାନଙ୍କୁ ସମୁଚିତ ଶିକ୍ଷା ଦେଇଥିଲେ ତାହାକୁ ଅତି ନିଖୁଣ ଭାବରେ କବିତାର ଛନ୍ଦରେ ଛନ୍ଦିଦେଇ ସମାଜରେ ଆଦୃତ ଲାଭ କରିଥିଲେ। ଯଦିଓ ଏହା ଏକ କ୍ଷୁଦ୍ର ପୁସ୍ତକଟିଏ ତଥାପି ଆଜି ମଧ ଏହା ପୁରପଲ୍ଲୀରେ ପ୍ରତି ଘରେ ଘରେ ମାର୍ଗଶୀର ମାସରେ ପ୍ରତିଟି ମହିଳାଙ୍କ ହୃଦୟରେ ଏକ ସ୍ୱତନ୍ତ୍ର ସ୍ଥାନ ଅଧିକାର କରିପାରିଛି। ନାରୀ ଶକ୍ତିକୁ ଅବମାନନା କରି ଦୁଇଟି ମହାଶକ୍ତି କିପରି ଦରଦ୍ରତାର ଶିକାର ହେବା ସହ ଭିକ୍ଷାବୃତ୍ତି କରିଥିଲେ ଏହା ହିଁ ଥିଲା ସମାଜକୁ ଏକ ଶିକ୍ଷା। ଆଜି ଆଉ ସେ ସମୟ ନାହିଁ, ଆମ ଭାରତ ବର୍ଷରେ ଆଧୁନିକ ସ୍ପର୍ଶରେ ପାରିବାରିକ ନୀତି, ଆଦର୍ଶ ଯେତେବେଳେ ବଦଳିବାକୁ ଲାଗିଲା ସେତେବେଳେ ନାରୀ ଆଉ ଘରର ଚାରିକାନ୍ଥ ମଧ୍ୟରେ ଆବଦ୍ଧ ହୋଇ ରହିନାହିଁ। ସେ ପରିବାରର ଦାୟିତ୍ୱ ସହ ପୁରୁଷ ଭଳି ସମାଜର ସବୁ କ୍ଷେତ୍ରରେ ତା' ଅଧିକାର ସାବ୍ୟସ୍ତ କରବାକୁ ଚାହିଁଲା। ଆଜି ନାରୀ ପୁରୁଷର ବିପରୀତ ଲିଙ୍ଗରେ ଅବତୀର୍ଣ୍ଣ ହୋଇ ସୁଦ୍ଧା ପରିବର୍ତ୍ତିତ ସ୍ଥିତିରେ ଭାରତ ବକ୍ଷରେ ଭାରତ ମାତାର ସୁକନ୍ୟା ରୂପେ ପୁରୁଷ ପରି ସମସ୍ତ କର୍ତ୍ତବ୍ୟ ପ୍ରତିପାଦନ କରିବାକୁ ସମର୍ଥ ହୋଇପାରିଛି। ତା'ର ପାରଦର୍ଶିତା ବଳରେ ସମାଜର ପ୍ରତ୍ୟେକ କ୍ଷେତ୍ରରେ ନିଜକୁ ବିସ୍ତାରିତ କରି ଚାଲିଛି। ବିଭାଗୀୟ ଦପ୍ତରର ପିଅନ ଠାରୁ ନେଇ ଉଚ୍ଚପଦସ୍ଥ ଅଧିକାରୀ ପର୍ଯ୍ୟନ୍ତ ସମସ୍ତ ଦାୟିତ୍ୱକୁ ଅତି ନିଖୁଣ ଭାବରେ ତୁଲାଇ ଚାଲିଛି। ରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀ, ମୁଖ୍ୟମନ୍ତ୍ରୀ, ବିଚାରପତି, ବାୟୁସେନା, ନୌସେନା ଆଦି ବିଭାଗ ସାଙ୍ଗକୁ ଚଳଚ୍ଚିତ୍ର କ୍ଷେତ୍ରରେ ମଧ ନାରୀ ସମାଜର ଉତ୍କର୍ଷତା ବଢ଼ାଇବାରେ ଲାଗିଛି। ଇତିହାସ ପୃଷ୍ଠାକୁ ରୋମନ୍ଥନ କଲେ କେତେ ମହିୟସୀ ବୀରା ରମଣୀ ରାଜ୍ୟ ଶାସନରେ ତଥା ରଣକ୍ଷେତ୍ରରେ ନିଜର ପାରଦର୍ଶିତା ପ୍ରକଟ କରି ସେମାନଙ୍କ ନାମକୁ ଇତିହାସ ପୃଷ୍ଠାରେ ଲିପିବଦ୍ଧ କରିଛନ୍ତି।

ତେବେ ନାରୀ ଜାଗରଣର ଗତି ଆମ ଦେଶରେ ଗୋଟିଏ ଦିଗରେ ସ୍ରୋତ ମୁଖର ହୋଇ ବହି ଚାଲିଥିଲାବେଳେ ଅନ୍ୟ ଦିଗରେ ଏହି ସ୍ରୋତ ବେଳୁ ବେଳ ପ୍ରତିରୋଧକାରୀ ଶକ୍ତିର ସମ୍ମୁଖୀନ ହୋଇ ଦୁର୍ବଳ ହେବାର ଦେଖାଯାଏ। ସାକ୍ଷରତା, ନାରୀ ସଂଖ୍ୟାରେ ହ୍ରାସ ଓ ରାଜ୍ୟ ଅର୍ଥନୀତିରେ ମହିଳାମାନଙ୍କର ସଂଖ୍ୟା ହ୍ରାସ ଏହାର ପ୍ରଧାନ କାରଣ। ୧୯୫୦ ମସିହାରୁ ରାଜ୍ୟ ସରକାରଙ୍କର ଆଭିମୁଖ୍ୟ ଥିଲା, ମହିଳାମାନଙ୍କ ନିମନ୍ତେ ବିକାଶମୂଳକ କାର୍ଯ୍ୟକ୍ରମର ସଫଳ ରୂପାୟନ, ମାତ୍ର ୧୯୯୦ ମସିହାଠାରୁ ଏହି ଆଭିମୁଖ୍ୟ ସଶକ୍ତିକରଣ ଆଡ଼କୁ ଗତି କରିଛି। ସମାଜରେ ନାରୀକୁ ସଶକ୍ତିକରଣ କରିବା ପାଇଁ ସରକାରଙ୍କ ପ୍ରଚେଷ୍ଟା ଜାରି ରହିଛି ତଥାପି ପୁରୁଷ ପ୍ରଧାନ ସମାଜରେ ନାରୀର ସ୍ଥିତିରେ ସେତେଟା ଉନ୍ନତି ପରିଲିକ୍ଷିତ ହୋଇ ପାରିନାହିଁ। ନାରୀ ସ୍ୱାକ୍ଷରତା ହାର ୧୯୯୧ ମସିହାରେ ଶତକଡା ୪.୫ ଥିବାବେଳେ ୨୦୦୧ ମସିହାରେ ତାହା ଶତକଡା ୫୦ ଦଶମିକ ୯୭ରେ ପହଞ୍ଚିଥିଲା। ୨୦୦୧ ଜନଗଣନା ଅନୁଯାୟୀ ଓଡ଼ିଶାରେ ଶତକଡା ୩୧ ଦଶମିକ ୨୧ ଶିକ୍ଷିତ ମହିଳା କାର୍ଯ୍ୟ କରୁଥିଲେ। ଆଜି ସମୟର ଅଭୁତ ପରିବର୍ତ୍ତନ ଫଳରେ ୨୦୧୧ ଜନଗଣନା ଅନୁସାରେ ଆମ ରାଜ୍ୟ ଓଡ଼ିଶାର ମହିଳା ଶିକ୍ଷିତଙ୍କ ହାର ୬୪.୦୧%ରେ ପହଞ୍ଚିଛି। ୧୯୫୩ ମସିହାରେ ଗଠିତ କେନ୍ଦ୍ର ସମାଜ ମଙ୍ଗଳ ବୋର୍ଡର ଶାଖା ଭାବେ ବିଭିନ୍ନ ରାଜ୍ୟରେ ଏହା ବିଭିନ୍ନ ସ୍ୱେଚ୍ଛାସେବୀ ସଂଗଠନ ମାଧ୍ୟମରେ ମହିଳା ଓ ଶିଶୁମାନଙ୍କ ନିମନ୍ତେ ଜନମଙ୍ଗଳ କାର୍ଯ୍ୟ କାର୍ଯ୍ୟକାରୀ କରି ଆସୁଛି। ଦ୍ୱିତୀୟ ପଞ୍ଚବାର୍ଷିକ ଯୋଜନା ସମୟରେ 'ମହିଳା ମଣ୍ଡଳ' ଗଠନ, ତୃତୀୟ ଓ ଚତୁର୍ଥ ପଞ୍ଚବାର୍ଷିକ ଯୋଜନା କାଳରେ ମହିଳା ମାନଙ୍କ ଶିକ୍ଷା, ପ୍ରାକ୍ ବିଦ୍ୟାଳୟର ଶିଶୁମାନଙ୍କ ପାଇଁ ପ୍ରତିଷେଧକ ବ୍ୟବସ୍ଥା, ଗର୍ଭବତୀ ମହିଳା ଓ ଶିଶୁ ମାନଙ୍କୁ ଖାଦ୍ୟ ଯୋଗାଇ ଦିଆଯାଇଥିଲା। ପଞ୍ଚବାର୍ଷିକ ଯୋଜନାରେ ଦାରିଦ୍ର ଦୂରିକରଣ ଓ ସ୍ୱରୋଜଗାରକ୍ଷମ ହେବା ନିମନ୍ତେ ପଦକ୍ଷେପ ନିଆ ଯାଇଥିଲା। ମହିଳାମାନଙ୍କ ପ୍ରତି ହେଉଥିବା ଅବିଚାର ଓ ଅସମାନତା ବିରୋଧରେ ଷଷ୍ଠ ପଞ୍ଚବାର୍ଷିକ ଯୋଜନାରେ ଅନେକ ପଦକ୍ଷେପ ଗ୍ରହଣ କରା ଯାଇଥିଲା। ଏହି ଯୋଜନା କାଳରେ ମହିଳାମାନଙ୍କ ନିମନ୍ତେ ନନ୍ ଫର୍ମାଲ ଶିକ୍ଷା ଓ ଭୋକେଶନାଲ ତାଲିମ କେନ୍ଦ୍ର ଖୋଲା ଯାଇଥିଲା। ସପ୍ତମ ପଞ୍ଚବାର୍ଷିକ ଯୋଜନା କାଳରେ ମହିଳାମାନଙ୍କ ସାମାଜିକ ଓ ଅର୍ଥନୈତିକ ଉନ୍ନତି ନିମନ୍ତେ ବିଭିନ୍ନ କାର୍ଯ୍ୟକ୍ରମ ଗ୍ରହଣ କରାଯାଇଥିଲା। ଅଷ୍ଟମ ପଞ୍ଚବାର୍ଷିକ ଯୋଜନା ସମୟରେ ସରକାରଙ୍କ ଆଭିମୁଖ୍ୟରେ ପରିବର୍ତ୍ତନ ଘଟି ତାହା ବିକାଶରୁ ସଶକ୍ତି କରଣରେ ପରିଣତ ହୋଇଥିଲା। ମହିଳା ସଶକ୍ତିକରଣ ଲକ୍ଷ୍ୟରେ ସାମ୍ବିଧାନିକ ପରିବର୍ତ୍ତନ କରାଯାଇ ସ୍ଥାନୀୟ ଓ ସ୍ୱାୟତ୍ତ ଶାସନ ନିର୍ବାଚନ କ୍ଷେତ୍ରରେ ଶତକଡା ୩୦ ଭାଗ ସ୍ଥାନ ସଂରକ୍ଷଣ କରାଯାଇଛି। ଗ୍ରାମାଞ୍ଚଳରେ ମହିଳାମାନଙ୍କୁ ସଚେତନ କରିବା ନିମନ୍ତେ କେନ୍ଦ୍ରରେ ଜାତୀୟ ମହିଳା କମିଶନ ଓ ରାଜ୍ୟସ୍ତରରେ ମହିଳା କମିଶନ କରାଯାଇ ମହିଳାବର୍ଗଙ୍କ ଉପରେ ହେଉଥିବା ବିଭିନ୍ନ ଅତ୍ୟାଚାରର ଦୂରୀକରଣ ପାଇଁ ପଦକ୍ଷେପ ନିଆଯାଇଛି।

ମହିଳାମାନଙ୍କର ସ୍ୱାସ୍ଥ୍ୟର ବିକାଶ ପାଇଁ କେତେକ ପ୍ରକଳ୍ପ ଯଥା- ମହିଳାମାନଙ୍କୁ ବୈଷୟିକ ପ୍ରଶିକ୍ଷଣ ଦ୍ୱାରା ରୋଜଗାରକ୍ଷମ, ୨) ମହିଳା ସେଲ୍ଫ ହେଲ୍ପ ଗ୍ରୁପ ଓ ସ୍ୱେଚ୍ଛାସେବୀ ସଂଗଠନ ଗଠନ, ୩) ମହିଳା ଓ ଶିଶୁମାନଙ୍କ ନିମନ୍ତେ ବିଭିନ୍ନ ସକରାତ୍ମକ ପଦକ୍ଷେପ ଗ୍ରହଣ ଭଳି ଅନେକ କାର୍ଯ୍ୟକ୍ରମ ହାତକୁ ନିଆଯାଇଛି। ମହିଳାମାନଙ୍କ ବିକାଶ ନିମନ୍ତେ ମହିଳା କମିଶନ, ରାଜ୍ୟ ସମାଜ କଲ୍ୟାଣ ପରାମର୍ଶ ବୋର୍ଡ, ମହିଳା ସମିତି, ଦୁଃସ୍ଥ ମହିଳାମାନଙ୍କ ସହାବସ୍ଥାନ, କର୍ମଜୀବୀ ମହିଳାମାନଙ୍କ ପାଇଁ ହଷ୍ଟେଲ, ପୌଢ଼ ଶିକ୍ଷା, ଭୋକେସନାଲ୍ ଟ୍ରେନିଂ କାର୍ଯ୍ୟକ୍ରମ, ସ୍ୱେଚ୍ଛାସେବୀ ଆକ୍ସନ ବ୍ୟୁରୋ ଓ ପାରିବାରିକ କାଉନ୍ସେଲିଂ କେନ୍ଦ୍ର, ରାଜ୍ୟ ବାର୍ଦ୍ଧକ୍ୟ ଭତ୍ତା କାର୍ଯ୍ୟକ୍ରମ ଓ ଜାତୀୟ ବାର୍ଦ୍ଧକ୍ୟ ପେନସନ୍ ଯୋଜନା, ମିଶନ ଶକ୍ତି ସ୍ୱୟଂ ସିଦ୍ଧ, ମହିଳା ବିକାଶ ସମବାୟ ନିଗମ ଓ କିଶୋରୀ ଶକ୍ତି ଯୋଜନା ଆଦି ସହିତ ଏବେ ସେଥି ସହିତ ସାମିଲ ହୋଇଛି ନୂତନ ବିଜେପି ସରକାରଙ୍କ 'ସୁଭଦ୍ରା ଯୋଜନା'। ମହିଳା ସସକ୍ତିକରଣ ନିମନ୍ତେ ରାଜ୍ୟରେ ଆରମ୍ଭ ହୋଇଥିବା ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଗୁଡିକର ସୁଦୃଢ଼ୀକରଣ ଏବଂ ଗୋଷ୍ଠୀ ଗଠନକୁ ଉତ୍ସାହିତ କରିବା ପାଇଁ ୨୦୦୧ ଆନ୍ତର୍ଜାତିକ ମହିଳା ଦିବସ ଅବସରରେ "ମିଶନ ଶକ୍ତି" ନାମକ ଏକ ସ୍ୱୟଂ ସହାୟକ ଯୋଜନା ଆରମ୍ଭ କରାଯାଇଛି। ୨୦୨୨ ଗଣନା ଅନୁସାରେ ଓଡ଼ିଶାରେ ମିଶନ ଶକ୍ତି କାର୍ଯ୍ୟକ୍ରମରେ ୭୦ ଲକ୍ଷ ଜଣ ସଦସ୍ୟା ଅଛନ୍ତି ଏବଂ ୬ ଲକ୍ଷରୁ ଊର୍ଦ୍ଧ୍ୱ ସ୍ୱୟଂ ସହାୟକ ଗୋଷ୍ଠୀ କାର୍ଯ୍ୟ କରୁଛନ୍ତି। ଜନଶ୍ରୀ ବୀମା ଯୋଜନାରେ ୯୦,୭୩୯ଟି ମହିଳା ସ୍ୱୟଂ ସହାୟକ ଗୋଷ୍ଠୀକୁ ଅନ୍ତର୍ଭୁକ୍ତ କରାଯାଇଛି। ବୌଦ୍ଧ ସମେତ କେ.ବି.କେ ଜିଲ୍ଲାର ୩୬ଟି ବ୍ଲକରେ ମହିଳାମାନଙ୍କୁ ଅଧିକ କ୍ଷମତା ଦେବା ପାଇଁ କେନ୍ଦ୍ରୀୟ ସହାୟତାରେ 'ସ୍ୱୟଂସିଦ୍ଧ ଯୋଜନା' କାର୍ଯ୍ୟକାରୀ ହୋଇଛି। ରାଜ୍ୟର ବିଭିନ୍ନ ସ୍ଥାନରେ ମହିଳାମାନଙ୍କ ପାଇଁ ହେଲ୍ପ ଲାଇନର ସୁବିଧା କରାଯାଇଛି। ଏଥିସହିତ ଅସାମାଜିକ କାର୍ଯ୍ୟକଳାପ ରୋକିବା ପାଇଁ ମହିଳା ଥାନା ପ୍ରତିଷ୍ଠା କରା ଯାଇଛି। କିନ୍ତୁ ବିଚାରର ବିଷୟ ଯେ ରାଜନୀତି କ୍ଷେତ୍ରରେ ଅର୍ଥାତ ସଂସଦ ବିଧାନ ପରିଷଦମାନଙ୍କରେ ନାରୀମାନଙ୍କ ପାଇଁ ୩୩ ପ୍ରତିଶତ ସ୍ଥାନ ଅନୁମୋଦନ ନହେବା ପର୍ଯ୍ୟନ୍ତ ଆମେ ନାରୀ ସଶକ୍ତିକରଣ ଦିଗରେ ଆଉ ପାଦେ ଆଗେଇ ପାରିବା ନାହିଁ।

# କଳିଯୁଗଙ୍କ କା'ରେ ସର୍ବତ୍ର ଲୀଳା



ଉତ୍କଳାନନ୍ଦ ଅଜୟ କୁମାର ବେହେରା
ପିସି ସରକାର ଲେନ୍, ଅରୁଣୋଦୟ ମାର୍କେଟ
କଟକ, ମୋ: ୯୪୩୭୦୩୧୨୫୩

'କା' ପ୍ରୟୋଗ ଅନେକ ଖେଳରେ କରାଯାଏ, ଖେଳ ଦୁଇ ଦଳ ମଧ୍ୟରେ ହୁଏ। ପ୍ରତ୍ୟେକ ଦଳରେ ସମାନ ସମାନ ଖେଳାଳୀ ରହନ୍ତି। କିଛି ଖେଳପ୍ରେମୀ ଦୁଇ ଦଳ ହେଲା ବେଳେ ସମାନ ସଂଖ୍ୟା ନ ହୋଇଥିଲେ ଏଇ କା'ର ଆଶ୍ରୟ ନିଆଯାଏ। ଖେଳରେ ଯେପରି କାଳି ଦେଇ ହାରିଗଲେ ସେ ଖେଳରେ ଆଉ ଭାଗ ନେଇ ପାରେ ନାହିଁ ଏ ପାଇଁ କା' ମାଗଣରେ ସେ ପୁନଃ ଖେଳି ପାରନ୍ତି। ଏହି କଳି ଯୁଗ, ଦେବତା ଯକ୍ଷଙ୍କ ପରି ବା ଭୁତ ପ୍ରେତ ପିଶାଚଙ୍କ ପରି ଅଦୃଶ୍ୟ। ଏଇ କା'ରେ କିନ୍ତୁ କଳିଯୁଗ କାମ କରୁଛି ବର୍ତ୍ତମାନ ଯୁଦ୍ଧାସ୍ତ୍ର, କାନୁନଧାରୀ ଓକିଲ ବିଚାରପତି ବିଚାରାଳୟ କଳିଯୁଗକୁ ସାକାର ଥିଲେ ଏପରି ଅନ୍ତ କରାନ୍ତେ ବା କାନୁନ ଲଗାନ୍ତେ ଯାହା ଉମର କଏଦୀ କଳିଯୁଗ ଭୋଗିବାକୁ ବାଧ ହୁଅନ୍ତେ।

କଳିଯୁଗର ରାଜ ଅନୁଗୃହୀତ ରାଜା ପରିକ୍ଷିତଙ୍କ ଗସ୍ତ କାଳରେ ହିଁ ହୋଇଥିଲା। ସେତେବେଳେ ଏକ ଖଞ୍ଜା ତିନି ଗୋଡ଼ର ଷଣ୍ଢ କଳିଯୁଗଙ୍କର ଅବଲମ୍ବନ ରୋଜଗାରର ଉତ୍ସ ଥିଲା। ପୂର୍ବେ ଗୋପ୍ରଜନନ କୃତ୍ରିମ ନଥିଲା ଷଣ୍ଢ ହିଁ ଗୋପାଳଙ୍କ ଗାଭୀ ଗର୍ଭଣୀ ପାଇଁ ଏକ ମାତ୍ର ପ୍ରୟୋଗ ଥିଲା। ଷଣ୍ଢ ଭ୍ରାମ୍ୟମାଣ ଜୀବ ଏହାକୁ ସର୍ବଦା ଏକ ସ୍ଥାନରେ କେହି କେବେ ଦେଖୁନଥିବେ। ଅତଏବ ସହଜରେ ଘର ପାଖ ଷଣ୍ଢ ହିଁ ଲୋକେ ପରିଶ୍ରମ କାତର ହୋଇ ନିଜର ଗାଭୀର ଷଣ୍ଢ ସଂଗତ ବେଳରେ ବୋବାଇବା ଶକୁନ ଦେଖି ବା ଶୁଣି ଷଣ୍ଢ ଅନ୍ୱେଷଣ କରି ଷଣ୍ଢ ସଂଗମ ଲିପ୍ତ କରାଇ ସ୍ୱ ଗାଭୀକୁ ଗର୍ଭବତୀ କରାଇଥାନ୍ତି। ଏପରି ପରିପ୍ରେକ୍ଷୀରେ କଳିଯୁଗର ଏହି ଖଞ୍ଜା ତିନିଗୋଡ଼ର ବୃଷଭକୁ ଗୋ ମିଳନର ଆଶ୍ରୟରେ କିଛି ପାଥେୟ ବଟି ଆଦାୟ କରି ନିତ୍ୟ ଗୁଜରାଣ ମେଣ୍ଟିବା ଥିଲା। ହଠାତ୍ ଏପରି ଷଣ୍ଢଟିକୁ ବିକଳରେ ଚାଲି ଚାଲିଯିବା ସହିତକୁ ଅଡ଼େଇ ଅଡ଼େଇ ନେଉଥିବା ବ୍ୟକ୍ତିକୁ ଜୀବ କୃପାଳୁ ପରୀକ୍ଷିତ କଳିଯୁଗର ସାକାର ରୂପ ଯାହା କାର୍ଯ୍ୟଖୋଜରେ ଅତିନ୍ୟୁନ ତତ୍କାଳ ଥିଲେ ତାକୁ ରାଜ ଆକଟ ଭଙ୍ଗିରେ ପଚାରିଲେ କିଓ ତମେ ଏପରି କଷ୍ଟ ଏ ଜୀବକୁ କାହିଁକି ଦେଉଛ ? କଳି ଯୁଗ କହିଲେ ହେ ସମ୍ରାଟ ମୁଁ ବୃତ୍ତି ହୀନ ମୋର କିଛି ବୃତ୍ତି ନଥିବାରୁ ଏ ଷଣ୍ଢ ହିଁ ମୋର ବର୍ତ୍ତମାନ ବୃତ୍ତିର ଅବଲମ୍ବନ ମାତ୍ର। ପରୀକ୍ଷିତ କହିଲେ ତମେ ରାଜ ସରକାରରେ କିଛି ଦରଖାସ୍ତ କରନାହିଁ କାହିଁକି ? କଳିଯୁଗ କହିଲେ ରାଜ ଦରବାରରେ ପହଞ୍ଚିବାକୁ ମୋର ସାମର୍ଥ୍ୟ ନାହିଁ। ପେଟ ତ ଭୋକରେ ପୀଡ଼ନ କରୁଛି ଏ ପାଇଁ ସମୟ ବି ନାହିଁ। ଅନପଢ଼ ରାଜ ଆଦେଶ କ'ଣ ଜାଣିବା କଷ୍ଟ ସାଧ ତେବେ ପରିସ୍ଥିତି ବୁଝି କହିଲେ କୁହ କ'ଣ ତମେ ପାଇଗଲେ ଏ ପ୍ରକାର ବୃତ୍ତି ତ୍ୟାଗ କରି ନୂଆ ଜୀବନ ବିତାଇବ। କଳିଯୁଗ କହିଲେ ହଜୁର ଦୟା କରିବେ ଯଦି ଅଭୟ ଦିଅନ୍ତୁ ମୁଁ ମାଗିବି ରାଜା ହିଁ ଭରିଲେ। ଅଭୟବାର୍ତ୍ତା ଦେଲେ କଳିଯୁଗ ତାଙ୍କୁ ପାଞ୍ଚ ଜିନିଷ ମାଗିଥିଲେ। ଜୁଆ ଖେଳ, ଜୀବ ହତ୍ୟା, ମଦ୍ୟଶାଳା, ବେଶ୍ୟାଳୟ ଓ ସୁନା। ଏସବୁରେ ଧୀନମାନେ ଜଡ଼ିତ ଯୋଗୁ ରାଜା ମନରେ ବିଚାର କରି କଳିଯୁଗକୁ ଏସବୁ ଅଧିକାର କରାଇ ଦେଲେ। ଜଣେ ସମୟର ରାଜା ଜଣେ ସମୟ ପାଇଁ ଲୋକ ଶାସକ ରାଜା। ଏ ଦୁଇରେ କପଟ ପରିବେଶରେ ସମୟ ରାଜ ନରପତିଙ୍କୁ ଛଳନା କରି ଏମଓୟୁ କରାଇ ନେଇଛନ୍ତି। ଏମଓୟୁ ହେଲା ଇସ୍ତାମାରୀ ପଟ୍ଟା। ଏହାପରେ ଆଉ କେଉଁ ପରବର୍ତ୍ତୀ ପ୍ରଶାସନ ଏହାକୁ ବଦଳାଇ ପାରୁନାହାଁନ୍ତି। ସଂହାର ନକରି ବିଧିକୁ ସଂସ୍କାର କରାଉଛନ୍ତି ମାତ୍ର ଭାରତକୁ କୁରୁକ୍ଷେତ୍ର ଧର୍ମକ୍ଷେତ୍ର ଦୁଇଟି କୁହାଯାଇପାରେ। ଏଠାରେ ରାଜବିଧିକୁ ପ୍ରାଧାନ୍ୟ ଦିଆଯାଇ ଧର୍ମବିଧିକୁ ପୁରା ଗୌଣ ନକଲେ ବି ବିଧି ବିଧାନକୁ ହେୟ ଜ୍ଞାନ ଅନେକ ସ୍ଥଳରେ କରାଯାଉଛି। ମଦ୍ୟ, ଜୁଆ, ଅନୈତିକ ନାରୀ ସମ୍ପର୍କ ଜୀବହତ୍ୟା ସହିତ ସୁନା ଉପରେ ସରକାର ଜ୍ଞାତ ଥିଲେ ବି ରାଜକର ପାଇଁ ଏହା ଉପରେ ରାଜକର ଆଦାୟ ଚିନ୍ତା ସର୍ବଦା କରାଯାଉଛି। ଧର୍ମ ବିଧାନ ପାଇଁ ଧର୍ମସ୍ଥଳୀ ଅଛି ମାତ୍ର ଧର୍ମାଧିକାରୀଙ୍କୁ କୌଣସି ପ୍ରଶାସନ କୌଣସି ଯୋଜନା କଲାବେଳେ କେବେ ପଚାରନ୍ତି ନାହିଁ କି ପରାମର୍ଶ ନିଅନ୍ତି ନାହିଁ। ଓଲଟି ଯଦି କୌଣସି ସରକାରୀ ପ୍ରଶାସନ କାନୁନକୁ କେହି ନମାନିଲା ସେ ଦଣ୍ଡର ଶିକାର ହେବା ସମ୍ଭାବନା ଅଛି।

ଭାରତ ବର୍ଷକୁ ଦେବଭୂମି କରାନ୍ତି। ଭାରତର ପ୍ରାକୃତିକ ପରିବେଶ, ନଦ-ନଦୀ, ପାହାଡ଼-ପର୍ବତ ବହୁ କୁଳବୃକ୍ଷ ବନୌଷଧି ଲତା ପନିପରିବା ଆଦି ଗୋସମ୍ପଦ ଉପଯୁକ୍ତ ଚାଷ ମାର୍ଗର ବିଦ୍ୟା ଏସବୁ ଏବେ ଅଣଦେଖା ଓ ପ୍ରବଳ କ୍ଷୟ ପ୍ରାପ୍ତ। ବାଘ ମଣିଷକୁ ଖାଉଥିଲା ଏବେ ମନୁଷ୍ୟ ବାଘ ମାଂସ ଖାଇଲେଣି। ନିତ୍ୟ ହାତି ମରୁଛନ୍ତି। ଜଙ୍ଗଲ କଟାଯାଇ ସହର ବସୁଛି କଳକାରଖାନା ହେଉଛି। ପୃଥିବୀ ଉପରେ ଭାରତୀ ଯାନ ଜୋର ଶବ୍ଦରେ କମ୍ପନ କରି ଭୂମି ଦୁଲକାଇ କମ୍ପନକରି ଯା'ଆସ କରୁଛନ୍ତି। ଗ୍ରାମ ସବୁ ସହର ବନିଲାଣି। ତେବେ ଗ୍ରାମରେ ପରିବେଶ ଆଉ ନାହିଁ। ଛତିଶପାଟକ ନାହାନ୍ତି। ଗ୍ରାମୀଣ ବାରିକ, ଧୋବା ଆଦି ଗ୍ରାମରେ ନାହାଁନ୍ତି। ଏସବୁ କଳିଯୁଗର କାର ମେଳା ବସିଛି। ଏସବୁ ଫିଲ୍ମଟ୍ରେଲର ଏ ପଛକୁ ଫିଲ୍ମ ଆସୁଛି ୪୩୨୦୦୦ ବର୍ଷରୁ ମାତ୍ର ୫୧୨୫ ବର୍ଷରେ ଏମିତି ଆଗକୁ କ'ଣ ନହେବ।

# ମାଣବସା ଗୁରୁବାର ଝୋଟି-ଚିତା



ପ୍ରେମାନନ୍ଦ ପାଣିଗ୍ରାହୀ
ଭୁଷଲ, ଭୁବନ, ଢେଙ୍କାନାଳ
ମୋ: ୯୪୩୭୭୨୯୩୮୪

ଓଡ଼ିଶାରେ ପାଳିତ ହେଉଥିବା ବାର ମାସରେ ତେର ପର୍ବ ମଧ୍ୟରୁ ମାର୍ଗଶୀର ମାସରେ ପାଳିତ ହେଉଥିବା ମାଣବସା ଗୁରୁବାର ର ମହତ୍ୱ ଅଧିକ। ମାର୍ଗଶୀରର ପ୍ରତିଟି ଗୁରୁବାର ମହାଲକ୍ଷ୍ମୀଙ୍କ ବାର। ତାଙ୍କ କୃପା ଭିକ୍ଷା ପାଇଁ ସଧବା ରମଣୀମାନେ ଗୁରୁବାର ଓଷା କରନ୍ତି। ଗୁରୁବାର ଓଷା ଅବସରରେ ମା' ଲକ୍ଷ୍ମୀଙ୍କୁ ଭକ୍ତିର ସହିତ ନିମନ୍ତ୍ରଣ କରିବା ପାଇଁ ଓଡିଆଣୀମାନେ ଘରର ସ୍ୱଚ୍ଛତା, ପବିତ୍ରତା ଉପରେ ବିଶେଷ ଦୃଷ୍ଟି ଦେଇଥାନ୍ତି। ମାର୍ଗଶୀର ମାସର ପ୍ରତି ଗୁରୁବାର ପୂର୍ବରୁ ଅର୍ଥାତ୍ ବୁଧବାର ରାତ୍ରୀରେ ସ୍ତ୍ରୀଲୋକମାନେ ମାଟିଚଟାଣ ଥିବା ଘର, କାନ୍ଥବାଡ଼କୁ ମାଟି ଗୋବରରେ ଲିପାପୋଛା କରିବା ସହ ପକ୍କା ଚଟାଣକୁ ଧୂଆପୋଛା କରନ୍ତି। ଗୋବର ଲିପା ଚଟାଣ ଉପରେ ବନମାଟି ଲିପନ୍ତି। ନୂଆ ଅରୁଆ ଚାଉଳର ବଟା ପିଠଉରେ ଶୀତକାକରକୁ ବେଖାତିର କରି ରାତ୍ରୀ ଉଜାଗର ରହି ସେମାନେ ଦାଣ୍ଡ, ଦୁଆର, ଖଳା ଓ ଅମାର ଘରେ ବିଭିନ୍ନ ପ୍ରକାରର ଚିତା ପକାଇଥାନ୍ତି। ମାର୍ଗଶୀର ମାଣବସା ଗୁରୁବାର ଝୋଟି-ଚିତାର ସ୍ୱତନ୍ତ୍ର ପରିଚୟ ରହିଛି। ଏହି ଝୋଟି-ଚିତାକୁ ନେଇ ଏକ ପୌରାଣିକ କାହାଣୀ ପ୍ରସିଦ୍ଧି ଲାଭ କରିଛି। ମହାଲକ୍ଷ୍ମୀ ବୁଢ଼ୀ ବ୍ରାହ୍ମଣୀ ବେଶ ଧରି ଦିନେ ଶ୍ରୀମନ୍ଦିର ଛାଡି ନଗର ଭ୍ରମଣରେ ଯାଇଥିଲେ। ଶୀତର ଆଳସ୍ୟତା ହେତୁ ସେଦିନ କେହି ଶଯ୍ୟା ତ୍ୟାଗ କରିନଥିବା ବେଳେ ଶ୍ରୀୟା ନାମକ ଏକ ଚଣ୍ଡାଳୁଣୀ ନିଜ ଗୃହକୁ ସୁନ୍ଦର ଭାବରେ ଶୁଚିମନ୍ତ କରି ପବିତ୍ର ମନରେ ଆକର୍ଷଣୀୟ ଷୋଳ ପାଖୁଡା ପଦ୍ମଚିତାରେ ସଜାଇ ମହାଲକ୍ଷ୍ମୀଙ୍କ ପୂଜା ପାଇଁ ପ୍ରସ୍ତୁତ ହେଉଥାଏ। ମହାଲକ୍ଷ୍ମୀ ପଦ୍ମ ଫୁଲକୁ ଭାରି ଭଲପାଆନ୍ତି। କେଉଁ ଅନାଦି କାଳରୁ ପଦ୍ମକୁ ପବିତ୍ର ଫୁଲ ତଥା ସୌନ୍ଦର୍ଯ୍ୟର ପ୍ରତୀକ ଭାବେ ଗ୍ରହଣ କରାଯାଇ ଆସୁଛି। ଶ୍ରୀୟାର ନିଷ୍ଠା ଓ ପବିତ୍ରତାରେ ମୁଗ୍ଧ ହୋଇ ମହାଲକ୍ଷ୍ମୀ ତା' ଗୃହରେ ପ୍ରବେଶ କରି କରୁଣା ଅଜାଡି ଦେଲେ। ସେହି ପୌରାଣିକ କଥାବସ୍ତୁକୁ ବିଶ୍ୱାସକୁ ନେଇ ଓଡିଆଣୀମାନେ ମାର୍ଗଶୀର ଗୁରୁବାରରେ ଶ୍ରୀୟା ଚଣ୍ଡାଳୁଣୀର ଗୃହ ଭଳି ଝୋଟି-ଚିତାରେ ନିଜ ଗୃହକୁ ମଣ୍ଡନ କରନ୍ତି। ଏହି ଚିତା ଲକ୍ଷ୍ମୀଙ୍କ ପାଦର ଚିହ୍ନ। ମହାଲକ୍ଷ୍ମୀଙ୍କୁ ଅଧିକ ଆକୃଷ୍ଟ କରିବା ପାଇଁ ବିଭିନ୍ନ ପ୍ରକାର ଲକ୍ଷ୍ମୀ ପାଦ ଓ ପଦ୍ମଫୁଲ ଏହି ସମୟରେ ଓଡ଼ିଆ ଝିଅବୋହୂମାନେ ଅଙ୍କନ କରିଥାନ୍ତି। ଲକ୍ଷ୍ମୀ ଆସିବେ ଘରକୁ। ଝୋଟିର ଶୃଙ୍ଗାରରେ ଲକ୍ଷ୍ମୀ ପାଦ ଅଟକି ଯିବ। ଚାଉଳବଟା ପିଠଉ ଗୋଳି ଡାହାଣ ହାତର ବୁଢ଼ା ଆଙ୍ଗୁଳି ଓ ପରୀ ଆଙ୍ଗୁଳି ସାହାଯ୍ୟରେ ଲକ୍ଷ୍ମୀପାଦ, ଚାରିପାଖୁଡିଆ ପଦ୍ମଫୁଲ ଠାରୁ ଆରମ୍ଭ କରି ଆଠ ପାଖୁଡିଆ, ଚଉଷଠି ପାଖୁଡିଆ ପଦ୍ମଫୁଲ, ଲତାପଦ୍ମ, ପଦ୍ମକଢ଼ି ଓ ମଣ୍ଡଳ ପଦ୍ମ, ପକାନ୍ତି। ଲତାପଦ୍ମ ସାଧାରଣତଃ ଚାଉଳ ଡୋଲି ବା ଧାନ ଘରମାନଙ୍କରେ ଚିତ୍ରିତ ହୋଇଥାଏ। ଏହାର ଚତୁଃପାର୍ଶ୍ୱରେ ଲକ୍ଷ୍ମୀପାଦ, ଶଙ୍ଖ ଓ ପଦ୍ମ ଚିତ୍ର ଅଙ୍କନ ହୋଇଥାଏ। ଏହା ଅତ୍ୟନ୍ତ ଶୁଭସୂଚକ। ପଦ୍ମ କଢ଼ି ଘରର ଅଗଣା ମଝିରେ ଅଙ୍କନ କରାଯାଇଥାଏ। ମଣ୍ଡଳ ପଦ୍ମ କବାଟମାନଙ୍କରେ ଚିତ୍ରିତ କରାଯାଇଥାଏ। ଏହାର ତଳେ ଲକ୍ଷ୍ମୀପାଦ, ଉପରେ ଚକ୍ର ଓ ଦୁଇପାର୍ଶ୍ୱରେ ଶଙ୍ଖ, ଆଲଟ, ଚାମର ଥାଏ। କୁଣ୍ଡଳ ପଦ୍ମର ଉଭୟ ପଟେ ଚକ୍ର, ତଳେ ଲକ୍ଷ୍ମୀପାଦ ଏବଂ ଦୁଇପାର୍ଶ୍ୱରେ ଶଙ୍ଖ ଓ ଆଲଟ ଚାମର ଚିତା କରାଯାଏ। ଏହା ବାଦ ଘରଣୀମାନଙ୍କ ହାତଅଙ୍କା ପିଢ଼ା ପଦ୍ମ ଚିତା, ସ୍ୱପ୍ନ ପଦ୍ମ ଚିତା, ଦେଉଳ ଚିତା, ଏରୁଣ୍ଡି ଚିତା, ଖମ୍ବ ମଣ୍ଡଳ ଚିତାରେ ଘର ହସୁଥାଏ। ମାଣବସା ଅବସରରେ ଧାନଶିଶାର ଚିତ୍ର ମାର୍ଗଶୀର ମାସ ପାଇଁ ଅନୁକୂଳ ହେଉଥିବାରୁ ଧାନ ଶିଶା, ଜାତି ଜାତିକା ଧାନ କୋଠି, ଧାନ ବେଣ୍ଟି ଘରେ ଓ ଅଗଣାରେ ଗୃହିଣୀମାନେ ଅଙ୍କନ କରନ୍ତି। ଏସବୁ ବ୍ୟତୀତ ଅରୁଆ ଚାଉଳ ବଟା ପିଠଉ, ହଳଦୀ ଓ ଡାଉରେ ଅଙ୍କିତ ବିଭିନ୍ନ ପ୍ରକାର ଫୁଲଫଳ, ପଶୁପକ୍ଷୀ, ମାଛ, ହାତୀ, ଶଙ୍ଖ, ଓଲଟ ଶୁଆ, ଯୋଡା ହଂସ, ଯୋଡାମାଛ, ପୂର୍ଣ୍ଣକୁମ୍ଭ, ମୟୁର, ଆଦି ଆଙ୍କି ଘର ଓ ଅଗଣାକୁ ସୁନ୍ଦର କରିଥାନ୍ତି। କାନ୍ଥରେ ହାତ ଛଟା ଝୋଟି ଓ ତା' ଉପରେ ତିନୋଟି ଟିପରେ ଥାପି ଥାପିକା କଉଡି ଦେଖିଲେ ଆଖି ଲାଖି ରହେ। ପୂର୍ବରାତ୍ରିରୁ ଅଙ୍କନ କରାଯାଇଥିବା ଲକ୍ଷ୍ମୀପାଦ ଓ ଝୋଟିଚିତା ଉପରେ ଗୋବର, ଫୁଲ, ଦୀପ, ଧୂପ ଦେଇ ଗୁରୁବାର ଦିନ ମା' ଲକ୍ଷ୍ମୀଙ୍କୁ ଆବାହନ କରାଯାଏ।

ଗୁରୁବାର ଝୋଟିଚିତାର ଆବଶ୍ୟକ ସାମଗ୍ରୀ ହେଉଛି ଅରୁଆ ଚାଉଳରୁ ପ୍ରସ୍ତୁତ ପିଠଉ ଓ ଖଣ୍ଡିଏ ଧଳାକପଡା। ହାତର ପାଞ୍ଚ ଆଙ୍ଗୁଠି ସାହାଯ୍ୟରେ ଗୃହିଣୀମାନେ ନିଜର ଉତ୍କର୍ଷତା ପ୍ରଦର୍ଶନ କରିଥାନ୍ତି। ଝୋଟି-ଚିତା ଉତ୍କଳୀୟ କୂଳବଧୂମାନଙ୍କର କଳାତ୍ମକ ବିଶେଷତ୍ୱ। ଏହା ଉତ୍କଳୀୟ ସଂସ୍କୃତିର ସ୍ୱତନ୍ତ୍ରତା ବହନ କରିଥାଏ। ଗୃହିଣୀମାନେ ନୂଆ ମାଣକୁ ଧୋଇ ଖରାରେ ଶୁଖାଇ ସେଥିରେ ଧଳା ଧାନ ଭରି ତା' ଚାରିପାଖରେ ଝୋଟି ଦେଇ ଖଟୁଲି ଉପରେ ବସାଇଥାନ୍ତି। ଧାନ ଉପରେ ଗୁଆ ବସାନ୍ତି। ଧାନ ବେଣ୍ଟି ଓ ମା' ଲକ୍ଷ୍ମୀଙ୍କ ଫଟୋ ଖଟୁଲି ଉପରେ ସ୍ଥାପନା କରନ୍ତି। ତିନି ଧୂପରେ ମା'ଙ୍କୁ ପୂଜା କରାଯାଏ। ବାଳ ଧୂପରେ କଦଳୀ, ଗୁଡ଼, ଛେନା, ନଡିଆ ଚକଟି ଭୋଗ ଦିଆଯାଏ। ମଧ୍ୟାହ୍ନରେ ସଞ୍ଜୁଡି ଭୋଗରେ ଖିରି, ପିଠା, ତରକାରୀ ଭୋଗ ଦେଇ ବଳରାମ ଦାସଙ୍କ ଲିଖିତ ଲକ୍ଷ୍ମୀ ପୁରାଣ ପଢନ୍ତି। ସନ୍ଧ୍ୟା ଧୂପରେ ସକାଳ ଧୂପ ପରି ଭୋଗ ଦିଆଯାଏ। ଗୁରୁବାର ଓଷା ପ୍ରସାଦକୁ ପରିବାର ବ୍ୟତୀତ ଅନ୍ୟ କାହାକୁ ଦିଆଯାଏ ନାହିଁ। ଏପରିକି ବାହା ହୋଇ ପରଗୋତ୍ରୀ ହୋଇଯାଇଥିବା ଝିଅକୁ ମଧ୍ୟ ଗୁରୁବାର ଓଷା ଭୋଗ ଖାଇବାକୁ ଦିଆଯାଏ ନାହିଁ।

# ଭାବମୂର୍ତ୍ତି କଳଙ୍କିତ



ସୌଭାଗ୍ୟ ରଞ୍ଜନ ମହାନ୍ତି
ସମ୍ମାନ ଭବନ, ପ୍ଲଟ ନଂ-୫୮/୩୫୮୧,
ଗାଙ୍ଗୋତ୍ରୀ ନଗର, ରୋଡ ନଂ-୩, ଶିଶୁପାଳଗଡ଼
ମୋ: ୯୪୩୭୯୯୪୩୭୯

ପାର୍ଲାମେଣ୍ଟରେ ବୈଦେଶିକ ରାଷ୍ଟ୍ରମନ୍ତ୍ରୀ କୀର୍ତି ବର୍ଦ୍ଧନ ସିଂହଙ୍କ ବୟାନ ଅନୁଯାୟୀ ଅଧିକରୁ ଅଧିକ ଭାରତୀୟ ଏବେ ଦେଶଛାଡି ପାଶ୍ଚାତ ରାଷ୍ଟ୍ରଗୁଡିକରେ ବିଶେଷ କରି ଯୁକ୍ତରାଷ୍ଟ୍ର ଆମେରିକା, ବ୍ରିଟେନ ଏବଂ କାନାଡାରେ ଶରଣାର୍ଥୀ ଭାବେ ଆଶ୍ରୟ ନେଉଛନ୍ତି, ଯାହାକି କେବଳ ଭାରତ ପରି ଏକ ବିକାଶମୁଖୀ, ଗଣତାନ୍ତ୍ରୀକ ରାଷ୍ଟ୍ରପାଇଁ ଅବଦାନ ନୁହେଁ, ଦେଶର ଭାବମୂର୍ତ୍ତିକୁ ବିଶ୍ୱରେ କଳଙ୍କିତ କରୁଛି ବୋଲି କୁହାଯାଇପାରିବ। କେବଳ ଏତିକି ନୁହେଁ, ଏଭଳି ଘଟଣା ଦେଶର ନୀତି ନିର୍ଦ୍ଧାରକମାନଙ୍କ ପାଇଁ ଏକ ଚ୍ୟାଲେଞ୍ଜ ସଦୃଶ ହୋଇଛି। ମିଳିଥିବା ତଥ୍ୟ ଅନୁଯାୟୀ, ଗଲା ୨୦୨୩ରେ ଯୁକ୍ତରାଷ୍ଟ୍ର ଆମେରିକାରେ ୪୧,୦୦୦ ଭାରତୀୟ ଯୁକ୍ତରାଷ୍ଟ୍ର ଆମେରିକାରେ ଆଶ୍ରୟ ନେବା ଅନୁମତି ଲୋଡିଥିଲେ ଯାହାକି ଗତ ତିନି ବର୍ଷ ତୁଳନାରେ ୮୫୦ ପ୍ରତିଶତ ଅଧିକ। ଆମେରିକାର ହୋମଲ୍ୟାଣ୍ଡ (ଆଭ୍ୟନ୍ତରୀଣ) ନିରାପତ୍ତା ବିଭାଗ ଏହି ତଥ୍ୟ ପ୍ରଦାନ କରିଛି। ସେହିପରି ଗତ ୨୦୨୩ ଅକ୍ଟୋବରରୁ ୨୦୨୪ ସେପ୍ଟେମ୍ବର ମଧ୍ୟରେ କାନାଡା କିମ୍ବା ମେକ୍ସିକୋରୁ ବେଆଇନ ଭାବେ ଅନୁପ୍ରବେଶ ଉଦ୍ୟମ କରୁଥିବାବେଳେ ୯୦ହଜାରରୁ ଊର୍ଦ୍ଧ୍ୱ ଭାରତୀୟଙ୍କୁ ଗିରଫ କରାଯାଇଥିବା କୁହାଯାଏ। କେବଳ ଏତିକି ନୁହେଁ, ୨୦୨୨ ମସିହା ସୁଦ୍ଧା ଯୁକ୍ତରାଷ୍ଟ୍ର ଆମେରିକାରେ ବିନା କାଗଜପତ୍ରରେ ବା ଭିସା, ପାସପୋର୍ଟ ବିନା ୭ଲକ୍ଷ ୨୫ହଜାରରୁ ଊର୍ଦ୍ଧ୍ୱ ଭାରତୀୟ ଥିବା କୁହାଯାଏ। ସେହିପରି ବ୍ରିଟେନରେ ୨୦୨୩ରେ ୫୦୦୦ରୁ ଅଧିକ ଭାରତୀୟ ଆଶ୍ରୟ ନେବା ପାଇଁ ଆବେଦନ କରିଥିବାବେଳେ ସେହିବର୍ଷ ୧୦୦୦ରୁ ଊର୍ଦ୍ଧ୍ୱ ଭାରତୀୟ ଅତି ବିପଦଜନକ ଭାବେ କ୍ଷୁଦ୍ର ଏବଂ ଇନଫାଟେବୁଲ୍ ବୋଟରେ ଇଂଲିଶ ଚ୍ୟାନେଲ ଗାର ହୋଇବା ନେଇ ରିପୋର୍ଟ ପ୍ରକାଶ ପାଇଥିଲା। ସେହିପରି ୨୦୨୪ ସେପ୍ଟେମ୍ବର ୨୪ତାରିଖ ସୁଦ୍ଧା କାନାଡାରେ ଆଶ୍ରୟ ପାଇଁ କାନାଡାରେ ଆଶ୍ରୟ ପାଇଁ ୨୪,୩୮୦ଜଣ ଭାରତୀୟ ଆବେଦନ କରିଥିବା ରିପୋର୍ଟ ପ୍ରକାଶ ପାଇଛି। ବିଦେଶରେ ଭାରତୀୟଙ୍କ ଆଶ୍ରୟ ଭିକ୍ଷା ନିଶ୍ଚିତ ଭାବେ ଅତ୍ୟନ୍ତ ଚିନ୍ତାଜନକ। ଉଲ୍ଲେଖଯୋଗ୍ୟ ଯେ, ଯେଉଁମାନେ ବିଦେଶୀ ରାଷ୍ଟ୍ରରେ ଆଶ୍ରୟ ଭିକ୍ଷା କରିଛନ୍ତି, ସେମାନେ ସମସ୍ତେ ପ୍ରାୟ ଭାରତୀୟ ଦଣ୍ଡବିଧି ଆଇନ ଦ୍ୱାରା ଦଣ୍ଡିତ ହୋଇଛନ୍ତି ବା ଦଣ୍ଡିତ ହେବା ଆଶଙ୍କାରେ ଦେଶ ଛାଡି ପଳାୟନ କରିଥିବା କୁହାଯାଏ। ଶିଳ୍ପପତି ବିଜୟ ମାଲ୍ୟାଙ୍କ ଠାରୁ ଆରମ୍ଭ କରି ବହୁ ଶିଳ୍ପପତି ଓ ବ୍ୟବସାୟୀ ଭାରତୀୟ ବ୍ୟାଙ୍କ ଗୁଡିକରୁ ହଜାର ହଜାର କୋଟି ଟଙ୍କା ଠକେଇ କରି ବିଦେଶରେ ଆଶ୍ରୟ ନେଇଛନ୍ତି। ସେହିପରି ଇତିମଧ୍ୟରେ ଭାରତୀୟ ନାଗରିକତ୍ୱ ତ୍ୟାଗ ବିଦେଶୀ ରାଷ୍ଟ୍ରର ନାଗରିକତ୍ୱ ଗ୍ରହଣ କରିବା ଭାରତୀୟଙ୍କ ସଂଖ୍ୟା ବଢିବାରେ ଲାଗିଛି। ଗତ ୧୦ବର୍ଷ ମଧ୍ୟରେ ୬ଲକ୍ଷରୁ ଊର୍ଦ୍ଧ୍ୱ ଭାରତୀୟ ନାଗରିକତ୍ୱ ତ୍ୟାଗ କରି ବିଦେଶୀ ରାଷ୍ଟ୍ରର ନାଗରିକତ୍ୱ ଗ୍ରହଣ କରିଥିବା ସରକାରୀ ପରିସଂଖ୍ୟାନ ତଥ୍ୟ କହେ। ଆହୁରି ନିଯୁକ୍ତି ଓ ଅଧ୍ୟୟନ ଆଭିମୁଖ୍ୟ ନେଇ ବହୁ ଭାରତୀୟ ଯୁବକ-ଯୁବତୀ ଛାତ୍ରଛାତ୍ରୀ ବିଦେଶକୁ ଯିବା ସହ ସ୍ଥାୟୀ ଭାବେ ବାସ କରିବା ସହ ସେହି ଦେଶର ନାଗରିକତ୍ୱ ଗ୍ରହଣ କରି ଆସୁଛନ୍ତି। ଅତୀତରେ ସ୍ୱର୍ଗତ ପ୍ରଧାନମନ୍ତ୍ରୀ ରାଜୀବ ଗାନ୍ଧୀ ଦେଶରୁ ଆମେରିକା ସମେତ ବିଭିନ୍ନ ରାଷ୍ଟ୍ରକୁ ନିଯୁକ୍ତି ପାଇ ବ୍ରେନଡ୍ରେନ ନେଇ ଗଭୀର ଉଦ୍‌ବେଗ ପ୍ରକାଶ କରିଥିଲେ। ଏହା ନିଃସନ୍ଦେହ ଯେ, ଉଚ୍ଚ ବେତନ ଆଶାରେ ଉଚ୍ଚ ବୈଷୟିକ ଏବଂ ଡାକ୍ତରୀ ଡିଗ୍ରୀଧାରୀ ମେଧାବୀ ଛାତ୍ରଛାତ୍ରୀମାନେ ବିଦେଶ ଗସ୍ତରେ ଯିବା ଏବେ ଏକ ନିୟମିତ ପ୍ରକ୍ରିୟାରେ ପରିଣତ ହୋଇଛି। ସେମାନେ ବସବାସ କରିବା ସହ ସ୍ଥାୟୀ ନାଗରିକତ୍ୱ ଗ୍ରହଣ କରୁଛନ୍ତି। ଅନ୍ୟପକ୍ଷରେ କେନ୍ଦ୍ର ସରକାର ଦ୍ୱୈତ ନାଗରିକତ୍ୱକୁ ସ୍ୱୀକୃତି ଦେଇଥିବାରୁ ଭାରତୀୟଙ୍କ ବିଦେଶୀ ନାଗରିକତ୍ୱ ବୃଦ୍ଧି ପାଇବାର ମୁଖ୍ୟ କାରଣ ହୋଇଛି ବୋଲି କହିଲେ ହୁଏତ ଅତ୍ୟୁକ୍ତି ହୋଇନପାରେ। ଆହୁରି ମଧ ବିଭିନ୍ନ କାରଣରୁ ଦେଶର ଆଇନ ଏବଂ ଧାର୍ମିକ ଗୋଷ୍ଠୀ ଦ୍ୱାରା ଉତ୍ପୀଡନର ଶିକାର ବହୁ ଭାରତୀୟ ନାଗରିକ ଦେଶ ଛାଡି ବିଦେଶରେ ଆଶ୍ରୟ ନେଇଥିବା ଅଭିଯୋଗ ହୁଏ। ଏହା ନିଃସନ୍ଦେହ ଯେ, ଦେଶ ପାଇଁ ଏହା ଏକ କଳଙ୍କିତ ଅଧ୍ୟାୟ। ଯଦି ଭାରତୀୟ ଗଣତନ୍ତ୍ର ଏବଂ ପ୍ରତିଷ୍ଠାନଗୁଡିକ ଉପରେ ସେମାନେ ଆସ୍ଥା ପ୍ରକଟ କରିପାରିବେ ନାହିଁ କିମ୍ବା ଦେଶ ସେମାନଙ୍କ ଅଭିଯୋଗର ସମାଧାନ କରିପାରିବ ନାହିଁ, ଏପରି ଧାରଣା ସେମାନେ ଅନୁଭବ କରିଥାନ୍ତି। ଏହା ନିଶ୍ଚିତ ଭାବେ ଏକ ନିନ୍ଦନୀୟ ଘଟଣା। ତେବେ ଭାରତ ପରି ଏକ ବିଶାଳ ଗଣତାନ୍ତ୍ରିକ ରାଷ୍ଟ୍ର ପାଇଁ ଏଭଳି ଘଟଣା ଆଦୌ ଶୁଭଙ୍କର ନୁହେଁ। ଏହା ସତ୍ୟ ଯେ, ନାଗରିକଙ୍କ ଦୁଃଖ, ସମସ୍ୟା ଲାଘବ କରିବା ସରକାରଙ୍କ ଦାୟିତ୍ୱ। ନୈରାଶ୍ୟ ଜର୍ଜରିତ ହୋଇ ବା ନିରାଶଭାବ ନେଇ ଏହାର ନାଗରିକ ଯେପରି ଅନ୍ୟ ରାଷ୍ଟ୍ରରେ ଶରଣାର୍ଥୀ ଭାବେ ଆଶ୍ରୟ ନନିଅନ୍ତି, ସେଥିପ୍ରତି ଧ୍ୟାନଦେବା ରାଷ୍ଟ୍ରର କର୍ତ୍ତବ୍ୟ। ଅନ୍ୟଥା ବିଶ୍ୱରେ ଭାରତର ଭାବମୂର୍ତ୍ତି କ୍ଷୁର୍ଣ୍ଣ ହେବା ସାର ହେବ।




କେନ୍ଦୁଝର,(ଭାସ୍କର ନ୍ୟୁଜ): ସ୍ଥାନୀୟ ଜେଲରୋଡସ୍ଥ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, କେନ୍ଦୁଝରଗଡର ୩୮ତମ ବାର୍ଷିକ କ୍ରୀଡା ଉତ୍ସବ ୨୦୨୪ ସ୍ଥାନୀୟ ରିଜର୍ଭ ପୋଲିସ ପଡିଆରେ ଉଦ୍‌ଯାପିତ ହୋଇଯାଇଛି । ଏଥିରେ ମୁଖ୍ୟ ଅତିଥି ଭାବେ ଜିଲ୍ଲା କ୍ରୀଡା ପରିଦର୍ଶକ ଫକୀର ମୋହନ ମହାନ୍ତ ଯୋଗଦେଇ ଶିଶୁମାନଙ୍କ ମନରେ ସର୍ବଦା ଖେଳୁଆଡ ମନୋଭାବ ରହିବା ଆବଶ୍ୟକ ବୋଲି ନିଜ ବକ୍ତବ୍ୟରେ କହିଥିଲେ । ଅନ୍ୟତମ ଅତିଥି ଭାବରେ ବିଦ୍ୟାଳୟ ପରିଚାଳନା ସମିତିର ସଂପାଦକ ସୁଧାଂଶୁ ଶେଖର ପଣ୍ଡା, ସହ-ସଂପାଦକ ଦୀପକ କୁମାର ମହାକୁଲ, କୋଷାଧ୍ୟକ୍ଷ ବିଜୟ କୁମାର ଦିକ୍ଷୀତ ଉପସ୍ଥିତ ଥିଲେ । ପ୍ରଧାନଆଚାର୍ଯ୍ୟ ଅଲେଖ ମହାନ୍ତ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । ଦୁଇ ଦିନ ଧରି ଚାଲିଥିବା ଏହି କ୍ରୀଡାରେ ମୋଟ ୬୦ଟି ଖେଳରେ ଭାଇ ୬୧୫ଜଣ ଓ ଭଉଣୀ ୫୯୫ ଜଣ ଭାଗ ନେଇଥିଲା ବେଳେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ହୋଇଥିବା ଛାତ୍ରଛାତ୍ରୀଙ୍କୁ ଅତିଥିଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା । ଉଦ୍‌ଯାପନୀ ସମାରୋହରେ ଶିଶୁଙ୍କ ଦ୍ୱାରା ନୃତ୍ୟ, ପିରାମିଡ, ବ୍ୟାୟାମ ଯୋଗ, ଡମ୍ବରୁଯୋଗ, ସୂର୍ଯ୍ୟ ନମସ୍କାର ଆଦି ପ୍ରଦର୍ଶନ କରିଥିଲେ । ବିଦ୍ୟାଳୟ କ୍ରୀଡା ଶିକ୍ଷକ ବିରଞ୍ଚି ନାରାୟଣ ମହାନ୍ତ ବାର୍ଷିକ କ୍ରୀଡା ବିବରଣୀ ପଠନ କରିଥିବା ବେଳେ ଅନ୍ୟ ସମସ୍ତ ଗୁରୁଜୀଗୁରୁମା, ସେବକସେବିକା ସହଯୋଗ କରିଥିଲେ ।



# ପୋଷାକ ବିତରଣରେ ମହାଘୋଟାଲା



ମୁନିଗୁଡା/ ଚନ୍ଦ୍ରପୁର, (ଭାସ୍କର ନ୍ୟୁଜ): ସମଗ୍ର ଶିକ୍ଷା ଅଭିଯାନ ତରଫରୁ ପ୍ରାଥମିକ ଏବଂ ଉଚ୍ଚ ପ୍ରାଥମିକ ବିଦ୍ୟାଳୟମାନଙ୍କରେ ପଢୁଥିବା ଛାତ୍ରଛାତ୍ରୀମାନଙ୍କୁ ଗୋଟିଏ ଶିକ୍ଷା ବର୍ଷରେ ତିନିହଳ ପୋଷାକ ଓ ଅନ୍ୟ ସାମଗ୍ରୀ ଯୋଗାଇ ଦେବାକୁ ସରକାର ନିୟମ କରିଛନ୍ତି । ତାହା ପୁଣି ଟେଣ୍ଡର କିମ୍ବା ମହିଳା ସ୍ୱୟଂସହାୟକ ଗୋଷ୍ଠୀଙ୍କ ଜରିଆରେ ଯୋଗାଇଦେବାକୁ ନିର୍ଦ୍ଦେଶ ରହିଛି । ମାତ୍ର ରାୟଗଡ଼ା ଜିଲ୍ଲା ଚନ୍ଦ୍ରପୁରୁ ବ୍ଲକରେ ତାର ବ୍ୟତିକ୍ରମ ଦେଖା ଦେଇଛି । ଏଠାରେ ଜଣେ ଠିକାଦାର ବିଇଓ ଓ ଡିଇଓଙ୍କ ସଲାସୁତରାରେ ପୋଷାକ ବିତରଣ ପାଇଁ କମିଟିରେ ଥିବା ସିଡିପିଓ ନିରବଦ୍ରଷ୍ଟା ସାଜି ସୁପାରିଶ କରିଛନ୍ତି । ମାତ୍ର ସେହି ଠିକାଦାର ତାର ପିସି ରଖି ଅନ୍ୟ ଜଣେ ସବ୍ ଠିକାଦାରକୁ ପୋଷାକ ଯୋଗାଇବାକୁ ଦାୟିତ୍ୱ ଦେଇ ନିମ୍ନମାନର ପୋଷାକ ଯୋଗାଣ ହୋଇଥିବା ନେଇ ବ୍ଲକର ପୂର୍ବତନ ଜିଲ୍ଲା ପରିଷଦ ସଦସ୍ୟା କବିତା ସାହୁକାରଙ୍କ ସମେତ ସ୍ୱୟଂ ସହାୟକ ଗୋଷ୍ଠୀ ଅଭିଯୋଗ କରିଛନ୍ତି । ସରକାର ପ୍ରାଥମିକ ଶିକ୍ଷାକୁ ସାର୍ବଜନୀନ ଭାବେ ମୁକ୍ତ ଏବଂ ବାଧ୍ୟତାମୂଳକ କରିବା ପାଇଁ ଶିକ୍ଷା ଅଧିକାର ଆଇନ ତଥା ନୂତନ ଶିକ୍ଷା ନିତିରେ ଉଭୟେ ସରକାରଙ୍କ ଭାଗୀଦାରିତା ରହିଛି । ଏହାର ସମଗ୍ର ପ୍ରକ୍ରିୟାକୁ ଯେତିକି ଜଟିଳ କରାଯାଇଛି, ତାହା ସ୍କୁଲକୁ ଯୋଗାଣ ହେଉଥିବା କପଡ଼ା ଓ ଅନ୍ୟାନ୍ୟ ସାମଗ୍ରୀର ମାନ ଏବଂ ଆର୍ଥିକ ସ୍ୱଚ୍ଛତାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି କରିବା ସ୍ୱାଭାବିକ ହୋଇପଡିଛି । ପ୍ରଥମରୁ ଅଷ୍ଟମ, ନବମ ଓ ଦଶମ ଶ୍ରେଣୀର ପିଲାଙ୍କ ପାଇଁ କେନ୍ଦ୍ରୀୟ ଅନୁଦାନ ଓ ରାଜ୍ୟ ସରକାରଙ୍କର ଗଙ୍ଗାଧର ମେହେର ଯୋଜନାରେ ଦୁଇହଳ ସ୍କୁଲ ୟୁନିଫର୍ମ, ଏକହଳ ହାଉସ କିଟ୍, ହଳେ ଜୋତା, କ୍ୟାପ୍ ଏବଂ ପରିଚୟ ପତ୍ର ବାବଦକୁ ପିଲାଙ୍କ ପ୍ରତି ସମୁଦାୟ ଏକ ହଜାର ଟଙ୍କା ଲେଖାଏଁ ଖର୍ଚ୍ଚ କରାଯିବାକୁ ସରକାରୀ ଅନୁଦାନ ମିଳିଛି । ତେବେ ଏଥିପାଇଁ ଜିଏସ୍‌ଟି ପଞ୍ଜିକୃତ ମହିଳା ସ୍ୱୟଂସହାୟକ ଗୋଷ୍ଠୀ କିମ୍ବା ବ୍ୟବସାୟ ପ୍ରତିଷ୍ଠାନ ସହ ବିଦ୍ୟାଳୟ ପରିଚାଳନା କମିଟି ତଥା ଉନ୍ନୟନ କମିଟି ଚୁକ୍ତିପତ୍ର କରି ସାମଗ୍ରୀ ଯୋଗାଣ ପାଇଁ ନିର୍ଦ୍ଦେଶ ଅଛି । ମାତ୍ର ନିୟମ ଥିଲା ବେଳେ ଏହି ବ୍ଲକରେ ପ୍ରାଥମିକ ଏବଂ ଉଚ୍ଚ ପ୍ରାଥମିକ ଶ୍ରେଣୀର ପ୍ରାୟ ଛଅ ହଜାରରୁ ଊର୍ଦ୍ଧ୍ୱ ଛାତ୍ରଛାତ୍ରୀଙ୍କ ପାଇଁ ସବୁ ନିୟମକୁ ଜଳାଞ୍ଜଳି ଦିଆଯାଇ ରାୟଗଡାର ଜନୈକ ବ୍ୟବସାୟୀଙ୍କୁ ସମ୍ପୂର୍ଣ୍ଣ ଦାୟିତ୍ୱ ଦିଆଯାଇଛି । ଏ ସମ୍ପର୍କରେ ପ୍ରଶାସନିକ ସ୍ତରରେ ତଦନ୍ତ କରାଗଲେ ବାସ୍ତବ କଥା ଜଣାପଡିବା ସହ ଅଭିଯୋଗ କାରିଣୀ ସ୍ୱୟଂସହାୟକ ଦଳମାନଙ୍କୁ ଏଥିପାଇଁ ଉତ୍ସାହିତ କରି ଜିଏସ୍‌ଟି ମୁକ୍ତ କରାଯିବାକୁ ଦାବି ରଖିଛନ୍ତି । ବ୍ଲକ ଗୋଷ୍ଠୀ ଶିକ୍ଷା ଅଧିକାରୀ ଗଣେଶ ଶବରଙ୍କୁ ଏ ସମ୍ପର୍କରେ ପଚାରିବାରୁ ସେ ବିଭାଗୀୟ ନିର୍ଦ୍ଦେଶନାମା ଅନୁସାରେ ସବୁକିଛି ଚାଲୁଥିବା ପ୍ରକାଶ କରିବା ସହ ସମଗ୍ର ପ୍ରକ୍ରିୟାକୁ ସରଳ କରାଯିବା ଆବଶ୍ୟକତା ଥିବା ମତ ଦେଇଛନ୍ତି । ତେଣୁ ପ୍ରଶାସନ ଏହାକୁ ଗୁରୁତର ସହ ବିଚାରକୁ ନେଇ ତଦନ୍ତ କରି ଛାତ୍ରଛାତ୍ରୀମାନଙ୍କୁ ଯୋଗାଇ ଦେଇଥିବା ନିମ୍ନମାନର ପୋଷାକ ବଦଳରେ ଉଚ୍ଚମାନର ପୋଷାକ ଯୋଗାଇ ଦେବାକୁ ଦାବି ହେଉଛି ।

# କୁହୁଡି ଲବଣ ସତ୍ୟାଗ୍ରହ ସଂଗ୍ରାମୀ ପୀଠର ବିକାଶ ପାଇଁ ବୈଠକ




ଅସ୍ତରଙ୍ଗ, (ଭାସ୍କର ନ୍ୟୁଜ): ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକ ଅନ୍ତର୍ଗତ ଭାରତୀୟ ସ୍ୱାଧୀନତା ଇତିହାସର ସ୍ମୃତିବହନ କରୁଥିବା କୁହୁଡ଼ି ଲବଣ ସତ୍ୟାଗ୍ରହ ପୀଠର ସାମଗ୍ରୀକ ବିକାଶ ପାଇଁ ଭୁବନେଶ୍ୱର ଜଗନ୍ନାଥ ବିହାରସ୍ଥିତ ମା' ବାରଦେବୀ ପୀଠ ସଭାଗୃହରେ ଉତ୍କଳ ସଂଗ୍ରାମୀ ସ୍ମୃତି ସମିତିର ନବନିର୍ବାଚିତ ପ୍ରଥମ କାର୍ଯ୍ୟକାରିଣୀ ବୈଠକରେ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ଗ୍ରହଣ କରାଯାଇଛି । ଉକ୍ତ ସଂଗଠନର ସ୍ଥାୟୀ ସଭାପତି ଅମୀୟ କୁମାର ପଟ୍ଟନାୟକଙ୍କ ସଭାପତିତ୍ୱ ଅନୁଷ୍ଠିତ କାର୍ଯ୍ୟକାରିଣୀରେ ପୀଠ ଅଧିକୃତ ଦୀର୍ଘ ୯୪ବର୍ଷ ଧରି ରହିଥିବା ଜମିକୁ ଲବଣ ସତ୍ୟାଗ୍ରହ ସ୍ମୃତି ପୀଠ, କୁହୁଡି ନାମରେ ସରକାରୀ ଖାତାରେ ଅନ୍ତର୍ଭୂକ୍ତ, ସୁଦୃଶ ବୃହତ୍ତ ସ୍ମୃତିସ୍ତମ୍ଭ ନିର୍ମାଣ, ଚତୁଃପାର୍ଶ୍ୱ ପ୍ରାଚୀର, ପୀଠକୁ ଯାଇଥିବା ରାସ୍ତାର ପ୍ରଶସ୍ତିକରଣ ଓ ଦୁଇ ପାର୍ଶ୍ୱରେ ଆଲୋକୀକରଣ, ସ୍ୱାଧୀନତା ସଂଗ୍ରାମୀ ସ୍ମୃତି ସଦନ, ଲବଣ ମ୍ୟୁଜିୟମ ନିର୍ମାଣ, ଉଦ୍ୟାନ ବାଟିକା, ଅସ୍ତରଙ୍ଗ ପ୍ରବେଶ ପଥରେ ପୂର୍ବସ୍ଥିତ ତୋରଣର ପୁନଃଉଦ୍ଧାର, ଉତ୍କଳ କେଶରୀ ଡକ୍ଟର ହରେକୃଷ୍ଣ ମହତାବଙ୍କ ୧୨୫ତମ ଜନ୍ମ ବାର୍ଷିକ ସମାରୋହ ଅବସରରେ ଏଠାରେ ଡକ୍ଟର ହରେକୃଷ୍ଣ ମହତାବଙ୍କ ପ୍ରତିମୂର୍ତ୍ତି ପ୍ରତିଷ୍ଠା ଓ ଆଲୋଚନାଚକ୍ର ଆୟୋଜନ କରାଯିବା ପାଇଁ ମୁଖ୍ୟମନ୍ତ୍ରୀ, ଉପ ମୁଖ୍ୟମନ୍ତ୍ରୀ, ପର୍ଯ୍ୟଟନ, ସଂସ୍କୃତିମନ୍ତ୍ରୀ, କାକଟପୁର ବିଧାୟକ, ବ୍ଲକ ଅଧକ୍ଷା ଅସ୍ତରଙ୍ଗ, ଜିଲ୍ଲାପାଳ ପୁରୀ ତ୍ୱରିତ ପଦକ୍ଷେପ ଗ୍ରହଣ କରିବା ପାଇଁ ସ୍ମୃତିସମିତି ପକ୍ଷରୁ ଯୋଗାଯୋଗ କରିବାକୁ ସ୍ଥିର କରାଯାଇଛି । ବିଶେଷ କରି କୁହୁଡି ଐତିହାସିକ ଲବଣ ସତ୍ୟାଗ୍ରହ ପୀଠ ଓ ଓଳଙ୍ଗର ଖଣ୍ଡାସାହି ଚିନ୍ତନ ପୀଠର ସର୍ବାଙ୍ଗୀନ ବିକାଶ ପାଇଁ ସରକାରଙ୍କ ପକ୍ଷରୁ ଅବିଳମ୍ବେ ଏକ ମାଷ୍ଟର ପ୍ଲାନ ପ୍ରସ୍ତୁତ କରାଯିବା ଏକାନ୍ତ ଜରୁରୀ ବୋଲି ବୈଠକରେ ସାମୁହିକ ମତ ପ୍ରକାଶ ପାଇଥିଲା । ଉକ୍ତ ବୈଠକରେ ସମିତିର ଉପସଭାପତି ଦେଶବନ୍ଧୁ ସ୍ୱାଇଁ, ସାଧାରଣ ସମ୍ପାଦକ ସ୍ୱପ୍ନେଶ୍ୱର ସାହୁ, ସମ୍ପାଦକ ପଣ୍ଡିତ କାଳନ୍ଦୀଚରଣ ଛାଟୋଇ, ମହେଶ୍ୱର ନାୟକ, ଭୋଳାନାଥ ସ୍ୱାଇଁ, ଚିତ୍ତରଞ୍ଜନ କର, ଅଶୋକ ଶତପଥୀ, ସମରେନ୍ଦ୍ର ଦୀକ୍ଷିତି, ସତ୍ୟବ୍ରତ ଲେଙ୍କା ପ୍ରମୁଖ ଆଲୋଚନାରେ ସକ୍ରିୟ ଅଂଶଗ୍ରହଣ କରିଥିଲେ । ପ୍ରାରମ୍ଭରେ ବନ୍ଦେ ଉତ୍କଳ ଜନନୀ ସଙ୍ଗୀତ ଗାନ କରାଯିବା ପରେ ସମ୍ପାଦକ ପଣ୍ଡିତ କାଳନ୍ଦୀଚରଣ ଛାଟୋଇ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ ।

## କାଶୀନଗର ବାରଣାସୀ ଉତ୍ସବ ଉଦ୍‌ଘାଟିତ

କାଶୀନଗର, (ଭାସ୍କର ନ୍ୟୁଜ): ଗଜପତି ଜିଲ୍ଲା କାଶୀନଗର ବାରଣାସୀ ସରକାରୀ ଉଚ୍ଚ ବିଦ୍ୟାଳୟ ଖେଳପଡିଆଠାରେ ମହାଆଡମ୍ବର ସହକାରେ ବାରଣାସୀ ଉତ୍ସବ ଉଦ୍‌ଘାଟନ ହୋଇଛି । ପୂର୍ବରୁ ଆସିଥିବା ମସାଲକୁ ବ୍ଲକ କାର୍ଯ୍ୟାଳୟରୁ ବଡ ପଟୁଆରରେ ଏକ ଶୋଭାଯାତ୍ରାରେ ବାରଣାସୀ ଉତ୍ସବ ପଡିଆରେ ରଖାଯାଇଥିଲା । ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ଜିଲ୍ଲା ପରିଷଦ ଅଧ୍ୟକ୍ଷ ଜି ତିରୁପତି ରାଓ ଆସିଥିବା ବେଳେ ସମ୍ମାନିତ ଅତିଥି ଭାବେ ଜିଲ୍ଲା ଉନ୍ନୟନ ନିର୍ବାହୀ ଅଧିକାରୀ ଡ଼ ଗୁଣନିଧି ନାୟକ, ପାରଳାଖେମୁଣ୍ଡି ପୌର ପରିଷଦ ଅଧକ୍ଷା ନିର୍ମଳା ସେଠୀ, ଗୁମ୍ମା ବ୍ଲକ ଅଧକ୍ଷା ଉପସ୍ଥିତ ଥିଲେ । କାଶୀନଗର ବ୍ଲକ ଅଧକ୍ଷା ବାଲା ସାଇମ୍ମାଙ୍କ ଅଧକ୍ଷତାରେ ଆୟୋଜିତ ଏହି ଉତ୍ସବରେ କାଶୀନଗର ଏନ୍‌ଏସି ଅଧକ୍ଷା ଏମ ସୁଦ୍ଧା ରାଣୀ, ଗୋଷ୍ଠୀ ଉନ୍ନୟନ ଅଧିକାରୀ ଡ଼ମ୍ବୁରୁଧର ମଲ୍ଲିକ ପ୍ରମୁଖ ମଞ୍ଚାସୀନ ହୋଇ ବାରଣାସୀ ଉତ୍ସବ ଆମ ଅଞ୍ଚଳର ସଂସ୍କୃତି, ପାରମ୍ପରା ଓ ଐତିହକୁ ସାର୍ବଜନୀନ କରି କାଶୀନଗର ଭଳି ଏକ ଉପାନ୍ତ ଅଞ୍ଚଳରେ ଭାଷା, ଜାତି ଓ ଧର୍ମ ଭେଦଭାବ ନକରି ଏକ ଭାଇଚାରାର ବାର୍ତ୍ତା ସମସ୍ତଙ୍କ ନିକଟରେ ପହଞ୍ଚେଇ ପାରୁଥିବା ନେଇ ନିଜ ନିଜ ବକ୍ତବ୍ୟରେ କହିଥିଲେ । ଏହି ଉତ୍ସବରେ ପରିବେଷଣ ହୋଇଥିବା ବହୁ ପାରମ୍ପରିକ ଓ ସାଂସ୍କୃତିକ ନୃତ୍ୟ ସମସ୍ତଙ୍କୁ ବିମୋହିତ କରିଥିଲା ।

## ଜଗନ୍ନାଥପୁରବାସୀଙ୍କ ବିନା ସହମତିରେ ଚାଲିଛି ପୋଖରୀ ଖନନ
# ଜିଲ୍ଲା ପ୍ରଶାସନର ଦ୍ୱାରସ୍ଥ ହେଲେ ଗ୍ରାମବାସୀ




କେନ୍ଦୁଝର,(ଭାସ୍କର ନ୍ୟୁଜ): କେନ୍ଦୁଝରଗଡ ପୌରପାଳିକା ୯-ନଂୱାର୍ଡ ଜଗନ୍ନାଥପୁରରେ ପୋଖରୀ ଖନନ ଓ ମନ୍ଦିର ସମ୍ମୁଖରେ ମାଟି ପକାଇବାକୁ ନେଇ ଜିଲ୍ଲାପାଳଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି ଜଗନ୍ନାଥପୁରବାସୀ । ଏଠାରେ ପ୍ଲଟ୍ ନଂ ୨୧ରେ ଏକ ପୋଖରୀ ରହିଛି । ତେବେ ଏହା ଉପରେ ୨୮୦ବର୍ଷରୁ ଊର୍ଦ୍ଧ୍ୱ ହେଲାଣି ସ୍ଥାନୀୟ ଲୋକେ ସ୍ନାନ, ଶୌଚ, ଶୁଦ୍ଧ, ବ୍ରତ ସମେତ ଗୋରୁ, ଗାଈଙ୍କ ପାଇଁ ଏହି ପାଣି ବ୍ୟବହାର କରୁଛନ୍ତି । ଏବେ ପଙ୍କ ଉଦ୍ଧାର କରିବାକୁ ପୋଖରୀ ଖୋଳି ପାଣି ଛାଡି ଦିଆଯାଇଛି । ଏହାଛଡା ଗ୍ରାମର ସାଂସ୍କୃତିକ ଅନୁଷ୍ଠାନ ଗୌରାଙ୍ଗ ମନ୍ଦିର ସମ୍ମୁଖରେ ମାଟି ପକାଯାଇଛି । ସେଠାରେ ଏକ ଅଙ୍ଗନୱାଡି କେନ୍ଦ୍ର ମଧ୍ୟ ରହିଛି । ସାଂସ୍କୃତିକ ଅନୁଷ୍ଠାନ ଜରିଆରେ ପ୍ରତିବର୍ଷ ୨୪ପ୍ରହର ନାମଯଜ୍ଞ ଅନୁଷ୍ଠିତ ହେଉଛି । ତେବେ ପୋଖରୀ ଖନନ ପାଇଁ ଗ୍ରାମସଭା ନ ବସି କାମ ଚାଲିଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି । ପୋଖରୀକୁ ଅବରୋଧ କରି କେତେକ ବ୍ୟକ୍ତି ଦଖଲ କରିଥିବା ଅଭିଯୋଗରେ ଦର୍ଶାଯାଇଛି । ଏନେଇ ଗ୍ରାମବାସୀ ବହୁବାର ଅଭିଯୋଗ କରି ଆସୁଥିଲେ ହେଁ କୌଣସି ସୁଫଳ ମିଳୁନାହିଁ । ପୋଖରୀ ଖନନ ପାଇଁ ବାହାର ଲୋକଙ୍କ ସ୍ୱୀକୃତି ନେଇ କାମ ଆରମ୍ଭ ହୋଇଥିବା ନେଇ ଜନସାଧାରଣଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି । ଏଣୁ ଜିଲ୍ଲା ପ୍ରଶାସନ ତଦନ୍ତ କରିବା ସହିତ ଏହି ଦିଗରେ ପଦକ୍ଷେପ ଗ୍ରହଣ କରିବାକୁ ହରିହର ଜେନା, ବିନୋଦ ବିହାରୀ ଜେନା, ସୁଦର୍ଶନ ଜେନା, ବିଜୟ କୁମାର ଜେନା, ପିତାମ୍ବର ଜେନା, ଅକ୍ଷୟ କୁମାର ଜେନା ପ୍ରମୁଖ ଲିଖିତ ଦାବି କରି ଜିଲ୍ଲାପାଳଙ୍କୁ ଜଣାଇଛନ୍ତି ।

## ପୁରାତନ ଛାତ୍ରଛାତ୍ରୀଙ୍କ ପ୍ରସ୍ତୁତି ବୈଠକ

ରଘୁନାଥପୁର, (ଭାସ୍କର ନ୍ୟୁଜ): ବିରିଡି ବ୍ଲକ ସଢେଇ ଶାସନ ଉଚ୍ଚପ୍ରାଥମିକ ବିଦ୍ୟାଳୟର ୧୯୭୯ ମସିହା ପୁରାତନ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଆସନ୍ତା ଜାନୁଆରୀ ୧୨ରେ ଏକ ବନ୍ଧୁମିଳନ କାର୍ଯ୍ୟକ୍ରମ କରାଯିବା ପାଇଁ ପ୍ରସ୍ତୁତି ବୈଠକ ବୁଧବାର ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ବନଜ୍ୟୋତ୍ସ୍ନା ଦେବୀ, ସ୍ମୃତିରଞ୍ଜନ ରାଉତ, ତିମିର ରଞ୍ଜନ ମହାନ୍ତି, ଅଜୟ କୁମାର ବେହେରା, ପ୍ରଶାନ୍ତ କୁମାର ଓଝା, କସ୍ତୁରିବାଳା ରାଉତ, ସୁପ୍ରିୟା ରାଉତ, ପ୍ରମିଳା ରାଉତ, ପୂର୍ଣ୍ଣିମା ବେହେରା ପ୍ରମୁଖ ଉପସ୍ଥିତ ରହି ବିସ୍ତୃତ ଆଲୋଚନା କରିଥିଲେ।

## ଯାତ୍ରୀବାହୀ କାର୍‌କୁ ଜାଳିଦେଲେ ମାଓବାଦୀ

ମାଲକାନଗିରି, (ଭାସ୍କର ନ୍ୟୁଜ): ଲାଲ୍‌ବାହିନୀଙ୍କ ଲଙ୍କାକାଣ୍ଡ । ମାଲକାନଗିରି-ଆନ୍ଧ୍ର ସୀମାନ୍ତରେ ନିଜର ଦବଦବା ଜାହିର କରିଛନ୍ତି ମାଓବାଦୀ ସଂଗଠନ । ଯାତ୍ରୀବାହି କାର୍‌କୁ ନିଆଁ ଲଗେଇ ପୋଡି ପାଉଁଶ କରିଦେଇଛନ୍ତି । ଅଳ୍ପକେ ବର୍ତ୍ତି ଯାଇଛନ୍ତି ଯାତ୍ରୀ । ଏଭଳି ବର୍ବର ହିଂସା ଦେଖି ସ୍ଥାନୀୟ ଲୋକ ଭୟଭୀତ ଥିବା ଜଣାପଡିଛି । ସୂଚନା ଅନୁଯାୟୀ, ଆନ୍ଧ୍ର ତେଲେଙ୍ଗାନା ସୀମାନ୍ତରେ ପୋଲିସ ଏନ୍‌କାଉଣ୍ଟରରେ ୭ଜଣ ମାଓବାଦୀ ମୃତ୍ୟୁ ଘଟଣା ପ୍ରତିଶୋଧ ପରାୟଣ ହୋଇଛନ୍ତି ଲାଲ୍‌ବାହିନୀ ।



ସୋମବାର ଦିନ ଆନ୍ଧ୍ର, ତେଲେଙ୍ଗାନା ଓ ଛତିଶଗଡ଼ର ମାଓପ୍ରବଣ ଜିଲ୍ଲାରେ ବନ୍ଦ ଡାକରା ଦେଇଥିଲେ ମାଓବାଦୀ । ଏହି ସବୁ ଜିଲ୍ଲାରେ ସରକାରୀ ବସ୍ ଚଳାଚଳ ବନ୍ଦ ରହିଥିବା ବେଳେ ବିଳମ୍ବିତ ରାତିରେ ଭଦାରି ସରିଭେଲା ଗାଁ ନିକଟସ୍ଥ ମୁଖ୍ୟ ରାସ୍ତାରେ ଏକ କାର୍‌କୁ ଅଟକାଇ ନିଆଁ ଲଗାଇ ଦେଇଛନ୍ତି ମାଓବାଦୀ । ଯାହାଫଳରେ କାର୍‌ଟି ପୂରା ଜଳିପୋଡି ପାଉଁଶ ହୋଇଯାଇଛି । ଅନ୍ୟପକ୍ଷରେ ଏହି ହିଂସା ସମ୍ପର୍କରେ ଖବର ପାଇ ଚିନ୍ତୁର ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି ।

# ମଣ୍ଡଳସ୍ତରୀୟ ଶିଶୁ ଉତ୍ସବ



ପଟ୍ଟାମୁଣ୍ଡାଇ, (ଭାସ୍କର ନ୍ୟୁଜ): ଓଡ଼ିଶାର ସର୍ବପୁରାତନ ଶିକ୍ଷକ ସଂଗଠନ (ଓଷ୍ଟା)ତରଫରୁ ପିଲାମାନଙ୍କର ଅନ୍ତର୍ନିହିତ ଗୁଣର ବିକାଶ ପାଇଁ ପ୍ରତି ବର୍ଷ ଭଳି ଏବର୍ଷ ପଟ୍ଟାମୁଣ୍ଡାଇ ମଣ୍ଡଳସ୍ତରୀୟ ଶିଶୁ ଉତ୍ସବ ନିକଟସ୍ଥ ବଜ୍ର ମହାକାଳୀ ବିଦ୍ୟାଳୟ, ଅଠର ବାଟିଆ ଠାରେ ଅନୁଷ୍ଠିତ ହୋଇଯାଇଛି । ବ୍ଲକରେ ୪୮ଟି ବିଦ୍ୟାଳୟରୁ ପ୍ରାୟ ୩୦୦ରୁ ଅଧିକ ପିଲାମାନେ ୧୦ଟି ବିଭାଗରେ ଭାଗ ନେଇଥିଲେ । ପ୍ରଥମେ ସଂଗଠନର ପତାକାକୁ ସଭାପତି ବିଜୟ କୁମାର ଆଚାର୍ଯ୍ୟ ଦ୍ୱାରା ଉତ୍ତୋଳନ ହୋଇଥିଲା ଓ ପରେ ସଭା କାର୍ଯ୍ୟ ଉଦ୍‌ଘାଟନ କରାଯାଇଥିଲା । ଏହି ସଭାରେ ସଂଯୋଜନା କରିଥିଲେ କାର୍ଯ୍ୟକାରୀ ସଦସ୍ୟ ଶିକ୍ଷକ ଦିଲ୍ଲୀପ କୁମାର ରାଉତ, ଅନ୍ୟମାନଙ୍କ ମଧ୍ୟରେ ମୁଖ୍ୟ ଅତିଥି ଭାବେ ସରପଞ୍ଚ ଶ୍ରୀମତୀ ଦୀପ୍ତମୟୀ ପରିଡା, ମୁଖ୍ୟବକ୍ତା ଭାବେ ପ୍ରାକ୍ତନ ଜିଲ୍ଲା ସମ୍ପାଦକ ତପନ ସିଂ, ସମ୍ମାନିତ ଅତିଥି ଭାବେ ନିର୍ମଳ ନାୟକ, ବାବାଜୀ ଚରଣ ଦାସ, ମଧୁଚନ୍ଦା ଶର୍ମା, ତପରଞ୍ଜନ ବେହେରା ଉପସ୍ଥିତ ରହି ପିଲାମାନଙ୍କର ଅନ୍ତର୍ନିହିତ ଗୁଣର କିପରି ବିକାଶ ହେବ ସେ ସମ୍ପର୍କରେ ମତବ୍ୟକ୍ତ କରିଥିଲେ । ପ୍ରଥମେ ବିଦ୍ୟାଳୟର ପ୍ରଧାନଶିକ୍ଷକ ଅନୁସୟା ମିଶ୍ର ସ୍ୱାଗତ ଭାଷଣ ରଖିଥିଲେ । ସେହିପରି ଉଦ୍‌ଯାପନୀ ସଭାରେ ଜିଲ୍ଲା ଶିକ୍ଷା ଅଧିକାରୀ ପ୍ରଦୀପ କୁମାର ନାଗ, ଅନ୍ୟମାନଙ୍କ ମଧ୍ୟରେ ସଂଗଠନର ଜିଲ୍ଲା ସମ୍ପାଦକ ଭଗବାନ ସାହୁ, ସଭାପତି ଅଶୋକ ପରିଡା, ଶିକ୍ଷକ ନେତା ପ୍ରଣବ ଜେନା, ଗୋକୁଳ ରାଉତ, ରଞ୍ଜନ ବେହେରା, ତ୍ରାଲୋକ ମିଶ୍ର, ସମାଜସେବୀ ସୁଶୀଳ ପରିଡା, ଯୁବ ଶିକ୍ଷକ ନେତା ଗିରିଜା ସାମଲ, ମଳୟ ଜେନା ଉପସ୍ଥିତ ରହି କୃତି ଛାତ୍ରଛାତ୍ରୀଙ୍କୁ ମାନପତ୍ର ପ୍ରଦାନ କରିଥିଲେ । ଏହି ମଣ୍ଡଳସ୍ତରୀୟ ଶିଶୁ ଉତ୍ସବରେ ପ୍ରଥମ, ଦ୍ୱିତୀୟ ସ୍ଥାନ ରଖିଥିବା ପିଲାମାନେ ଜିଲ୍ଲାସ୍ତରୀୟ ଶିଶୁ ଉତ୍ସବରେ ଭାଗ ନେବା ପାଇଁ ଯୋଗ୍ୟ ବିବେଚିତ ହୋଇଛନ୍ତି । ଉତ୍ସବରେ ବିଚାରକ ଭାବେ ସୁରଜ ଦାସ, ଜ୍ଞାନରଞ୍ଜନ ପରିଡା, ରାଜଲକ୍ଷ୍ମୀ ମଳିକ, ପ୍ରଫୁଲ୍ଲ ନାୟକ ଯୋଗ ଦେଇଥିଲେ । ଶେଷରେ ବିଦ୍ୟାଳୟର ସମସ୍ତ କର୍ମଚାରୀ ଗ୍ରାମବାସୀ ତଥା ଓଷ୍ଟାର ବ୍ଲକ କାର୍ଯ୍ୟକାରୀ ସଦସ୍ୟ ଏହି ଉତ୍ସବକୁ ସାହାଯ୍ୟ ସହଯୋଗ କରିଥିଲେ ସମ୍ପାଦକ ଅକ୍ଷୟ ମହାନ୍ତି ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ ।

# କମାର ସମାଜ ପକ୍ଷରୁ ଆଦିବାସୀ ମାନ୍ୟତା ଦାବି




କୋରପୁଟ, (ଭାସ୍କର ନ୍ୟୁଜ): କମାର ଜାତିକୁ ଆଦିବାସୀ ମାନ୍ୟତା ଦାବିରେ କୋରାପୁଟ ଜିଲ୍ଲା ବନବାସୀ କମାର(ବିନ୍ଧାଣୀ) ସମାଜ ପକ୍ଷରୁ ଶୋଭାଯାତ୍ରା କରାଯିବା ସହିତ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ କୋରାପୁଟ ଉପଜିଲ୍ଲାପାଳ ବେଣୁଧର ଶବରଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି । କମାର ସମାଜର ଦାବି ଅନୁଯାଇ ସେମାନେ ବ୍ରିଟିଶ ଶାସନ ସମୟରେ ଆଦିବାସୀ (ହିଲ୍ ଟ୍ରାଇବ୍) ମାନ୍ୟତା ପାଇଥିଲେ । ତଥାପି ଆଜି ମଧ୍ୟ ଏମାନେ ନପ୍ଷେକ୍ଷିତ ଅବସ୍ଥାରେ ଦୁର୍ଦ୍ଦିନରେ ଜୀବନ ନିର୍ବାହ କରୁଛନ୍ତି । କୌଳିକ ବୃତ୍ତି ଲୁହା କାମ କରି ପରିବାର ପ୍ରତିପୋଷଣ କରୁଥିବାବେଳେ ୧୯୫୦ମସିହାରୁ ସେମାନଙ୍କୁ ଆଦିବାସୀ ତାଲିକାରୁ ହଟାଇ ପଛୁଆବର୍ଗ ମାନ୍ୟତା ଦିଆଯାଇଛି । ଫଳରେ କମାର ସମ୍ପ୍ରଦାୟର ଲୋକେ କୌଣସି ସରକାରୀ ଯୋଜନାରେ ସାମିଲ ହୋଇପାରୁନାହାନ୍ତି । ବର୍ତ୍ତମାନ ବି କମାର ଜାତିରେ ଆଦିବାସୀମାନଙ୍କ ଭଳି ପର୍ବ ପାଳନ କରାଯାଉଥିବା ବେଳେ ଆଦିବାସୀଙ୍କ ସାଙ୍ଗା ରହିଛି । ପରମ୍ପରା ଓ ସଂସ୍କୃତି, ପୋଷକ ପରିଧାନରେ ମଧ ସାମଞ୍ଜସ୍ୟ ରହିଛି । ତେଣୁ କମାର ଜାତିକୁ ଆଦିବାସୀ ମାନ୍ୟତା ଦେବା ନିମନ୍ତେ ଗତ ୧୫ବର୍ଷ ହେଲା ସମାଜ ପକ୍ଷରୁ ଦାବି କରାଯାଉଛି । ଏପିରିକି କମାର ସମାଜକୁ ଆଦିବାସୀ ମାନ୍ୟତା ଦେବା ଓ ସେମାନଙ୍କ ଦାବି ଉପରେ ପୂର୍ବରୁ ପଟାଙ୍ଗି ବିଧାୟକ ରାମଚନ୍ଦ୍ର କାଡାମ ଓ ପୂର୍ବତନ ରାଜ୍ୟସଭା ସାଂସଦ ଏନ୍.ଭାସ୍କର ରାଓଙ୍କୁ ଜଣାଇବା ପରେ ଉଭୟ ବିଧାନସଭା ଓ ରାଜ୍ୟସଭାରେ ଆଲୋଚନା କରିଥିଲେ । ଗତ ଦିନରେ ଉଭୟ କେନ୍ଦ୍ର ରାଜ୍ୟ ସରକାର ଆଦିବାସୀ ମାନ୍ୟତା ଦେବାକୁ ସହମତି ପ୍ରକାଶ କରିଥିଲେ । କିନ୍ତୁ ଆଜି ପର୍ଯ୍ୟନ୍ତ ତାହା କାର୍ଯ୍ୟକାରୀ ହୋଇପାରିନି । ତୁରନ୍ତ କମାର ଜାତିକୁ ଆଦିବାସୀ ମାନ୍ୟତା ଦେବାକୁ ଦାବି କରାଯାଇଛି । ଜିଲ୍ଲା ସଭାପତି ଭଗବାନ ଗୋଲରି, ଉପସଭାପତି ମଧୁ ସୂଦନ ନାୟକ ସମ୍ପାଦକ ମାଧବ ଗୋଲରି, ଯୁଗ୍ମ ସମ୍ପାଦକ ଘେନୁ ଗୋଲରିଙ୍କ ସମେତ ୫ହଜାରରୁ ଊର୍ଦ୍ଧ୍ୱ ମହିଳା ଓ ପୁରୁଷ ଶୋଭାଯାତ୍ରାରେ ଆସି ଦାବିପତ୍ର ପ୍ରଦାନ କରିଥିଲେ ।

## କୋଷାଗୁମୁଡାରେ ଧାନମଣ୍ଡି ଉଦ୍‌ଘାଟିତ

କୋଷାଗୁମୁଡ଼ା, (ଭାସ୍କର ନ୍ୟୁଜ): ବୁଧବାର ନବରଙ୍ଗପୁର ଜିଲ୍ଲାର କୋଷାଗୁମୁଡା ବ୍ଲକରେ ବିଧିବଦ୍ଧ ଭାବେ ଧାନମଣ୍ଡି ଉଦ୍‌ଘାଟିତ ହୋଇଯାଇଛି । ଏହି ଅବସରରେ ଲ୍ୟାମ୍ପ ଏମ୍ ଡ଼ି ପ୍ରଣବ ମହାନ୍ତିଙ୍କ ତତ୍ତ୍ୱାବଧାନରେ ଆଜି ଏକ ବୈଠକ ଅନୁଷ୍ଠିତ ହୋଇଥିଲା । ଅନୁଷ୍ଠିତ ଉକ୍ତ ବୈଠକରେ କୋଷାଗୁମୁଡା ସରପଞ୍ଚ ଡାଳିମ୍ବ ମାଝୀ, ସମିତିସଭ୍ୟ ଲକ୍ଷ୍ମଣ ପୂଜାରୀ, ସାଂସଦ ପ୍ରତିନିଧି ସାମନାଥ ପୂଜାରୀ, ଯୋଗାଣ ଅଧିକାରୀ ମାନସ ରଞ୍ଜନ ଜେନା, ପୂର୍ବତନ ସରପଞ୍ଚ ହରିବନ୍ଧୁ ମାଝୀ, ମୋତିଗାଁ ସମିତି ସଭ୍ୟ ତ୍ରିଲୋଚନ ଧାକଡ଼ ପ୍ରମୁଖ ମଞ୍ଚାସିନ ରହିଥିଲା । ରାଜ୍ୟ ସରକାର ନିଜ ପ୍ରତିଶ୍ରୁତି ପାଳନ କରିଥିବା ଯୋଗୁଁ ଏବଂ ପ୍ରଥମ ଶ୍ରେଣୀ ଧାନ କ୍ୱିଣ୍ଟାଲ ପିଛା ୩୧୨୦ ଟଙ୍କା କରିଥିବା ଯୋଗୁଁ ଚାଷୀମାନେ ରାଜ୍ୟ ତଥା କେନ୍ଦ୍ର ସରକାରଙ୍କୁ ଧନ୍ୟବାଦ ଜଣାଇଥିଲେ । ଆସନ୍ତା ମାସରେ ଟାର୍ଗେଟ ଆସିବା ନେଇ ଲ୍ୟାମ୍ପ ଅଧିକାରୀ ସୂଚନା ଦେଇଥିଲେ । ବ୍ଲକରେ ମହାଲକ୍ଷ୍ମୀ ଏସ୍‌ଏଚ୍‌ଜି, କଲ୍ୟାଣୀ ଏସ୍‌ଏଚ୍‌ଜି ଓ କୋଷାଗୁମୁଡା ଲ୍ୟାମ୍ପ ଧାନ କିଣିବା ନେଇ ସୂଚନା ମିଳିଛି ।

## ମାଣ୍ଡିଆ ରଥ ଶୁଭାରମ୍ଭ କଲେ ଉପଜିଲ୍ଲାପାଳ




ଗୁଣପୁର, (ଭାସ୍କର ନ୍ୟୁଜ): ଗୁଣପୁର ଆଶା ସ୍ୱେଚ୍ଛାସେବୀ ଅନୁଷ୍ଠାନ ଦ୍ୱାରା ଆୟୋଜିତ ମାଣ୍ଡିଆ ରଥକୁ ସବୁଜ ପତାକା ଦେଖାଇ ଗୁଣପୁର ଉପଜିଲ୍ଲାପାଳ କିରଣଦୀପ କୌର ଶୁଭାରମ୍ଭ କରିଛନ୍ତି । ଏହି ମାଣ୍ଡିଆ ରଥ ଗୁଣପୁର ବ୍ଲକର ବିଭିନ୍ନ ପଞ୍ଚାୟତ ବୁଲି ମାଣ୍ଡିଆ ଚାଷୀଙ୍କୁ ମଣ୍ଡିରେ ଉତ୍ପାଦିତ ମାଣ୍ଡିଆ ଆଣି ବିକ୍ରୟ କରିବା ପାଇଁ ସଚେତନତା ସୃଷ୍ଟି କରିବ । ମାଣ୍ଡିଆ ବିକ୍ରୟ ପାଇଁ ଚାଷୀଙ୍କୁ ପ୍ରଥମେ ପଞ୍ଜିକରଣ କରିବାକୁ ଥିବାବେଳେ ଏହା ଡିସେମ୍ବର ମାସ ଶେଷ ପର୍ଯ୍ୟନ୍ତ ପଞ୍ଜିକରଣ ପାଇଁ ସମୟ ସୀମା ରହିଥିବା କୃଷି ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି । ଏହି ମାଣ୍ଡିଆ ରଥ ଶୁଭାରମ୍ଭ କାର୍ଯ୍ୟକ୍ରମରେ ଗୁଣପୁର ଗୋଷ୍ଠୀ ଉନ୍ନୟନ ଅଧିକାରୀ ଶୁଭ୍ରାଞ୍ଜଳି ପ୍ରଧାନ, ବ୍ଲକ କୃଷି ଅଧିକାରୀ ସୁଜାତା ନିଶଂକ, ସହକାରୀ କୃଷୀ ଅଧିକାରୀ ଅଶ୍ୱିନି କୁମାର ସିଂ, କୃଷି ଅଧିଦର୍ଶକ ସନ୍ତୋଷ ରଥ ଓ ଆଶା ସ୍ୱେଚ୍ଛାସେବୀ ଅନୁଷ୍ଠାନର ସଂଯୋଜକ ବେଣୁ ପ୍ରମୁଖ ଉପସ୍ଥିତ ଥିଲେ ।

# ମିଳୁନି ଆମ୍ବୁଲାନ୍ସ, ହନ୍ତସନ୍ତ ରୋଗୀ



ଅସ୍ତରଙ୍ଗ,(ଭାସ୍କର ନ୍ୟୁଜ): ଜରୁରୀକାଳୀନ ପରିସ୍ଥିତିରେ ମିଳିପାରୁନି ୧୦୮ଆମ୍ବୁଲାନ୍ସ ସେବା । ଗୁରୁତର ରୋଗୀଙ୍କୁ ଜରୁରୀ ସମୟରେ ସ୍ୱାସ୍ଥ୍ୟକେନ୍ଦ୍ର ଆସିବାକୁ ଘଣ୍ଟା ଘଣ୍ଟା ବିତିଯାଉଛି । ହେଲେ ଠିକଣା ସମୟରେ ପହଞ୍ଚି ପାରୁନି ଆମ୍ବୁଲାନ୍ସ । ଫଳରେ କିଏ ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚିବା ପୂର୍ବରୁ ଆଖି ବୁଜୁଛି ତ ପୁଣି କିଏ ସଂକଟାପର୍ଣ୍ଣ ହେଉଛି । ଏମିତି ଏକ ଘଟଣା ସାମ୍ନାକୁ ଆସିଛି ପୁରୀ ଜିଲ୍ଲା ଅସ୍ତରଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ବୁଧବାର ପୂର୍ବାହ୍ନ ସମୟରେ ନରେନ୍ଦ୍ର ପ୍ରଧାନ ରୋଗ ଯନ୍ତ୍ରଣା କଷ୍ଟ ଭୋଗିବାରୁ ମେଡିକାଲ ଆଣିଥିଲେ ପରିବାର ଲୋକ । କିନ୍ତୁ ଅବସ୍ଥା ଶଙ୍କଟାପର୍ଣ୍ଣ ଥିବାରୁ ଡକ୍ଟର ନରେନ୍ଦ୍ର ପ୍ରଧାନଙ୍କୁ ଅନ୍ୟତ୍ର ମେଡିକାଲ ସ୍ଥାନାନ୍ତର କରିବାକୁ ପରିବାର ଲୋକଙ୍କୁ ସୂଚନା ଦେଇଥିଲେ । କିନ୍ତୁ ଅସ୍ତରଙ୍ଗ ମେଡିକାଲ ପରିସରରେ ଆମ୍ବୁଲାନ୍ସ ଥିଲେ ମଧ୍ୟ ରୋଗୀଙ୍କୁ ୧୦୮ଆମ୍ବୁଲାନ୍ସ ପାଇଁ ଜରୁରୀକାଳୀନ ଟୋଲ ଫ୍ରି ନମ୍ବରକୁ ନରେନ୍ଦ୍ର ପ୍ରଧାନଙ୍କ ସମ୍ପର୍କୀୟ ବିଶ୍ୱଜିତ ପ୍ରଧାନ ଯୋଗାଯୋଗ କରିଥିଲେ । କିନ୍ତୁ ଅସ୍ତରଙ୍ଗ ମେଡିକାଲ ପରିସରରେ ଆମ୍ବୁଲାନ୍ସ ଥାଇ ମଧ୍ୟ ଟୋଲ ଫ୍ରି ନମ୍ବରରୁ ସୂଚନା ମିଳିଥିଲା ଗାଡି ନାହିଁ। ରୋଗୀଙ୍କ ସମ୍ପର୍କୀୟ କହିଥିଲେ ଗାଡି ଅଛି କିନ୍ତୁ ଟୋଲ ଫ୍ରି'ରୁ ସୂଚନା ମିଳିଥିଲା ଆମ୍ବୁଲାନ୍ସ ଲାଗିଥିବା ଜିପିଏସ୍ ବଟମ୍ ଅନ୍ କରିକି ଯିବେ ଆମ୍ବୁଲାନ୍ସ କର୍ମଚାରୀ । ଏ ନେଇ ଘରୋଇ ସଂସ୍ଥା ଓ ଆମ୍ବୁଲାନ୍ସ କର୍ମଚାରୀଙ୍କ ମଧ୍ୟରେ ଜିପିଏସ୍ ବଟମ୍ ଅନ୍‌କୁ ନେଇ ଦ୍ୱନ୍ଦ୍ୱ ଥିବାବେଳେ ଯନ୍ତ୍ରଣା ଭୋଗୁଛନ୍ତି ରୋଗୀ । ଏ ସମ୍ପର୍କରେ ଉପସ୍ଥିତ ଥିବା ଆମ୍ବୁଲାନ୍ସ କର୍ମଚାରୀ କହିବା ମୁତାବକ ଘରୋଇ ସଂସ୍ଥା ଅନେକ ଦାବି ଶୁଣୁନଥିବାରୁ ଆମେ ରୋଗୀଙ୍କ ସେବା ଜାରୀ ରଖିଛୁ କିନ୍ତୁ ଜିପିଏସ୍ ଅନ୍ କରିନାହୁଁ । ୧୦୮ଆମ୍ବୁଲାନ୍ସରେ କାର୍ଯ୍ୟରତ କର୍ମଚାରୀ ଇ ଏମ୍ ଟି ଶୁଭମ୍ ବାରିକି, ପାଇଲଟ ଦିବ୍ୟରଞ୍ଜନ ମଲ୍ଲିକ ଓ ଆଟେଣ୍ଡାଣ୍ଟ ସଞ୍ଜୀବ ଖୁଣ୍ଟିଆ କହିଛନ୍ତି ୧୦୮ଆମ୍ବୁଲାନ୍ସ କର୍ମଚାରୀମାନେ ନିଷ୍ଠାପର ଓ ନିଃସ୍ୱାର୍ଥପର ଭାବେ କାମ କରୁଛନ୍ତି । ଯେ କୌଣସି ବିପର୍ଯ୍ୟୟ ହେଉ ବା ବନ୍ୟା, ବାତ୍ୟା ସମୟରେ ରୋଗୀମାନଙ୍କୁ ସଠିକ ସେବା ଯୋଗାଇ ଆସୁଛନ୍ତି ଆମ୍ବୁଲାନ୍ସ କର୍ମଚାରୀ । ଫୋନ ପାଇବା ମାତ୍ରେ ଅଖିଆ ଅପିଆ ଭାବେ ସେବା ଯୋଗାଇ ଆସୁଛୁ ବୋଲି କହିଥିଲେ କର୍ମଚାରୀ । ଆଜି ପର୍ଯ୍ୟନ୍ତ ଆମେ ସରକାରଙ୍କର ନଜରକୁ ଆସି ପାରୁନଥିବା ଏମାନେ ଦୁଃଖର ସହ କହିଥିଲେ । କର୍ମଚାରୀ କହିବା ମୁତାବକ ସେମାନେ ୧୨ଘଣ୍ଟା ପରିଶ୍ରମ କରି ୮ଘଣ୍ଟା ପାରିଶ୍ରମିକ ଦିଆଯାଉଛି । ଏହା ସହ କର୍ମଚାରୀଙ୍କ ସୁରକ୍ଷା ପାଇଁ ସୁରକ୍ଷା ଆଇନ ପ୍ରଣୟନ କରାଯାଉ । କୌଣସି କର୍ମଚାରୀଙ୍କ ଆକସ୍ମିକ ମୃତ୍ୟୁ କିମ୍ବା ଅର୍କମନ୍ୟ ହେଲେ ସହାୟତା ପ୍ରଦାନ ଏହା ସହ ୨ମାସର ଦରମା ଏବଂ ୨ ମାସର ବୋନସ୍ ଏ ପର୍ଯ୍ୟନ୍ତ ପାଇନାହାନ୍ତି କର୍ମଚାରୀ । ଯାହାକି ଆମ୍ବୁଲାନ୍ସ କର୍ମଚାରୀ ନିଜ ପରିବାର ଚଳାଇବା କଷ୍ଟକର ହୋଇପଡ଼ିଛି । କର୍ମଚାରୀମାନେ ୧୦୮ ଆମ୍ବୁଲାନ୍ସରେ ଲାଗିଥିବା ଜିପିଏସ୍ ଅଫ୍ ରଖି ମେଡିକାଲରୁ ଆବଶ୍ୟକ ମୁତାବକ ରୋଗୀ ସେବା କରୁଛନ୍ତି । ଯାହାକି ଗ୍ରାମାଞ୍ଚଳ ଲୋକ ଆମ୍ବୁଲାନ୍ସ ସେବା ପାଇବା ବାଧାପ୍ରାପ୍ତ ହେଉଛନ୍ତି । ଏ ନେଇ ସ୍ଥାନୀୟ ବାସିନ୍ଦା ହେମନ୍ତ ସେଠି କହିଛନ୍ତି ଘରୋଇ ସଂସ୍ଥା ଓ ଆମ୍ବୁଲାନ୍ସ କର୍ମଚାରୀ ମଧ୍ୟରେ ମତାନ୍ତର ଯୋଗୁଁ ରୋଗୀ ଅସୁବିଧା ସମ୍ମୁଖୀନ ହେଉଛନ୍ତି । ଏ ନେଇ ସରକାର ଏହା ପ୍ରତି ଦୃଷ୍ଟି ଦେଇ ଆମ୍ବୁଲାନ୍ସ କର୍ମଚାରୀଙ୍କ ସମସ୍ୟା ସମାଧାନ କରିବାକୁ ଦାବି କରିଛନ୍ତି ।



ରାଇଘର (ଭାସ୍କର ନ୍ୟୁଜ୍) : ନବରଙ୍ଗପୁର ଜିଲ୍ଲା ରାଇଘର ବ୍ଲକ ସଦମହକୁମା ସ୍ଥିତ ଆରଏମ୍‌ସି ମଣ୍ଡି ପରିସରରେ ଧାନମଣ୍ଡିର ଶୁଭ ଉଦ୍‌ଘାଟନ ହୋଇଯାଇଛି । ଏହି ମଣ୍ଡି ଉଦଘାଟନ ଅବସରରେ, ଲ୍ୟାମ୍ପସ ସଭାପତି ରାଇସିଁ ଗଣ୍ଡ, ବ୍ଲକ ଅଧକ୍ଷ ଗୁପ୍ତ ପ୍ରସାଦ ଝାଙ୍କର, ମନ୍ତ୍ରୀ ପ୍ରତିନିଧି ପ୍ରୀତିସ୍ନିଧା ମହାପାତ୍ର,ପୂର୍ବତନ ଜିଲ୍ଲାପରିଷଦ ସଭ୍ୟ ସୁଦର୍ଶନ ମାଝୀ, ପୂର୍ବତନ ବ୍ଲକ ଅଧକ୍ଷା ଚିତ୍ତରଞ୍ଜନ ଗଣ୍ଡ, ପୂର୍ବତନ ଯୋଗାଣ ଅଧିକାରୀ, ଲ୍ୟାମ୍ପସ ପରିଚାଳନା ନିର୍ଦ୍ଦେଶକ ନିରାକାର ରାଉତ,ଆର, ଏମ, ସି ର, ପେଶିଲାଲ ହଲଓ୍ୱା, ମହେଶ ହାଲଓ୍ୱା, ଭାଇ ରାମ୍ ହାଲଓ୍ୱା , ଚାଷୀଙ୍କ ଉପସ୍ଥିତିରେ ପ୍ରଦୀପ ପ୍ରଜ୍ୱଳନ କରି ଧାନମଣ୍ଡି ଉଦ୍‌ଘାଟନ କରିଥିଲେ। ଉପସ୍ଥିତ ଥିବା ଅତିଥି କହିଥିଲେ ଯେ ଚାଷୀ ଯେମିତି କୌଣସି ଅସୁବିଧାର ସମ୍ମୁଖୀନ ନହେବେ ତାହା ଉପରେ ନଜର ଦେବାକୁ । ନିର୍ଦ୍ଧିଷ୍ଟ ବଜାର କମିଟି ପକ୍ଷରୁ ସାଧାରଣ ଧାନ କ୍ୱିଣ୍ଟାଲ ପିଛା ୩୧୦୦ ଟଙ୍କା ଧାର୍ଯ୍ୟ କରାଯାଇଥିବା ବେଳେ ରାଇଘର ମଣ୍ଡି ଠାରେ ଶୁକ୍ରବାର, ଶନିବାର , ଗୋନା ଠାରେ ବୁଧବାର ଦିନ, ଯୋଡିଙ୍ଗା ଠାରେ ମଙ୍ଗଳବାର ଦିନ, ହାଟଭରାଣ୍ଡି ଠାରେ ରବିବାର ଦିନ, ମହନ୍ତ ଠାରେ ସୋମବାର ଦିନ ଧାନ କ୍ରୟ ବିକ୍ରୟ ନିମନ୍ତେ ଦିନ ଧାର୍ଯ୍ୟ କରାଯାଇଥିବା ଜଣାଯାଇଛି । ସେହିଭଳି ନବରଙ୍ଗପୁର ଜିଲ୍ଲା ର ଉମରକୋଟ, ଝରୀଗାଁ, ଚାନ୍ଦା ହାଣ୍ଡି, ଡାବୁଗାଁ, ପାପଡା ହାଣ୍ଡି, ତେନ୍ତୁଳି ଖୁଣ୍ଟି, ନନ୍ଦାହାଣ୍ଡି,, କଷା ଗୁମୁଡ଼ା , ମଇଦଳ ପୁର, ନବରଙ୍ଗପୁର ଆଦି ସ୍ଥାନରେ ମଧ ଧାନମଣ୍ଡି ଉଦ୍ ଘାଟିତ ହୋଇଯାଇଛି।



# ସୋସିଆଲ୍ ମିଡିଆରେ ଚରିତ୍ର ସଂହାର କରି ଟଙ୍କା ଆଦାୟ କରିବାକୁ ଉଦ୍ୟମ

## ଅଭିଯୋଗ ପରେ ବି ପୋଲିସ୍‌ର କାର୍ଯ୍ୟାନୁଷ୍ଠାନ ଶୂନ

ଢେଙ୍କାନାଳ(ଭାସ୍କର ନ୍ୟୁଜ୍) : ଢେଙ୍କାନାଳ ଜିଲ୍ଲାରେ ଏବେ ସୋସିଆଲ୍ ମିଡିଆରେ ନିଜକୁ ସାମ୍ବାଦିକ ବୋଲାଉଥିବା କିଛି ମଦ୍ୟପ ଯୁବକ ସୋସିଆଲ୍ ମିଡିଆରେ ଚରିତ୍ର ନିଜର ପଡିଆରା ଦେଖାଇବା ସହ ଅଫିସରଙ୍କଠୁ ଆରମ୍ଭ କରି ନେତାମନ୍ତ୍ରୀଙ୍କ ଚରିତ୍ର ସଂହାର କରି ଚାନ୍ଦା ଆଦାୟ କରିବାକୁ ପଛାଉ ନାହାଁନ୍ତି । ସୋସିଆଲ୍ ମିଡ଼ିଆ କାହା ନିୟନ୍ତ୍ରଣରେ ନଥିବାରୁ କିଛି ଅସାମାଜିକ ଯୁବକ ନିଜର ସ୍ୱାର୍ଥ ସାଧନ ପାଇଁ ସମ୍ମାନସ୍ପଦ ବ୍ୟକ୍ତିଙ୍କର ଫଟୋ ଭିଡିଓକୁ ଏଡିଟିଂ କରି ତାଙ୍କର ଚରିତ୍ର ସଂହାର କରିଚାଲିଛନ୍ତି । ଅଭିଯୋଗ ପରେ ବି ପୋଲିସ୍ ଚରିତ୍ର ସଂହାରକାରୀଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ କରୁନଥିବା ଯୋଗୁଁ ଏହି ନ୍ୟସ୍ତ ସ୍ୱାର୍ଥ ସାମ୍ବାଦିକ ବୋଲାଉଥିବା ଯୁବକମାନେ ଉତ୍ସାହିତ ହୋଇପଡିବା ସହ ବିଭିନ୍ନ ସମୟରେ ସମ୍ମାନସ୍ପଦ ବ୍ୟକ୍ତିମାନଙ୍କ ଠାରୁ ଟଙ୍କା ଆଦାୟ କରୁଥିବାର ନଜିର ରହିଛି । ବବିଭିନ୍ନ ବ୍ୟକ୍ତିବିଶେଷଙ୍କର ଫଟୋ ଭିଡିଓକୁ ଏଡିଟିଂ କରି ଅଶ୍ଳୀଳ ବନେଇ ସୋସିଆଲ୍ ମିଡ଼ିଆରେ ଭାଇରାଲ୍ କରି ଚରିତ୍ର ସଂହାର କରିବା ସହ ମୋଟା ଅଙ୍କର ଟଙ୍କା ରୋଜଗାରରେ ଲାଗିପଡିଛନ୍ତି । ଯାହାର ଜ୍ୱଳନ୍ତ ଉଦାହରଣ ଢେଙ୍କାନାଳ ଓ ହିନ୍ଦୋଳ ଅଂଚଳରେ ଦେଖିବାକୁ ମିଳିଛି । ନିଜକୁ ସୋସିଆଲ୍ ମିଡିଆରେ ସାମ୍ବାଦିକ ବୋଲାଉଥିବା ସେହି ଅସାମାଜିକ ବ୍ୟକ୍ତି ଫେସବୁକ୍ ଆକାଉଣ୍ଟ୍ ଖୋଲି ବିଭିନ୍ନ ବ୍ୟକ୍ତିବିଶେଷଙ୍କର ଫଟୋ ଭିଡିଓ ଏଡିଟିଂ କରି ତାଙ୍କର ଚରିତ୍ର ସଂହାର କରିଚାଲିଛନ୍ତି । ଏମିତିକି ଟଙ୍କା ରୋଜଗାରର ନିଶା ଏତେ ମାତ୍ରାରେ ଚଢି ଯାଇଛିଯେ ସେ ବିଭିନ୍ନ ସମ୍ମାନସ୍ପଦ ବ୍ୟକ୍ତିଙ୍କ ଫଟୋ ସହ ଅନ୍ୟ ଝିଅ ଓ ମହିଳାଙ୍କ ଫଟୋ ଯୋଡି ତାଙ୍କର ଚରିତ୍ର ସଂହାର କରିଚାଲିଛନ୍ତି। ଯାହାଫଳରେ ସେହି ସମ୍ମାନସ୍ପଦ ବ୍ୟକ୍ତିମାନେ ସମାଜରେ ନିନ୍ଦିତ ହେଉଛନ୍ତି । ଏଭଳି କିଛି ଅସାମାଜିକ ଯୁବକ ମାନଙ୍କ ପାଇଁ ସମାଜ କଳୁଷିତ ହେବା ସହ ସାମ୍ବାଦିକଙ୍କୁ ଲୋକ ଘୃଣିତ ନଜରରେ ଦେଖିବାକୁ ଲାଗିଛନ୍ତି। ତୁରନ୍ତ ଏହି ଅସାମାଜିକ ବ୍ୟକ୍ତି ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସାଧାରଣରେ ଏବଂ ବୁଦ୍ଧିଜୀବୀ ମହଲରେ ଦୃଢ଼ ଦାବି ହେଉଛି । ସରକାର ଓ ପୋଲିସ୍ ପ୍ରଶାସନ ଯଦି ଏ ଦିଗରେ କୌଣସି ପଦକ୍ଷେପ ଗ୍ରହଣ ନକରନ୍ତି ତେବେ ଆଗାମୀ ଦିନରେ ସୋସିଆଲ୍ ମିଡିଆ ମାଧ୍ୟମରେ ଏହି ଅସାମାଜିକ ବ୍ୟକ୍ତି ମାନେ ଆହୁରି କେତେ ଯେ ଲୋକଙ୍କର ଏମିତି ଚରିତ୍ର ସଂହାର କରି ଚାଲିବେ ବୋଲି ବୁଦ୍ଧିଜୀବୀ ମାନେ ମତ ପ୍ରକାଶ କରିଛନ୍ତି।

# କରଞ୍ଜିଆ ବନଖଣ୍ଡରେ ୫୧ଟିକିଆ ହାତୀଙ୍କ ଉପଦ୍ରବ

## ଖାଇଲେ ଧାନ ଓ ଭାଙ୍ଗିଲେ ଘର



କରଞ୍ଜିଆ (ଭାସ୍କର ନ୍ୟୁଜ୍): କରଞ୍ଜିଆ ବନଖଣ୍ଡରେ ଥମୁନି ହାତୀ ଆତଙ୍କ। ଆଜି କରଞ୍ଜିଆ ବନଖଣ୍ଡ ରେ ପୃଥକ ପୃଥକ ସ୍ଥାନରେ ଅଛନ୍ତି ୫୧ଟି ହାତୀ । ବିଶେଷ କରି ହାତୀ ପଲରେ ୨୬ ଟିକିଆ ହାତୀ ପଲ ୧୦୦ ରୁ ଊର୍ଦ୍ଧ୍ୱ ଗାଁରେ ଆତଙ୍କ ସୃଷ୍ଟି କରିଛନ୍ତି । ଏହି ୨୬ ଟିକିଆ ହାତୀପଲ ଦୁଇ ଭାଗରେ ବିଭକ୍ତ ହେଇ ଶିରିମନହରପୁର ଏବଂ ପୋଖରୀଆ ଗାଁ ନିକଟରେ ଥିବା ଜଙ୍ଗଲରେ ଅଛନ୍ତି । ଗତକାଲି ରାତିରେ ଶହ ଶହ ଏକର ଧାନ ଫସଲ ନଷ୍ଟ କରିଥିବା ବେଳେ ପୁଣି ଘର ଭାଙ୍ଗିଲା ଗୋଠ ଛଡା ଦନ୍ତା ହାତୀ। ଗତକାଲି ବିଳମ୍ବିତ ରାତିରେ ଗୋଠ ଛଡା ଦନ୍ତା ହାତୀ କରଞ୍ଜିଆ ବନଖଣ୍ଡ ଅଞ୍ଚଳ ର ଟଙ୍ଗାବିଲା ଫରେଷ୍ଟ ସେକ୍ସନ ରାଇତଳିଆ ଗ୍ରାମର ପଙ୍କଜିନି ହୋ ଙ୍କ ଘର ଭାଙ୍ଗି ଧାନ ଚାଉଳ ନଷ୍ଟ କରିବା ସହ ଘର ର ସମ୍ପୂର୍ଣ୍ଣ ଆଜବେଷ୍ଟସ୍‌ର ଘର କାନ୍ଥ ଭାଙ୍ଗି ଦେଇଛି, ତେବେ ବିଳମ୍ବିତ ରାତିରେ ଗୋଠ ଛଡା ଦନ୍ତା ହାତୀଟି ଉପଦ୍ରବ ଚଳାଉଥିବା ବେଳେ ଲୋକେ ଭୟଭୀତ ଅବସ୍ଥାରେ ରହୁଛନ୍ତି । ହାତୀ ଭୟରେ ଲୋକେ ରାତି ତମାମ ଉଜାଗର ରହୁଥିବା ଦେଖିବାକୁ ମିଳିଛି।

# ରାୟପୁର ଶିଶୁ ମନ୍ଦିରରେ ବାର୍ଷିକ କ୍ରୀଡା




ଫୁଲନଖରା(ଭାସ୍କର ନ୍ୟୁଜ୍): ବାରଙ୍ଗ ବ୍ଲକ କୁରାଙ୍ଗପ୍ରଧାନ ପଞ୍ଚାୟତ ଅନ୍ତର୍ଗତ ରାୟପୁରଠାରେ ଥିବା ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ୧୮ତମ ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା ଆରମ୍ଭ ହୋଇଛି । କିଟ ବିଶ୍ୱବିଦ୍ୟାଳୟ କମ୍ପ୍ୟୁଟର ବିଜ୍ଞାନ ବିଭାଗ ସହଯୋଗୀ ପ୍ରାଧ୍ୟାପକ ଡଃ.କୁମାର ଦେବଦତ୍ତ ମୁଖ୍ୟ ଅତିଥିଭାବେ ଯୋଗଦେଇ କ୍ରୀଡ଼ା ପତାକା ଉତ୍ତୋଳନ ପୂର୍ବକ ଏହାକୁ ଉଦଘାଟନ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଶିକ୍ଷାନୁଷ୍ଠାନ ସଭାପତି ପଣ୍ଡିତ ରବିନାରାୟଣ ପଣ୍ଡା, ଉପସଭାପତି ପ୍ରଦୀପଚନ୍ଦ୍ର ପଣ୍ଡା, ସମ୍ପାଦକ ମାନସରଂଜନ ପଣ୍ଡା ଓ ପ୍ରଧାନ ଆଚାର୍ଯ୍ୟ ମନୋଜକୁମାର ଦାସ ଅତିଥିଭାବେ ଉପସ୍ଥିତ ରହି ପିଲାମାନଙ୍କୁ ଉତ୍ସାହିତ କରିଥିଲେ। ଏହି ଅବସରରେ ଆୟୋଜିତ କ୍ରୀଡ଼ା ମଶାଲ ଶୋଭାଯାତ୍ରା ଶିକ୍ଷାନୁଷ୍ଠାନରେ ପହଞ୍ଚିବା ପରେ ଆନୁଷ୍ଠାନିକଭାବେ ବିଭିନ୍ନ ଖେଳକୁଦ ପ୍ରତିଯୋଗିତା ଆରମ୍ଭ ହୋଇଥିଲା। ଏଥିରେ ଶତାଧିକ ବିଦ୍ୟାର୍ଥୀ ଅଂଶ ଗ୍ରହଣ କରିଥିଲେ। ଶାରିରୀକ କ୍ରୀଡ଼ା ପ୍ରଶିକ୍ଷିକା ମୀନତୀ ପାତ୍ରଙ୍କ ନେତୃତ୍ୱରେ ଆୟୋଜିତ ଏହି ପ୍ରତିଯୋଗିତାକୁ ଅର୍ଚ୍ଚନା ମହାପାତ୍ର, କୁନିଲତା ସାହୁ, ରଶ୍ମିତା ବିଶ୍ୱାଳ, ସସ୍ମିତା ଦାସ, ପ୍ରିୟଙ୍କା ସାମନ୍ତରାୟ, ଶର୍ମିଷ୍ଠା ମହାନ୍ତି, ଶର୍ମିଷ୍ଠା ପରିଡ଼ା, ଝୁନା ସାହୁ, କଲ୍ଲୋଳିନୀ ମହାନ୍ତି, ପ୍ରଭାବତୀ ବାରିକ, ନବଘନ ଦାସ, ବନିତା ସ୍ୱାଇଁ, ସୁଜାତା ଭୋଇ ପ୍ରମୁଖ ଗୁରୁଜୀ ଗୁରୁମା ପରିଚାଳନା କରିଥିଲେ।

# ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ଉଦ୍‌ଘାଟିତ

ପରଜଙ୍ଗ(ଭାସ୍କର ନ୍ୟୁଜ୍): ଢେଙ୍କାନାଳ ଜିଲ୍ଲା ପରଜଙ୍ଗ ବ୍ଲକ ମହେନ୍ଦ୍ର ସୁବାହୁ ସିଂହ ଉଚ୍ଚ ବିଦ୍ୟାପୀଠ ପରିସରରେ ଭୀମଭୋଇ ଭିର୍ନକ୍ଷମ ସାମର୍ଥ ଶିବିର ଚଳିତ ବର୍ଷ ୨୦୨୪-୨୦୨୫ ର ମଙ୍ଗଳବାରରେ ଅନୁଷ୍ଠିତ ହୋଇଯାଇଛି ।ଜିଲ୍ଲା ସୁରକ୍ଷା ଅଧିକାରୀ ଆନୁକୂଲ୍ୟରେ ପରଜଙ୍ଗ ବ୍ଲକ ପ୍ରଶାସନ ନେତୃତ୍ୱରେ ଏହି ଶିବିର ଅନୁଷ୍ଠିତ ହୋଇଥିଲା ବେଳେ ଆନୁଷ୍ଠାନିକ ଭାବେ ବ୍ଲକ ଅଧକ୍ଷା ଶର୍ମିଷ୍ଠା ଦଳବେହେରା, ଉପାଧକ୍ଷା ଯଶସ୍ୱିନୀ ରାଉତ ଶୁଭ ଉଦଘାଟନ କରିଥିଲେ । ଶିବିରରେ ଅସ୍ଥିଶଲ୍ୟ, ଶ୍ରବଣ ବାଧିତ, ଦୃଷ୍ଟିଶକ୍ତି ବାଧିତ, ମାନସିକ ଅନଗ୍ରସର ଆଦି ବିଭାଗରେ ଜିଲ୍ଲା ସ୍ତରୀୟ ପ୍ରତିନିଧି ଓ ଟେକନିସିଆନ ମାନେ ଯୋଗ ଦେଇଥିବା ବେଳେ, ମୋଟ ସମସ୍ତ ବିଭାଗରେ ଛଅଶହ ଚବିଶ ଜଣ ଶିବିରରେ ପଞ୍ଜିକୃତ ହୋଇଛନ୍ତି । ଏହି କାର୍ଯ୍ୟକ୍ରମରେ ବ୍ଲକ ସୁରକ୍ଷା ବିଭାଗର ପ୍ରଭାସ ସାମନ୍ତରାୟ, ବାନାମ୍ବର ନାୟକ ଙ୍କ ସମେତ ସମସ୍ତ କର୍ମଚାରୀ ସହଯୋଗ କରିଥିଲେ ।

# କଳକାରଖାନାରୁ ନିର୍ଗତ ପାଉଁଶ କମ୍ପାନୀ କର୍ତ୍ତୃପକ୍ଷ ଗଚ୍ଛିତ ରଖୁନାହାଁନ୍ତି, ଜନସ୍ୱାସ୍ଥ୍ୟ ପ୍ରତି ବିପଦ

## ଜିଲ୍ଲା ପ୍ରଶାସନର ଦୃଷ୍ଟି ଆକର୍ଷଣ କଲେ ପୂର୍ବତନ ସାଂସଦ ମହେଶ ସାହୁ

ଢେଙ୍କାନାଳ(ଭାସ୍କର ନ୍ୟୁଜ୍): ଜିଲ୍ଲାରେ ଗଢି ଉଠିଥିବା ବିଭିନ୍ନ କଳକାରଖାନା ଗୁଡିକ ପ୍ରଥମତଃ ପାରିପାର୍ଶ୍ୱିକ ଉନ୍ନୟନ ପାଇଁ ଜିଲ୍ଲା ପ୍ରଶାସନ ନିକଟରେ ଡିଣ୍ଡିମ ପିଟୁଥିବାବେଳେ ସଂପୃକ୍ତ କାରଖାନାରୁ ନିର୍ଗତ ପାଉଁଶ କମ୍ପାନୀ କର୍ତ୍ତୃପକ୍ଷ ଆସ୍‌ପଣ୍ଡ ତିଆରି କରି ସେଥିରେ ଗଚ୍ଛିତ ରଖିଲେ ଜନସ୍ୱାସ୍ଥ୍ୟ ପ୍ରତି ବିପଦ ଦେଖାଯାଆନ୍ତା ନାହିଁ । କିନ୍ତୁ କମ୍ପାନୀ କର୍ତ୍ତୃପକ୍ଷ ଏହାକୁ ଆଦୌ ଗୁରୁତ୍ୱ ନଦେଇ ଢେଙ୍କାନାଳ ଜିଲ୍ଲାବାସୀଙ୍କ ଜୀବନକୁ ହେୟ ମନେକରି ଚାଲିଛନ୍ତି । ଏ ସଂକ୍ରାନ୍ତରେ ସ୍ଥାନୀୟ ଅଂଚଳର ବୁଦ୍ଧିଜୀବୀମାନେ ବାରମ୍ବାର ଜିଲ୍ଲା ପ୍ରଶାସନଠୁ ଆରମ୍ଭ କରି ରାଜ୍ୟ ପ୍ରଦୂଷଣ ବୋର୍ଡ କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ମଧ୍ୟ ଏଥିପ୍ରତି କୌଣସି କାର୍ଯ୍ୟାନୁଷ୍ଠାନ କମ୍ପାନୀଗୁଡିକ ଉପରେ ନିଆଯାଇନଥିବା ବେଳେ କମ୍ପାନୀ କର୍ତ୍ତୃପକ୍ଷ ମଧ୍ୟ କମ୍ପାନୀରୁ ନିର୍ଗତ ପାଉଁଶ ପାଇଁ ସ୍ଥାୟୀ ପଦକ୍ଷେପ ଗ୍ରହଣ କରିନାହାଁନ୍ତି । ଢେଙ୍କାନାଳର ପୂର୍ବତନ ସାଂସଦ ମହେଶ ସାହୁ ଏଭଳି ପରିସ୍ଥିତି ଦେଖି କ୍ଷୋଭ ପ୍ରକାଶ କରିବା ସହିତ ଢେଙ୍କାନାଳ ଜିଲ୍ଲାପାଳଙ୍କୁ ପତ୍ର ମାଧ୍ୟମରେ ଦୃଷ୍ଟି ଆକର୍ଷଣ କରିଛନ୍ତି । ଶ୍ରୀ ସାହୁ ଉକ୍ତ ପତ୍ର ମାଧ୍ୟମରେ ଏଭଳି ପରିସ୍ଥିତି ଏକ ଗୁରୁତ୍ୱପୂର୍ଣ୍ଣ ଘଟଣା । ଏଥିପାଇଁ ଆବଶ୍ୟକ ପଦକ୍ଷେପ ଓ ନିର୍ଦ୍ଦେଶ ଦେବା ନିତ୍ୟାନ୍ତ ଦରକାର ଉଲ୍ଲେଖ କରିଛନ୍ତି । କମ୍ପାନୀମାନେ ପାଉଁଶ ପୋଖରୀ ପ୍ରସ୍ତୁତ ନକରି କାରଖାନା ଚଳାଇବା ଏକ ବିରଳ ଘଟଣା । ଏଥିପାଇଁ କମ୍ପାନୀଗୁଡିକ ପ୍ରତିଦିନ ଶହଶହ ଟନ୍ କୋଇଲା ବ୍ୟବହାର କରୁଛନ୍ତି । ଯାହାର କି ବର୍ଜ୍ୟବସ୍ତୁ ଏଣେତେଣେ ପଡି ରହିବା ଦ୍ୱାରା କଳକାରଖାନା ଗଢି ଉଠିଥିବା ଅଂଚଳଗୁଡ଼ିକ ବହୁଳ ମାତ୍ରାରେ ପ୍ରଦୂଷିତ ହେଉଛି । ଏ ସଂକ୍ରାନ୍ତରେ ଆବଶ୍ୟକ ତଦନ୍ତ ନହେଲେ ଭବିଷ୍ୟତ ନିମନ୍ତେ ଆମ ସମସ୍ତଙ୍କ ପାଇଁ ବିଭିନ୍ନ ସମାସ୍ୟା ସୃଷ୍ଟି ହେବ ବୋଲି ସାଂସଦ ଶ୍ରୀ ସାହୁ ଜଣାଇଛନ୍ତି ।

# ଜଙ୍ଗଲୀ ଜନ୍ତୁ ପାଇଁ ବସିଥିଲା ବିଦ୍ୟୁତ୍ ଫାଶ

## ■ ବିଭିନ୍ନ ସ୍ଥାନରୁ ବିଦ୍ୟୁତ୍ ବିଭାଗ ତରଫରୁ ତାର ଜବତ

ଅସ୍ତରଙ୍ଗ(ଭାସ୍କର ନ୍ୟୁଜ୍): ପୁରୀ ଜିଲ୍ଲା ଅସ୍ତରଙ୍ଗ ବନାଞ୍ଚଳ ଅଧୀନରେ ଥିବା ବିଭିନ୍ନ ଗାଁ ନିକଟରେ ଥିବା ଧାନ କିଆରୀରେ ଶିକାରୀ ହେଉ ଅବା ଅନ୍ୟ ବ୍ୟକ୍ତିତ୍ୱ ବିଦ୍ୟୁତ ତାର ବିଲ ଚତୁପାର୍ଶ୍ୱରେ ଜଙ୍ଗଲୀ ଜନ୍ତୁଙ୍କ ପାଇଁ ବିଛାଇଥିଲେ। ସନ୍ଧ୍ୟା ହେଲେ ଉକ୍ତ ତାର ବିଦ୍ୟୁତ ସଂଯୋଗ କରୁଥିଲେ। କିଛି ଦିନ ତଳେ ଅସ୍ତରଙ୍ଗ ଥାନା ଅଞ୍ଚଳରେ ଜଣେ ବ୍ୟକ୍ତି ବିଦ୍ୟୁତ ତାର ସଂସ୍ପର୍ଶରେ ଆସି ମୃତ୍ୟୁ ହୋଇଥିବା ନଜିର ରହିଛି । ବିଶେଷ ସୂତ୍ରରୁ ଅଭିଯୋଗ ପରେ ନିର୍ବାହୀ ଯନ୍ତ୍ରୀ ବିଶ୍ୱରଂଜନ ବେହେରା ଓ ଉପଖଣ୍ଡ ଅଧିକାରୀ ସ୍ମୃତି ରଞ୍ଜନ ବେହେରାଙ୍କ ନିର୍ଦ୍ଦେଶକ୍ରମେ ଅସ୍ତରଙ୍ଗ ବିଦ୍ୟୁତ ବିଭାଗର ୨୦ଜଣିଆ ଟିମ୍ ମଙ୍ଗଳବାର ସନ୍ଧ୍ୟା ରୁ ବିଳମ୍ବିତ ରାତି ପର୍ଯ୍ୟନ୍ତ ଅସ୍ତରଙ୍ଗ ବନାଞ୍ଚଳର ବିଭିନ୍ନ ସ୍ଥାନ ପରିଦର୍ଶନ କରିଥିବା ବେଳେ ଗଙ୍ଗପୁର ଓ ପଦାସାହି ଅଂଚଳ ରେ ବିଲରୁ ବାଇଣ୍ଡିଙ୍ଗ ତାର ୬ ଶହ ମିଟର, ସର୍ବିଶ ତାର ୩ଶହ ମିଟର ବ୍ୟବହୃତ ବାଉଁଶ ଜବତ କରିଥିଲେ ବିଦ୍ୟୁତ ବିଭାଗ ଟିମ୍। ଏହି ଚଢ଼ାଉ ସମୟରେ ଯନ୍ତ୍ରୀ ସୁବ୍ରତ କୁମାର ତ୍ରିପାଠୀ, ମୁଖ୍ୟ ଲାଇନି ମ୍ୟାନ ରାକେଶ କୁମାର ସାହୁ, ସଞ୍ଜୟ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ। ବିଦ୍ୟୁତ ବିଭାଗ ତରଫରୁ ସୂଚନା ଦିଆଯାଇଛି । ଯଦି କୌଣସି ବ୍ୟକ୍ତି ଏପରି ତାର ବିଛାଇଥାନ୍ତି ନିକଟସ୍ଥ ଲୋକେ ତୁରନ୍ତ ବିଦ୍ୟୁତ ବିଭାଗ ଜଣାଇବା ପାଇଁ । ନଚେତ କୌଣସି ଅଜଣା ବ୍ୟକ୍ତି ବିଦ୍ୟୁତ ତାର ସଂସ୍ପର୍ଶ ରେ ଆସି ମୂଲ୍ୟବାନ ଜୀବନ ଯାଇପାରେ।



# ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ଖେଳକୁଦ ସମାରୋହ

ତିହିଡ଼ି (ଭାସ୍କର ନ୍ୟୁଜ୍): ଭଦ୍ରକ ଜିଲା ତିହିଡ଼ି ସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ୨୫ତମ ୨ଦିନିଆ ଖେଳକୁଦ ସମାରୋହ ଉଦ୍‌ଯାପିତ ହୋଇଯାଇଛି । ସ୍ଥାନୀୟ କାଳୀପଡ଼ିଆ ଠାରେ ଅନୁଷ୍ଠିତ ସମାରୋହରେ ବିଭିନ୍ନ ବର୍ଗରେ ମୋଟ ୭୨ଟି କ୍ରୀଡ଼ାରେ ୬୬୫ଜଣ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ। ପ୍ରଥମ ଦିନରେ ବିଡିଓ ଜ୍ୟୋତିର୍ମୟ କର ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଏହି ସମାରୋହକୁ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ପରିଚାଳନା ସମିତିର ଉପସଭାପତି ମନୋଜ କୁମାର ପାଣିଗ୍ରାହୀଙ୍କ ପୌରୋହିତ୍ୟରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟ ଅତିଥି ବିଡିଓ ଶ୍ରୀ କର ଯୋଗ ଦେଇ ଖେଳକୁଦ ମାଧ୍ୟମରେ ଛାତ୍ରଛାତ୍ରୀମାନଙ୍କର ଶାରୀରିକ ଓ ବୌଦ୍ଧିକ ବିକାଶ ହୋଇଥାଏ ବୋଲି କହିଥିଲେ। ମୁଖ୍ୟବକ୍ତା ଭାବେ ଅବସରପ୍ରାପ୍ତ କ୍ରୀଡ଼ା ଶିକ୍ଷକ ଗିରିଜା ରମଣ ଜେନା ଯୋଗ ଦେଇ ଛାତ୍ରଛାତ୍ରୀମାନେ ନିୟମିତ ଖେଳକୁଦ କଲେ ସେମାନେ କ୍ରୀଡ଼ାରେ ଦକ୍ଷତା ହାସଲ କରିପାରିଥାନ୍ତି ବୋଲି କହିଥିଲେ। ପ୍ରଧାନ ଆଚାର୍ଯ୍ୟ ରାଧାକୃଷ୍ଣ ସ ସ୍ୱାଗତ ଭାଷଣ ଓ ଆଚାର୍ଯ୍ୟ ପ୍ରଶାନ୍ତ କୁମାର ପାଣିଗ୍ରାହୀ ଅତିଥି ପରିଚୟ ପ୍ରଦାନ କରିଥିଲେ। ସମାରୋହର ଉଦ୍‌ଯାପନୀ ଦିବସରେ ତିହିଡ଼ି ଥାନା ଆଇଆଇସି ପ୍ରସନ୍ନ କୁମାର ନାୟକ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଶିଶୁ ବିଦ୍ୟାମନ୍ଦିର ପିଲାମାନଙ୍କୁ ସଂସ୍କାରିତ କରିଥାଏ ବୋଲି କହିଥିଲେ। ମୁଖ୍ୟ ବକ୍ତା ଭାବେ ବାସୁଦେବପୁର ସଂକୁଳ ପ୍ରମୁଖ କିଶୋର କୁମାର ନାୟକ ଯୋଗ ଦେଇ ପିଲାମାନେ ଶୃଙ୍ଖଳିତ ହେଲେ ସମାଜର ଉନ୍ନତି ହୋଇପାରିବ ବୋଲି କହିଥିଲେ। ଏହି ଅବସରରେ କୃତି ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା। ଆଚାର୍ଯ୍ୟ ସନ୍ତୋଷ କୁମାର ଜେନା ଅତିଥି ପରିଚୟ ଓ କୋଷାଧ୍ୟକ୍ଷ ଯଯାତିକେଶରୀ ଦାଶ ଧନ୍ୟବାଦ ଅର୍ପଣ କରିଥିଲେ। ଶିଶୁ ବିଦ୍ୟାମନ୍ଦିର ପରିଚାଳନା ସମିତିର କର୍ମକର୍ତ୍ତା ଓ ଆଚାର୍ଯ୍ୟ ଆଚାର୍ଯ୍ୟାମାନେ ସମାରୋହ ପରିଚାଳନାରେ ସହଯୋଗ କରିଥିଲେ।



# ଆଶା ସାର୍ଟିଫିକେଶନ କାର୍ଯ୍ୟକ୍ରମର ଶୁଭାରମ୍ଭ

ରଘୁନାଥପୁର (ଭାସ୍କର ନ୍ୟୁଜ୍) : ମଙ୍ଗଳବାର ବିରିଡି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ପକ୍ଷରୁ ଆଶା ସାର୍ଟିଫିକେଶନ କାର୍ଯ୍ୟ କ୍ରମର ଶୁଭାରମ୍ଭ କରାଯାଇଛି । ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ଅଧିକ୍ଷକ ଡାକ୍ତର ରାକେଶ ମହାନ୍ତିଙ୍କ ଅଧକ୍ଷତାରେ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଅଧୀନ ହାଜିପୁର ଆୟୁଷ୍ମାନ ଆରୋଗ୍ୟ ମନ୍ଦିର ସଭାଗୃହରେ ଅନୁଷ୍ଠିତ ଏହି କାର୍ଯ୍ୟ ସ୍ୱାସ୍ଥ୍ୟାଧିକାରି ଡାକ୍ତର ଲୋକନାଥ ସାହୁ ପ୍ରମୁଖ ଯୋଗଦେଇ ଏହି ସାର୍ଟିଫିକେଶନ ରେ ଅଂଶଗ୍ରହଣ କରିଥିବା ୨୮ ଜଣ ଆଶା ଙ୍କୁ ଶୁଭେଚ୍ଛା ଜଣାଇଥିଲେ । ତେବେ ୩ ଟି ପର୍ଯ୍ୟାୟ ବିଶିଷ୍ଟ ଏହି ସାର୍ଟିଫିକେଶନ କାର୍ଯ୍ୟ କ୍ରମର ଆଜିର ଇଣ୍ଟର୍ନାଲ ପର୍ଯ୍ୟାୟରେ ଡାକ୍ତର ନୀଳୋତ୍ପଳା ରାଉତ, ଡାକ୍ତର ଲୋକନାଥ ସାହୁ ଏବଂ ଆଶା ସଂଯୋଜିକା ଅମିତା ପଣ୍ଡା ପରୀକ୍ଷକ ଭାବେ ଯୋଗଦେଇ ଆଶାମାନଙ୍କୁ ତାଙ୍କର ଜ୍ଞାନ ଓ କୌଶଳର ମାନ ପରୀକ୍ଷଣ କରିଥିଲେ । ଆସନ୍ତା ୧୩ ତାରିଖରେ ଏକ୍ସଟର୍ନାଲ ପର୍ଯ୍ୟାୟ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବାସହ ୨୨ ତାରିଖରେ ମୁଖ୍ୟ ପରୀକ୍ଷା ଜଗତସିଂହ ପୁର ପୁନଙ୍ଗ ଉଚବିଦ୍ୟାଳୟରେ କରାଯିବାର କାର୍ଯ୍ୟକ୍ରମ ରହିଛି ବୋଲି ସୂଚନା ଦିଆଯାଇଥିଲା । ଶେଷରେ ପୁରୁଷ ସ୍ୱାସ୍ଥ୍ୟକର୍ମୀ ରୁବି ହାଂସଦା ଧନ୍ୟବାଦ ଦେଇଥିଲେ ।



# ମୋ ବୋଉର ଚିକିତ୍ସାଲାଗି ଆର୍ଥିକ ସହାୟତା ପ୍ରଦାନ କର

ଜଗତସିଂହପୁର(ଭାସ୍କର ନ୍ୟୁଜ): ଜଗତସିଂହପୁର ଜିଲ୍ଲା ତିର୍ତ୍ତୋଲ ବ୍ଲକ ଅନ୍ତର୍ଗତ ସଁଅରା ଗ୍ରାମ ପଞ୍ଚାୟତ ଅଇନିପୁର ଗ୍ରାମର ଦିନମଜୁରିଆ ହରେନ୍ଦ୍ର କୁମାର ଶର୍ମାଙ୍କ ସ୍ତ୍ରୀ ପ୍ରଜ୍ଞା ପାରମିତା ପଣ୍ଡାଙ୍କ କ୍ଷେତ୍ରରେ । ପ୍ରଜ୍ଞା ପାରମିତା ଅନେକ ବର୍ଷ ହେବ ମଧୁମେହ ରୋଗରେ ପୀଡିତ ଥିଲେ। ହଠାତ ପ୍ରଜ୍ଞାପାରମିତାଙ୍କ ଗୋଡ଼, ହାତ, ମୁହଁ ଫୁଲିଗଲା । ଯାହା ଖାଇଲେ ସଂଗେ ସଂଗେ ବାନ୍ତି ହେଉଥାଏ । ପରିବାର ସଦସ୍ୟ ପ୍ରଜ୍ଞା ପାରମିତାଙ୍କୁ ସଂଗେ ସଂଗେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସାଲାଗି ଭର୍ତ୍ତି କରିଥିଲେ । ଡାକ୍ତର ଅନେକ ପରୀକ୍ଷା ନିରୀକ୍ଷା କଲା ପରେ ପ୍ରଜ୍ଞା ପରମିତା ହାର୍ଟ, କୀଡନି ରୋଗରେ ପୀଡିତ ଥିବା କହିଥିଲେ । ଅନେକ ଧାର ଉଦ୍ଧାର କରି ସ୍ୱାମୀ ହରେନ୍ଦ୍ର କୁମାର ସ୍ତ୍ରୀ ପ୍ରଜ୍ଞା ପରମିତା ର ଚିକିତ୍ସା କଲେ । ହେଲେ ଆର୍ଥିକ ଅନାଟନ ଯୋଗୁଁ ବର୍ତ୍ତମାନ ଚିକିତ୍ସାଜନିତ ତ୍ରୁଟି ପରିଲକ୍ଷିତ ହେବାରୁ ପ୍ରଜ୍ଞା ପାରମିତାର ସ୍ୱାସ୍ଥ୍ୟବସ୍ଥା ରେ ଅବନତି ଘଟୁଛି । ପରିବାର ସଦସ୍ୟ ଭୋକ ଉପବାସ ରେ ଦିନ ବିତାଉଛନ୍ତି ।ଏପରି କ୍ଷେତ୍ରରେ ବୋଉର ଚିକିତ୍ସାଲାଗି ଏକମାତ୍ର ଝିଅ ମଣିକନିକା ଶର୍ମା ସାମାଜିକ ଗଣମାଧ୍ୟମ ଜରିଆରେ ଯେକେହି ସହୃଦୟ ବ୍ୟକ୍ତି ଆର୍ଥିକ ସହାୟତା ପ୍ରଦାନ କରିବାକୁ ନିବେଦନ କରିଛନ୍ତି ।ନିମ୍ନରେ ଦିଆଯାଇଥିବା ବ୍ୟାଙ୍କ୍ ଡିଟେଲ୍ସ ଅନୁଯାୟୀ ଆପଣମାନଙ୍କ ସହଯୋଗ ଓ ସାହାଯ୍ୟ ର ହାତ ବଢ଼ାଇବାକୁ ଅନୁରୋଧ କରାଯାଉଛି ।



= PRAGYAN PARIMITA PANDA
c/o=HARENDRA KUMAR PANDA
AT=SANRA
PO=NALIBAR
DIST =JAGATSINGHPUR
=PIN =754106
/PHONE=PAY=7848841522

AC=6752001700042749

IFSC= PUNB0675200

## ■ ଦଶମ ଶ୍ରେଣୀ ଛାତ୍ରୀର ଆକୁଳ ନିବେଦନ

# ଭୀମ ଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର

କଣାସ (ଭାସ୍କର ନ୍ୟୁଜ୍): କଣାସ ବ୍ଲକ ଭୀମ ଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ଦୟା ବିହାରଠାରେ ପ୍ରତିଷ୍ଠିତ ସ୍ୱେଚ୍ଛାସେବୀ ଅନୁଷ୍ଠାନ ନୀଳାଚଳ ସେବା ପ୍ରତିଷ୍ଠାନରେ ପୁରୀ ଜିଲ୍ଲା ପ୍ରଶାସନ ସାମରିକ ସୁରକ୍ଷା ବିଭାଗ ପକ୍ଷରୁ ଅନୁଷ୍ଠିତ ହୋଇଯାଇଛି । ଏହି ଶିବିରରେ ବିଭିନ୍ନ ବିଶେଷଜ୍ଞମାନଙ୍କ ଦ୍ୱାରା ଚକ୍ଷୁ,କର୍ଣ୍ଣ ଓ ବାକ୍ ରହିତ, ଶାରୀରିକ ଓ ମାନସିକଭିନ୍ନକ୍ଷମ ବ୍ୟକ୍ତିମାନଙ୍କୁ ପରୀକ୍ଷା କରାଯିବ ଓ ପରବର୍ତ୍ତୀ ସମୟରେ ସେମାନଙ୍କୁ ଭିନ୍ନକ୍ଷମ ପ୍ରମାଣପତ୍ର ଯୋଗାଇଦିଆଯିବ ଯେଉଁମାନେ ଆଗରୁ ହାତଲେଖା ପ୍ରମାଣପତ୍ର ପାଇଛନ୍ତି ତାହା ଅଚଳ ହୋଇଯାଇଥିବାରୁ ୟୁଡିଆଇଡି ପ୍ରମାଣପତ୍ର ନଥିଲେ ପରବର୍ତ୍ତୀ ସମୟରେ ସେମାନଙ୍କୁ ଭତ୍ତା ସହିତ ଅନ୍ୟାନ୍ୟ ସୁବିଧା ବାଧାପ୍ରାପ୍ତ ଅଛି । ଭିନ୍ନକ୍ଷମ ପ୍ରମାଣପତ୍ର ପାଇନଥିବା ବ୍ୟକ୍ତିମାନେ ଏହି ଶିବିରରେ ଯୋଗଦେବାକୁ ବିଡିଓ ନାରାୟଣ ସାହୁ ଅନୁରୋଧ କରିଛନ୍ତି ।

# ବର୍ଷେ ନପୁରୁଣୁ ବଦଳି;ସାତ ବର୍ଷ ହେଲା ରହିଥିବା ଅଧିକାରୀଙ୍କ ବଦଳି କେବେ ?

ନିଆଳି(ଭାସ୍କର ନ୍ୟୁଜ୍): ନିଆଳି ବ୍ଲକ୍‌ରେ କୁଜି ନେତାଙ୍କ ରାଜ ଚାଲିଥିବା ଦେଖିବାକୁ ମିଳିଛି । ଆମେ ଯାହା କହିବୁ ତୁମକୁ ମାନିବାକୁ ପଡିବ ବେଲେି ବିଭାଗୀୟ ଅଧିକାରୀଙ୍କୁ ଧମକ ଦିଆ ଯାଉଥିଲା ଆଜି ତାହା କାର୍ଯ୍ୟକାରୀ ହେଲା । ଏଭଳି ଘଟଣା ଦେଖିବାକୁ ମିଳିଛି ନିଆଳି ବ୍ଲକ୍‌ରେ ଜେ.ଇ ଙ୍କ ବିରୋଧରେ ତିନି ମାସ ହେବ ଏଠାରେ ନିଯୁକ୍ତି ପାଇଥିବା ଯନ୍ତ୍ରୀ ନକଚରି ବୈରୀଗଞ୍ଜନ ଦଳବେହେରା ଓ ଏଗାର ମାସ ଦିବ୍ୟ ରଞ୍ଜନ ମୁଦୁଲିଙ୍କୁ ବାଙ୍କୀ ବଦଳି କରାଯାଇଥିବା ବେଳେ, ଏଠାରେ ପାଞ୍ଚ ବର୍ଷରୁ ଉର୍ଦ୍ଧ୍ୱ ଜେ.ଇ ଜସ୍‌ମିନ୍ ମାଝି, ରୋଜାଲିନ୍ ସେଠୀ, ପ୍ରୀତି ସାହୁ, ଅରୁନ୍ଧତି ସାମନ୍ତରାୟ ଏଠାରେ ରହି ନେତାଙ୍କ ଛତ୍ରଛାୟା ତଳେ ରହି କଥା ମାନୁ ଥିବାରୁ ଏମାନଙ୍କର ବଦଳି ହେଉନଥିବା ବିରୋଧରେ ଅଭିଯୋଗ ଆଣିଛନ୍ତି । ସରକାରଙ୍କ ନିୟମ ତିନି ବର୍ଷ ରହିଥିବା ସରକାରୀ କର୍ମଚାରୀଙ୍କ ବଦଳି ବାଧ୍ୟତାମୂଳକ ଥିବା ବେଳେ ଏମାନଙ୍କର ବଦଳି କେବେ ହେବ ?

# ରାଶିଫଳ

ଗୁରୁବାର, ୧୨ ଡିସେମ୍ବର ୨୦୨୪



**ମେଷ:** ଜୀବନସାଥୀଙ୍କ ଉପରେ ପାରସ୍ପରିକ ଭଲପାଇବା ରହିବ । ଶୀଘ୍ର ଶୀଘ୍ର କାମ ପୂରଣ ହୋଇପାରେ । ବ୍ୟବସାୟ ବୃଦ୍ଧି ପାଇବ । ଚାକିରିରେ ଶାନ୍ତି ରହିବ । କାମ ଶୀଘ୍ର ସରିଯିବ । ଘର ବାହାରେ ସୁଖ ଏବଂ ଶାନ୍ତି ରହିବ ।



**ବୃଷ:** ଅଂଶୀଦାରମାନଙ୍କ ସହଯୋଗକୁ ଠିକ୍ ସମୟରେ ପାଇ ଖୁସି ହେବେ । ଚାକିରିରେ ଆପଣ ଅଧସ୍ତନଙ୍କ ସମର୍ଥନ ପାଇବେ । ବ୍ୟବସାୟ ଭଲ ହେବ । ସ୍ଥିର ସମ୍ପତ୍ତି କ୍ରୟ ଏବଂ ବିକ୍ରୟ ଏକ ବଡ଼ ଲାଭ ଦେଇପାରେ । ଆୟ ବୃଦ୍ଧି ପାଇବ ।



**ମିଥୁନ:** ବୌଦ୍ଧିକ କାର୍ଯ୍ୟ ସଫଳ ହେବ । ଆପଣ ଜଣେ ଜ୍ଞାନୀ ବ୍ୟକ୍ତିଙ୍କ ମାର୍ଗଦର୍ଶନ ପାଇବେ । ଚାକିରିରେ ସୁସଙ୍ଗତତା ରହିବ । ପାର୍ଟି ଏବଂ ପିକନିକ୍ ଯୋଜନା କରାଯିବ । ସାଙ୍ଗଙ୍କ ସହିତ ଭଲ ସମୟ ଅତିବାହିତ ହେବ ।



**କର୍କଟ:** ବ୍ୟବସାୟରେ କୌଣସି ସନ୍ତୋଷ ରହିବ ନାହିଁ । ଅଂଶୀଦାରମାନଙ୍କ ସହିତ ପାର୍ଥକ୍ୟ ହୋଇପାରେ । ବିପଦପୂର୍ଣ୍ଣ ଏବଂ ବନ୍ଧକ କାର୍ଯ୍ୟରୁ ଦୂରେଇ ରୁହନ୍ତୁ । ବ୍ୟସ୍ତ ହୁଅ ନାହିଁ । ଘର ବାହାରେ ଅଶାନ୍ତି ଦେଖାଯିବ । କାର୍ଯ୍ୟ ବାଧାପ୍ରାପ୍ତ ହେବ ।



**ସିଂହ:** ଆପଣ ସାଙ୍ଗମାନଙ୍କ ସହିତ ସହଯୋଗ କରିବାକୁ ସମର୍ଥ ହେବେ । ଋଣରେ ହ୍ରାସ ଘଟିବ । ତୃପ୍ତି ହେବ । ସାମାଜିକ ପ୍ରତିଷ୍ଠା ବୃଦ୍ଧି ପାଇବ । ବ୍ୟବସାୟ ସୁରୁଖୁରୁରେ ଚାଲିବ । ଆପଣ ଆପଣଙ୍କର ପ୍ରଭାବ ବୃଦ୍ଧି କରିପାରିବେ ।ବିନିଯୋଗ ଭଲ ହେବ ।



**କନ୍ୟା:** ସହକର୍ମୀମାନେ ଆପଣଙ୍କୁ କାର୍ଯ୍ୟରେ ସାହାଯ୍ୟ କରିବେ । ବ୍ୟବସାୟରେ ତତ୍ପର ହୁଅନ୍ତୁ ନାହିଁ । ଆଘାତ ଏବଂ ଦୁର୍ଘଟଣାରୁ ଦୂରେଇ ରୁହନ୍ତୁ । ଲାଭ ସୁଯୋଗ ଆସିବ । ଘର ବାହାରେ ପରିସ୍ଥିତି ଅନୁକୂଳ ହେବ। ସୁଖର ପରିବେଶ ରହିବ । ଆତ୍ମବିଶ୍ୱାସ ବୃଦ୍ଧି ପାଇବ ।



**ତୁଳା:** ତୁମ ଜୀବନ ସାଥୀଠାରୁ ସମର୍ଥନ ପାଇବେ । ବ୍ୟବସାୟ ଯାତ୍ରା ସଫଳ ହେବ । ଅପ୍ରତ୍ୟାଶିତ ଲାଭର ସମ୍ଭାବନା ଅଛି । ଭାଗ୍ୟ ଆପଣଙ୍କୁ ସମର୍ଥନ କରିବ । ବ୍ୟବସାୟ ଭଲ ହେବ । ଚାକିରିରେ ଅଧିକାର ବୃଦ୍ଧି ପାଇପାରେ । ପ୍ରଲୋଭିତ ହୁଅ ନାହିଁ ।



**ବିଛା:** ଆୟରେ ନିଶ୍ଚିତତା ରହିବ । ଅପ୍ରତ୍ୟାଶିତ ଖର୍ଚ୍ଚ ଆସିବ । ଯଦି କୌଣସି ବ୍ୟବସ୍ଥା ନାହିଁ, ତେବେ ଅସୁବିଧା ହେବ । ବ୍ୟବସାୟ ହ୍ରାସ ପାଇବ । ଚାକିରିରେ ବିବାଦ ହୋଇପାରେ । ଅଂଶୀଦାରମାନଙ୍କ ସହିତ ପାର୍ଥକ୍ୟ ହୋଇପାରେ । ତୁମେ କ୍ଲାନ୍ତ ଅନୁଭବ କରିବ । ଆଶା କରାଯାଉଥିବା କାର୍ଯ୍ୟରେ ବାଧା ଆସିବ ।



**ଧନୁ:** ବିନା ପ୍ରଶ୍ନରେ କାହାକୁ ପରାମର୍ଶ ଦିଅନ୍ତୁ ନାହିଁ । ଦେୟ ପୁନରୁଦ୍ଧାର ପାଇଁ ପ୍ରୟାସ ସଫଳ ହେବ । ବ୍ୟବସାୟ ଯାତ୍ରା ଅନୁକୂଳ ହେବ । ରିସ୍କ ନେବାକୁ ସାହସ କର । ଅଜ୍ଞାତ ଭୟ ଏବଂ ଚିନ୍ତା ରହିବ । ଯାତ୍ରା ସଫଳ ହେବ । ଆଖି ଯନ୍ତ୍ରଣା ହୋଇପାରେ । କାରବାରରେ ସାବଧାନ ରୁହନ୍ତୁ ।



**ମକର:** ସାମାଜିକ କାର୍ଯ୍ୟ କରିବାକୁ ଇଚ୍ଛା ଜାଗ୍ରତ ହେବ । ଚାକିରିରେ ପ୍ରାଧାନ୍ୟ ରହିବ। ଆୟର ଉତ୍ସ ବୃଦ୍ଧି ପାଇପାରେ । ବ୍ୟବସାୟ ଲାଭଦାୟକ ହେବ । ବିନିଯୋଗ ଭଲ ହେବ । ଘର ବାହାରେ ସହଯୋଗ ଏବଂ ସୁଖରେ ବୃଦ୍ଧି ଘଟିବ । ଏକ ନୂତନ ଯୋଜନା ପ୍ରସ୍ତୁତ ହେବ। କାର୍ଯ୍ୟ କ୍ଷେତ୍ରରେ ଉନ୍ନତି କରିବ ।



**କୁମ୍ଭ:** ଆଜି କୋର୍ଟର କାର୍ଯ୍ୟ ଅନୁକୂଳ ହେବ । ପୂଜାପାଠ ଏବଂ ସତ୍‌ସଙ୍ଗରେ ଆଗ୍ରହ ରହିବ । ସେଠାରେ ଶାନ୍ତି ହେବ। ସୁଖର ପରିବେଶ ରହିବ । ଆପଣ ଅଧସ୍ତନମାନଙ୍କ ସମର୍ଥନ ପାଇବେ । ଏକ ସାମାଜିକ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିବାର ସୁଯୋଗ ଆସିପାରେ ।



**ମୀନ:** ଯାନ ଏବଂ ଯନ୍ତ୍ରପାତି ବ୍ୟବହାରରେ ଅସାବଧାନ ହୁଅନ୍ତୁ ନାହିଁ । ଏକ ଛୋଟ ଭୁଲ ସମସ୍ୟାକୁ ବଢାଇପାରେ । ଆୟ ଜାରି ରହିବ । କ୍ରୋଧ ଏବଂ ଉତ୍ତେଜନାକୁ ନିୟନ୍ତ୍ରଣ କରନ୍ତୁ । ବିବାଦକୁ ଉତ୍ସାହିତ କରନ୍ତୁ ନାହିଁ । ପୁରୁଣା ରୋଗ ଅବରୋଧର କାରଣ ହେବ । ସ୍ୱାସ୍ଥ୍ୟ ପାଇଁ ଖର୍ଚ୍ଚ ହେବ ।



ଶ୍ରୀପତି ଉବାଚ

ଜ୍ୟୋର୍ତିବିଦ୍ ପଣ୍ଡିତ ଶ୍ରୀପତି ଆଚାର୍ଯ୍ୟ
(ଏମ୍ କମ୍, ଏମ୍.ବି.ଏ) ସେକ୍ଟର-୩/୩୦୯,
ନିଳାଦ୍ରୀବିହାର, ଭୁବନେଶ୍ୱର-୨୧
ମୋ: ୯୪୩୮୩୮୯୦୩୯

ଓଡ଼ିଶା ଭାସ୍କର ODISHA BHASKAR

# ରାଜ୍ୟ ଖବର



ନିଆଳି(ଭାସ୍କର ନ୍ୟୁଜ): ନିଆଳି ବ୍ଲକ୍ ତିହୁଡି ପଞ୍ଚାୟତ ପାରିମାଳ ନଦୀ ବନ୍ଧରେ ଗତ ୫.୧୦.୨୦୨୪ରିଖରେ ବାଉଁଶ ଗେଟ୍ ନିର୍ମାଣ କରି ଗାଡି ପିଛା ଶହେରୁ ପାଞ୍ଚ ଶହ ଟଙ୍କା ଲେଖା ଆଦାୟ କରାଯାଉଛି। ଟଙ୍କା ଦେଉଥିବା ଗାଡି ଡ୍ରାଇଭରଙ୍କୁ କୌଣସି ରସିଦ୍ ଦିଆଯାଉନାହିଁ। ପାରିମାଳରେ କୌଣସି ଗେଟ୍ ନଥିବା ପ୍ରଶାସନ କହୁଥିବା ବେଳେ ତିହୁଡି ପଞ୍ଚାୟତ ତିହୁଡି ଗ୍ରାମରେ ଅବସ୍ଥାପିତ ଗେଟ୍ ଦର୍ଶାଇ ତତ୍କାଳୀନ ପଞ୍ଚାୟତ ସମ୍ପାଦକ ପ୍ରତାପ ଚନ୍ଦ୍ର ମହାପାତ୍ର ସରପଞ୍ଚଙ୍କ ଅନୁପସ୍ଥିତିରେ ମା' ଶାରଳା ଏସ୍‌ଓଜି ମହିଳା ଗ୍ରୁପର ସଭାପତି ଜ୍ୟୋତିର୍ମୟୀ ଜେନାଙ୍କୁ ବାର୍ଷିକ ଦୁଇ ହଜାର ଶହେ ଟଙ୍କାରେ ଗେଟ୍ ନିର୍ମାଣ କରିବା ପାଇଁ ଅନୁମତି ଦିଆଯାଇଥିଲା। ଗାଡି ପିଛା କେତେ ଟଙ୍କା ଆଦାୟ କରାଯିବ ତାହା ଧାର୍ଯ୍ୟ କରାଯାଇନଥିଲା। କିନ୍ତୁ ମା' ଶାରଳା ଏସ୍‌ଓଜି ମହିଳା ଗ୍ରୁପର ତିହୁଡି ଗେଟ୍ ନିର୍ମାଣ ନକରି କାହା ନିର୍ଦ୍ଦେଶରେ ପାରିମାଳ ନଦୀ ବନ୍ଧରେ ଗେଟ୍ ନିର୍ମାଣ କରିଛନ୍ତି। ଗେଟ୍‌ରେ ମହିଳା ମାନେ ନରହି ଗ୍ରାମର କିଛି ଯୁବକଙ୍କୁ ରଖି ଗାଡିଗୁଡିକ ଠାରୁ ଜୋର୍‌ଜବରଦସ୍ତ ଟଙ୍କା ଆଦାୟ କରୁଛନ୍ତି। ପାରିମାଳରେ ଗ୍ରାମରୁ ଏକ ଗୋରୁ ବୋଝେଇ ଗାଡିକୁ ଗୋଡେଇକି ଧରି ଟଙ୍କା ମାଗିବା ପରେ ଘଟଣା ପଦାକୁ ଆସିଥିଲା। ଏଠାରେ ପ୍ରଶ୍ନ ଉଠୁଛି ସରକାରଙ୍କ ପରିବର୍ତ୍ତନ ପରେ ତିହୁଡି ପଞ୍ଚାୟତରେ ଥିବା ମହିଳା ଏସ୍‌ଓଜି ଗ୍ରୁପଟି ସରକାରଙ୍କ ବିଭିନ୍ନ ନିଲାମ କିଭଳି କରିପାରୁଛି। ଏହା ପଛରେ କେଉଁ କୁଜିନେତାଙ୍କ ହାତ ରହିଛି। ଗେଟ୍‌ରୁ ଆଦାୟ ହେଉଥିବା ଲକ୍ଷାଧିକ ଟଙ୍କା ନେଉଛି କିଏ? ରାଜ୍ୟ ସରକାରଙ୍କ ଅଧିନରେ ଥିବା ସମସ୍ତ ଗେଟ୍‌କୁ ମାଗଣା କରାଯାଉଥିବା ବେଳେ ଏଠାରେ କିଭଳି ଗେଟ୍ କରି ପଇସା ଆଦାୟ କରାଯାଉଛି।



## ୯ମ ଅନ୍ତଃରାଷ୍ଟ୍ରୀୟ ଗୀତା ମହୋତ୍ସବରେ ଝଲସୁଛି ଓଡ଼ିଶା ମଣ୍ଡପର ସାଂସ୍କୃତିକ ମଞ୍ଚ



ଭୁବନେଶ୍ୱର (ଭାସ୍କର ନ୍ୟୁଜ) : 'ଓଡ଼ିଶାର ନୃତ୍ୟ ପରମ୍ପରା କାଳଜୟୀ। ଶାସ୍ତ୍ରୀୟ ନୃତ୍ୟ ଓଡ଼ିଶୀ ଏବଂ ଓଡ଼ିଶାର ବିଭିନ୍ନ ଲୋକନୃତ୍ୟରେ ପ୍ରତିବିମ୍ବିତ ହୁଏ ଓଡ଼ିଆ ସଂସ୍କୃତି, ପରମ୍ପରା ଓ ଓଡ଼ିଆ ଅସ୍ମିତା। ହରିୟାଣାର କୁରୁକ୍ଷେତ୍ରରେ ଆୟୋଜିତ ହେଉଥିବା ୯ମ ଅନ୍ତଃରାଷ୍ଟ୍ରୀୟ ଗୀତା ମହୋତ୍ସବରେ ନିର୍ମିତ ଓଡ଼ିଶା ମଣ୍ଡପର ସାଂସ୍କୃତିକ ମଞ୍ଚରେ ଅନୁଷ୍ଠିତ ହେଉଥିବା ସାଂସ୍କୃତିକ କାର୍ଯ୍ୟକ୍ରମ ସମସ୍ତ ଦର୍ଶକମାନଙ୍କୁ ବିମୋହିତ କରିଛି। ଲୋକନୃତ୍ୟ ଓ ବାଜାର ତାଳେ ତାଳେ ନାଚୁଛନ୍ତି ଦର୍ଶକ। ନୃତ୍ୟକଳାର ପ୍ରଦର୍ଶନ ମାଧ୍ୟମରେ ଦେଶ-ବିଦେଶରୁ ଆସିଥିବା ଦର୍ଶକମାନେ ଓଡ଼ିଆ ସଂସ୍କୃତି ଏବଂ ପରମ୍ପରା ସମ୍ବନ୍ଧରେ ଅବଗତ ହୋଇପାରୁଛନ୍ତି', ବୋଲି ନିଜର ମନ୍ତବ୍ୟ ରଖିଛନ୍ତି ସଂସ୍କୃତି ମନ୍ତ୍ରୀ ଶ୍ରୀ ସୂର୍ଯ୍ୟବଂଶୀ ସୂରଜ। ୯ମ ଅନ୍ତଃରାଷ୍ଟ୍ରୀୟ ଗୀତା ମହୋତ୍ସବରେ ଚଳିତ ବର୍ଷ ଓଡ଼ିଶା ଷ୍ଟେଟ ପାର୍ଟନର ଭାବେ ଯୋଗ ଦେଇଥିବାବେଳେ ତାଞ୍ଜାନିଆ ପାର୍ଟନର ଦେଶ ଭାବେ ଯୋଗ ଦେଇଛି। ମହୋତ୍ସବରେ ନିର୍ମିତ ହୋଇଥିବା ଓଡ଼ିଶା ମଣ୍ଡପରେ ଓଡ଼ିଶାର କଳା ଓ ସଂସ୍କୃତି ସୁନ୍ଦର ଭାବେ ପ୍ରଦର୍ଶିତ ହୋଇଥିବା ବେଳେ ସମସ୍ତଙ୍କପାଇଁ ଆକର୍ଷଣର କେନ୍ଦ୍ରବିନ୍ଦୁ ପାଲଟିଛି ମଞ୍ଚରେ ମଞ୍ଚାୟିତ ହେଉଥବା ସାଂସ୍କୃତିକ କାର୍ଯ୍ୟକ୍ରମ। ସାଂସ୍କୃତିକ ମଞ୍ଚରେ ଶାସ୍ତ୍ରୀୟ ନୃତ୍ୟ ଓଡ଼ିଶୀ ସହ ଲୋକନୃତ୍ୟ ଡ଼ାଲଖାଇ, ରସରକେଲି, କଣ୍ଢେଇ ନାଚ, ଗୋଟିପୁଅ, ପଶୁମୁଖା, ଘୋଡ଼ାନାଚ, ଢ଼େମସା, ଘୁମୁରା ଆଦି ଅନେକ ନୃତ୍ୟ ପ୍ରତ୍ୟେକ ଦିନ ପ୍ରଦର୍ଶିତ ହେଉଛି ଯାହାକି ସମସ୍ତ ଦର୍ଶକମାନଙ୍କର ପ୍ରଶଂସା ସାଉଁଟିଛି। ଓଡ଼ିଶାର ଶାସ୍ତ୍ରୀୟ ନୃତ୍ୟ ହେଉଛି ଓଡ଼ିଶୀ। ଆହେ ନୀଳ ଶଇଳ (ଓଡ଼ିଶୀ ଅଭିନୟ ନୃତ୍ୟ), ପଲ୍ଲବୀ, ଏକଲବ୍ୟ (ସାରଳା ଦାସଙ୍କ ରଚିତ ଓଡ଼ିଆ ମହାଭାରତ ଉପରେ ଆଧାରିତ ଓଡ଼ିଶୀ ଅଭିନୟ ନୃତ୍ୟ) ଆଦି ଓଡ଼ିଶା ମଣ୍ଡପ ମଞ୍ଚରେ ପ୍ରଦର୍ଶିତ ହୋଇଛି। ନୃତ୍ୟ ପ୍ରଦର୍ଶନ ମାଧ୍ୟମରେ ସମସ୍ତ ଦର୍ଶକମାନେ ଓଡ଼ିଶାର ଜଗନ୍ନାଥ ସଂସ୍କୃତି, ଐତିହ୍ୟ ଏବଂ ପରମ୍ପରା ସମ୍ବନ୍ଧରେ ଅବଗତ ହେବା ସହ ଗୀତା ମହୋତ୍ସବ ମଞ୍ଚରେ ଶାସ୍ତ୍ରୀୟ ନୃତ୍ୟ ପ୍ରଦର୍ଶନ ହେଉଥିବାରୁ ସମସ୍ତେ ଏହାର ପ୍ରଶଂସା ମଧ୍ୟ କରିଛନ୍ତି । ସୂତା କଣ୍ଢେଇ, କାଠି କଣ୍ଢେଇ, ଛାୟା କଣ୍ଢେଇ, ହାତ କଣ୍ଢେଇ, ଜୀବନ୍ତ କଣ୍ଢେଇ ଆଦି ପାଞ୍ଚ ପ୍ରକାରର କଣ୍ଢେଇ ନାଚ ଆମ ଓଡ଼ିଶାରେ ଦେଖିବାକୁ ମିଳିଥାଏ। ଚଳିତବର୍ଷ ଗୀତା ମହୋତ୍ସବରେ ଜୀବନ୍ତ କଣ୍ଢେଇ ନୃତ୍ୟ ଦେଖିବାକୁ ମିଳିଛି ଯାହାକି ଆକର୍ଷଣର କେନ୍ଦ୍ରବିନ୍ଦୁ ପାଲଟିଛି। କଣ୍ଢେଇ ନୃତ୍ୟ ଦେଖିବାକୁ ଓଡ଼ିଶା ମଣ୍ଡପରେ ଦର୍ଶକଙ୍କ ଭିଡ଼ ଜମୁଛି। ଆଜିର ଆଧୁନିକ ଯୁଗରେ ଓଡ଼ିଆ ସଂସ୍କୃତି ଏବଂ ଐତିହ୍ୟକୁ ଖୁବ ସୁନ୍ଦର ଭାବେ ପ୍ରଦର୍ଶିତ କରିପାରିଛି ଗଞ୍ଜାମ ଜିଲ୍ଲାର ପ୍ରସିଦ୍ଧ କଣ୍ଢେଇ ନୃତ୍ୟ। କଣ୍ଢେଇ ଭଳି ବସ୍ତ୍ର ପରିଧାନ କରି ନର୍ତ୍ତକୀମାନେ ନୃତ୍ୟ ପରିବେଷଣ କରୁଛନ୍ତି ଏବଂ ଏହାକୁ ଦେଖିବା ପାଇଁ ସମସ୍ତ ଦର୍ଶକ ବିଶେଷ କରି ଛୋଟ ପିଲାମାନଙ୍କ ମଧ୍ୟରେ ଆଗ୍ରହ ସୃଷ୍ଟି ହୋଇଛି। ହରି-ଅର୍ଜୁନ ଦର୍ଶନ (ନବଗୁଞ୍ଜର), ଶିକାରୀ-ଶବର, ମହିଷାସୁର ମର୍ଦ୍ଦିନୀ ମା' ଦୁର୍ଗାଙ୍କ ରୂପ ଆଦି ବ୍ରହ୍ମପୁର ଜିଲ୍ଲାର ପ୍ରସିଦ୍ଧ ପଶୁମୁଖା ନୃତ୍ୟ ମାଧ୍ୟମରେ ପ୍ରଦର୍ଶିତ ହୋଇଛି। ଏଥିସହ କୋରାପୁଟ ଜନଜାତି ସମ୍ପ୍ରଦାୟର ଲୋକନୃତ୍ୟ ଢ଼େମସା, କଳାହାଣ୍ଡିର ବଜାଶାଲ ଆଦିର ପରିବେଷଣ ମାଧ୍ୟମରେ ଜନଜାତି ସମ୍ପ୍ରଦାୟର ସଂସ୍କୃତି ଓ ପରମ୍ପରା ବିଶ୍ୱବିଦିତ ହୋଇପାରିଛି। ଓଡ଼ିଶା ମଣ୍ଡପରେ ପ୍ରଦର୍ଶିତ ହେଉଥିବା ପଶ୍ଚିମ ଓଡ଼ିଶାର ପ୍ରସିଦ୍ଧ ନୃତ୍ୟ ଡ଼ାଲଖାଇ ଓ ରସରକେଲିର ତାଳେ ତାଳେ ନାଚିଛନ୍ତି ଦର୍ଶକ। ଭାଇର ମଙ୍ଗଳ ମନାସି ପୂଜାର୍ଚ୍ଚନା କରିଥାଏ ଭଉଣୀ ଏବଂ ବ୍ରତର ଉଦ୍‌?ଯାପନୀ ଦିନ ଖୁସିରେ ପରିବେଷଣ କରିଥାଏ ଡ଼ାଲ ଖାଇ ନୃତ୍ୟ। ସେହିପରି ପୁଷପୁନେଇଁ, ନୂଆଖାଇରେ ପଶ୍ଚିମାଞ୍ଚଳର ଭଉଣୀମାନେ ପରିବେଷଣ କରନ୍ତି ରସରକେଲି ନୃତ୍ୟ। ରସରକେଲି ବାଦ୍ୟରେ ଓଡ଼ିଶା ମଣ୍ଡପରେ ଦର୍ଶକମାନେ ନିଜେ ନାଚିବ ସହ ଆମ ଗୌରବମୟ ସଂସ୍କୃତି ଓ ପରମ୍ପରାର ବହୁ ପ୍ରଶଂସା କରିଛନ୍ତି। ପ୍ରକାଶଯୋଗ୍ୟ ଯେ, ୯ମ ଅନ୍ତର୍ରାଷ୍ଟ୍ରୀୟ ଗୀତା ମହୋତ୍ସବ ଆସନ୍ତା ୧୫ ଡିସେମ୍ବର ପର୍ଯ୍ୟନ୍ତ ହରିୟାଣାର କୁରୁକ୍ଷେତ୍ରରେ ଅନୁଷ୍ଠିତ ହେବ। ବିଗତ ଡିସେମ୍ବର ୫ ତାରିଖ ଦିନ ଓଡ଼ିଶା ମଣ୍ଡପର ଉଦଘାଟିତ ହୋଇଥିଲା। ୨୦୧୬ ମସିହାରେ ଗୀତା ମହୋତ୍ସବ ଭାରତରେ ଆରମ୍ଭ ହେବା ପରେ ୨୦୧୯ ମସିହାରୁ ଲଣ୍ଡନ, କାନାଡ଼ା, ଶ୍ରୀଲଙ୍କା ଓ ଅଷ୍ଟ୍ରେଲିଆ ଭଳି ଦେଶରେ ମଧ୍ୟ ଏହାର ଆୟୋଜନ କରାଯାଉଛି। 'ଗୀତା ମହୋତ୍ସବରେ ଓଡ଼ିଶାର କଳା, ସଂସ୍କୃତି ଏବଂ ଐତିହ୍ୟକୁ ନେଇ ନିର୍ମିତ ହୋଇଥିବା ଓଡ଼ିଶା ମଣ୍ଡପ ହେଉଛି ଓଡ଼ିଆ ଅସ୍ମିତାର ଏକ ନିଛକ ନିଦର୍ଶନ।

## ୧୬ତମ ଅର୍ଥ କମିଶନ ପାଇଁ କମିଟି ଗଠନ ନ ହେବା ପ୍ରସଙ୍ଗ ଉଠାଇଲେ ପ୍ରତାପ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ୧୬ ତମ ଅର୍ଥ କମିଶନ ପାଇଁ ରାଜ୍ୟ ସରକାର କମିଟି ଗଠନ କରି ନାହାନ୍ତି । ଏପରି ନ କରିବା କାରଣରୁ ରାଜ୍ୟର ସ୍ୱାର୍ଥ ବାଧାପ୍ରାପ୍ତ ହେବ । ରାଜ୍ୟକୁ ଯେତିକି ପରିମାଣର ଅର୍ଥ ଆବଶ୍ୟକ ସେ ନେଇ ଦାବି କରିବାରେ ରାଜ୍ୟ ବିଫଳ ହେବ । ପରେ କାନ୍ଦିଲେ କିଛି ଲାଭ ହେବ ନାହିଁ । ତେଣୁ ଏ ବାବଦରେ ରାଜ୍ୟ ସରକାର ତୁରନ୍ତ ପଦକ୍ଷେପ ନିଅନ୍ତୁ । ବୁଧବାର ଶୂନ୍ୟକାଳରେ ବିରୋଧୀ ଦଳର ବିଧାୟକ ପ୍ରତାପ କେଶରୀ ଦେବ ଏହି ପ୍ରସଙ୍ଗ ଉଠାଇଛନ୍ତି ।

**GOVERNMENT OF CHHATTISGARH, WATER RESOURCES DEPARTMENT**
**OFFICE OF THE CHIEF ENGINEER**
**MAHANADI GODAWARI BASIN**
**RAIPUR(C.G.)**
**ePROCUREMENT TENDER NOTICE**
**e-Procurement Portal: https://pcroc.cgstate.gov.in**
**(1st CALL)**

System Tender No: 162466/NIT No. 10/SAC/2024-24, Chhuikhadan, Date: 09.12.2024
Online Tenders are invited for the following works upto 30.12.2024 at 17.30 Hour

Name of Work: Remodeling and cement concrete lining of L.B.C between RD 0 M.2 10650M., R.B.C RD 0 M.2 2040m. Kotrichhpar minor RD 0m.2 900m., Bhorampur mining RD 0m.2 1950m. with construction of 01 no. escape, 07 Nos. D.C. 07 no. fall, 02 no fall cum vrb, 05 no 3. minor Head, 14 nos. VRB, 04 nos inlet, RCC open truff in L.B.C. RD 3660m. to 3810m. repair of existing structure and fixing of Colaba pipe of Bhendra tank scheme in block chhuikhadan of district Khairagarh chhuikhadan Gandai.

Probable Amount of Contract: Rs.793.22 Lakhs

The details can be viewed and downloaded online directly from the Goernment of Chhattisgarh integrated e-Procurement Portal (https:..eproc.cgstate.gov.in) from Date 16.12.2024 at 17.31 Hours. (IST) onwards.

NOTE: All eligible/intrested contractors/bidders are mandated to get enrolled on the integrated e-procurement portal (https://eproc.cgstate.gov.in) and get approval on specific vendor class from PWD under Centralized Contractor/Supplier Registration in order to download the tender documents and participate in the subsequent bidding process.

**Sd/- Executive Engineer**
**Water Resources Division, Chhuikhadan**
**For, Chief Engineer, Mahanadi Godavari Basin**
**Raipur (C.G.)**

**G-242505542/10**

## ରାଜନୈତିକ ଦଳର ସଦସ୍ୟ ଥିବା ଓକିଲ ଲଢିପାରିବେ ବାର୍ ଆସୋସିଏସନ୍ ନିର୍ବାଚନ



**ସୁପ୍ରିମକୋର୍ଟଙ୍କ ଗୁରୁତ୍ୱପୂର୍ଣ୍ଣ ରାୟ**

ନୂଆଦିଲ୍ଲୀ: ରାଜନୈତିକ ଦଳର ସକ୍ରିୟ ସଦସ୍ୟମାନେ ବାର୍ ଆସୋସିଏସନ୍ ନିର୍ବାଚନ ଲଢିପାରିବେ। ସେମାନଙ୍କୁ ଏହି ନିର୍ବାଚନ ଲଢିବାକୁ ବାରଣ କରିବା ନିମନ୍ତେ କୌଣସି ଆଇନ ନାହିଁ ବୋଲି ସୁପ୍ରିମକୋର୍ଟ ବୁଧବାର ଏକ ଗୁରୁତ୍ୱପୂର୍ଣ୍ଣ ରାୟରେ କହିଛନ୍ତି। ଏଥିସହ ସୁପ୍ରିମକୋର୍ଟ ଏପରି ଆଇନ ପ୍ରଣୟନ କରିପାରିବେ ନାହିଁ ବୋଲି ମଧ୍ୟ ସ୍ପଷ୍ଟ କରିଛନ୍ତି। ସୁପ୍ରିମକୋର୍ଟର ବିଚାରପତି ଜଷ୍ଟିସ ସୂର୍ଯ୍ୟକାନ୍ତ ଓ ଜଷ୍ଟିସ ଉଜ୍ଜ୍ୱଳ ଭୂୟାଁଙ୍କୁ ନେଇ ଗଠିତ ଖଣ୍ଡପୀଠ ଆଇନଜୀବୀ ଜୟା ସୁକିନଙ୍କ ଦ୍ୱାରା ଆଗତ ଏକ ଜନସ୍ୱାର୍ଥ ମାମଲାକୁ ଖାରଜ କରି ଏଭଳି ମନ୍ତବ୍ୟ ଦେଇଛନ୍ତି । ରାଜନୈତିକ ଦଳର ସଦସ୍ୟମାନଙ୍କୁ ବାର୍ ଆସୋସିଏସନ ନିର୍ବାଚନ ଲଢିବା ଉପରେ ପ୍ରତିବନ୍ଧକ ଲଗାଇବାକୁ ନିର୍ଦ୍ଦେଶ ଦେବା ନିମନ୍ତେ ଆବେଦନରେ ଅନୁରୋଧ କରାଯାଇଥିଲା। ସାମ୍ବିଧାନିକ ନୀତିକୁ ଅନୁସରଣ କଲେ ଗଣତନ୍ତ୍ରର ବିବିଧ ବିଚାରଧାରା ଉପରେ ନିର୍ଭର କରିବାକୁ ପଡ଼େ ବୋଲି ସୁପ୍ରିମକୋର୍ଟ କହିଛନ୍ତି। ଜଷ୍ଟିସ ସୂର୍ଯ୍ୟକାନ୍ତ କହିଛନ୍ତି ଯେ ଗଣତନ୍ତ୍ର ସବୁବେଳେ ଭିନ୍ନ ଭିନ୍ନ ବିଚାରାଧାରାର ସୁଯୋଗ ରହିଥାଏ। କିନ୍ତୁ ତାହା ସମ୍ବିଧାନ ଅନୁଯାୟୀ ହବା ଦରକାର। ଖଣ୍ଡପୀଠ ଆବେଦନକାରୀଙ୍କ ଆବେଦନକୁ ଦୃଢତାର ସହ ଖାରଜ କରି ସ୍ପଷ୍ଟ କରିଛନ୍ତି ଯେ ବାର୍ ଆସୋସିଏସନ ନିର୍ବାଚନ ପାଇଁ ପ୍ରାର୍ଥୀଙ୍କ ମଧ୍ୟରେ ରାଜନୈତିକ ସଂପୃକ୍ତି ଉପରେ କୌଣସି ଆଇନଗତ ପ୍ରତିବନ୍ଧକ ନାହିଁ। ଶୁଣାଣି ସମୟରେ ସୁପ୍ରିମକୋର୍ଟ ରାଜନୈତିକ ସଂପୃକ୍ତି ଥିବା ବିଶିଷ୍ଟ ଆଇନଜୀବୀଙ୍କ ଅବଦାନ ଉପରେ ଆଲୋକପାତ କରିଥିଲେ। ଜଷ୍ଟିସ ସୂର୍ଯ୍ୟକାନ୍ତ କହିଥିଲେ, ବରିଷ୍ଠ ଆଇନଜୀବୀ ରାମ ଜେଠମାଲାନୀ ସଂସଦର ସକ୍ରିୟ ସଦସ୍ୟ ଥିବାବେଳେ ବାର୍ କାଉନସିଲ ଅଫ୍ ଇଣ୍ଡିଆର ଅଧ୍ୟକ୍ଷ ଏବଂ ସୁପ୍ରିମକୋର୍ଟ ବାର୍ ଆସୋସିଏସନର ସଭାପତି ଭଳି ପ୍ରମୁଖ ପଦବୀରେ ରହିଥିଲେ। ଖଣ୍ଡପୀଠ ଆବେଦନକାରୀଙ୍କ ଦାବିର ଯୁକ୍ତି ଉପରେ ପ୍ରଶ୍ନ ଉଠାଇ କହିଥିଲେ, ବାର୍‌ର ଜଣେ ପଦାଧିକାରୀଙ୍କ ରାଜନୈତିକ ବିଚାରଧାରା ରହିବା କୌଣସି ଭୁଲ ନୁହେଁ। ଜେଠମାଲାନୀଙ୍କ ଭଳି ବହୁ ମେଧାବୀ ଓ ପ୍ରତିଭାସମ୍ପନ୍ନ ବ୍ୟକ୍ତିଙ୍କ ମତ ଓ ଅବଦାନରୁ ଦେଶ ବଞ୍ଚିତ ହେବା ଠିକ୍ ନୁହେଁ। ଆବେଦନର ଶୁଣାଣି ପାଇଁ ଅଦାଲତଙ୍କ ଅନିଚ୍ଛା ଅନୁଭବ କରି ଆବେଦନକାରୀଙ୍କ ଓକିଲ ଏହି ମାମଲାକୁ ଆଇନ କମିଶନଙ୍କ ନିକଟକୁ ପଠାଇବା ନିମନ୍ତେ ନିର୍ଦ୍ଦେଶ ଦେବାକୁ ଅନୁରୋଧ କରିଥିଲେ। ତେବେ ଖଣ୍ଡପୀଠ ଏଭଳି କୌଣସି ଆଦେଶ ଦେବେ ନାହିଁ ବୋଲି ମନା କରି ଦେଇଥିଲେ।

## ୧୦୮ ଆମ୍ବୁଲାନ୍ସ କମ୍ପାନୀ ଓ କର୍ମଚାରୀ ବିବାଦ

ମାଲକାନଗିରି (ଭାସ୍କର ନ୍ୟୁଜ): ମା ଲକାନଗିରି ଜିଲ୍ଲାରେ ବଢିଲା ୧୦୮ ଆମ୍ବୁଲାନ୍ସ କମ୍ପାନୀ ଓ କର୍ମଚାରୀ ବିବାଦ ଜିଲ୍ଲା ବ୍ୟାପି ରୋଗୀସେବା ବାଧାପ୍ରାପ୍ତ । ସ୍ଥାୟୀ ନିଯୁକ୍ତି ସାଙ୍ଗକୁ ସମାନ କାମକୁ ସମାନ ଦରମା ଦାବି ନେଇ ମଙ୍ଗଳବାର ଠାରୁ ଜିପିଏସ୍ ବଟନ୍ ଅଫ୍ କରି ଅଫରୋଡ୍ ମୋଡରେ ଗାଡି ଚଲାଇବାକୁ ନିଷ୍ପତ୍ତି ନେଇଛନ୍ତି ୧୦୮ ଆମ୍ବୁଲାନ୍ସ କର୍ମଚାରୀ । ଫଳରେ ରୋଗୀ ସେବା ପ୍ରଭାବିତ ହୋଇଛି ।ଅନ୍ୟପଟେ ଅଫରୋଡ୍ ମୋଡ଼ରେ ସେବା ଦେବାକୁ ଅମଙ୍ଗ ଆମ୍ବୁଲାନ୍ସ ସେବା ଯୋଗାଉ ଥିବା କମ୍ପାନୀ। ପୂର୍ବରୁ ମଧ୍ୟ ସମାନ ଦାବି ନେଇ ଜିପିଏସ୍ ବଟନ ବନ୍ଦ କରାଯାଇଥିବା ବେଳେ ଦାବି ପୂରଣ ହୋଇନାହିଁ। ପୁଣିଥରେ ଏଭଳି ପନ୍ଥା ଆପଣାଇ ଆମ୍ବୁଲାନ୍ସ କର୍ମଚାରୀ ମାନେ ଅଭିନବ ଉପାୟରେ ଆନ୍ଦୋଳନକୁ ଓହ୍ଲାଇଛନ୍ତି।

## ଚିତ୍ତରଞ୍ଜନ ବେହେରାଙ୍କ ବିୟୋଗରେ ଶୋକ

କଟକ(ଭାସ୍କର ନ୍ୟୁଜ୍): ରେଭେନ୍ସା କଲେଜର ପୂର୍ବତନ ସଭାପତି ତଥା ବିଶିଷ୍ଟ ସମାଜସେବୀ ଚିତରଞ୍ଜନ ବେହେରାଙ୍କ ବିୟୋଗରେ ଓଡିଶା ନବନିର୍ମାଣ ବିକାଶମଞ୍ଚ ପକ୍ଷରୁ ଏକ ଶୋକସଭା ଅନୁଷ୍ଠିତ ହୋଇଯାଇଛି । ଓଡିଶା ନବନିର୍ମାଣ ବିକାଶମଞ୍ଚର କେନ୍ଦ୍ରୀୟ ସଭାପତି ତଥା ରେଭେନ୍ସା କଲେଜର ପୂର୍ବତନ ସଭାପତି ଆଡ଼ଭୋକେଟ ଡକ୍ଟର ଜ୍ଞାନଗୁରୁ ଦାସ, ବରିଷ୍ଠ ସାମ୍ବାଦିକ ଅନୀଲ୍ ଦାସ, ଚିତରଞ୍ଜନ ଦାସ, ସମବାୟ ସୁରକ୍ଷା ସଂଘର ସମ୍ପାଦକ ପ୍ରତାପ ଚନ୍ଦ୍ର ସାହୁ ପ୍ରମୁଖ ଯୋଗ ଦେଇ ସ୍ୱର୍ଗତ ଚିତରଞ୍ଜନ ବେହେରାଙ୍କ ସ୍ମୃତିଚାରଣ କରିଥିଲେ ।

**AFFIDAVIT**

By virtue of an affidavit before the Notary Public, Bhubaneswar on 09.12.2024, I Bimbadhar Gahan(New Name), S/o- Mayadhar Gahana, resident of At/Ps- Bansada, Post- Saraswati, Dist- Bhadrak declares that my old name was Makaradhara Gahana, by this affidavit I want to change my name from Makaradhar Gahana to Bimbadhar Gahana for all purposes. Makardhar Gahana & Bimbadhar Gahana, S/o- Mayadhar Gahana is same & one person myself. Henceforth I will be known at Bimbadhar Gahana & affidavit is to be used as & when required.
Sd/- Bimbadhar Gahana

**AFFIDAVIT**

By virtue of an affidavit sworn before the Executive magistrate tentulikhunti Dtd : 19.11.2024 I smt dileswari santa 28 yrs. w/o dhanurjay santa At/ krushna guda po- pondikote PS- papadahandi Dist- nabarangpur , declare that I have changed my sarname from dileswari jani to dilleswari santa, Dileswari santa and dileswari jani being one and same person .this affidavit is required to be produce before the concerned bank Authorty for necessary action .

**C-1229**

OFFICE OF THE MUNICIPAL COUNCIL: KEONJHARGARH

email- keonjharm.hud@rediffmail.com
Invitation for Bids (IFB) ' e' Procurement NOTICE
Bid Identification No.ODULB_KGM-06/2024-25
Letter No **8402** /KGM/ Date.10.12.2024

On behalf of the Municipal Council, Keonjhargarh, Executive Officer, Keonjhargarh Municipality invites online Bid in Single cover system ,through e-Procurement

1- Nature of work- **Civil Work.**

2- No of Work- 8 **Nos**

3-Value of works: Rs. **2,35.217/- to 14,44,969/-**

4-Date & Time of availability of Bid document in the portal:

From. **12.12.2024** at 11.00 A.M. up to **19.12.2024** at 5.30 P.M.

5-Date of Opening of bid in portal. **23.12.2024** at 11.00 A.M.

6- Name & address of the officer in Inviting Bid– EO, Keonjharagrh Municipality

Further details can be seen from Website: www.tendersorissa.gov.in

**Sd/- Executive Officer**
**Keonjhargarh Municipality**

**OIPR 13115/11/0009/2425**

**i-355**

GOVERNMENT OF ODISHA
DEPARTMENT OF PANCHAYATIRAJ & DRINKING WATER
Office of the Block Development Officer, Panchayat Samiti , Semiliguda, Dist- Koraput
e-Procurement Notice No. 01/2024-25
PERCENTAGE RATE e-TENDER

No. **4997** / 2024 Date: **04** .12.2024

The Block development Officer, Panchayat Samiti Semiliguda, Dist. Koraput, Pin 764036 (Odisha) (for and on behalf of Governor of Odisha) Invites **"PERCENTAGE RATE Bids" IN SINGLE COVER SYSTEM,** in electronic tendering system for the construction works detailed in the table.

**Details of the Tender Project**

| Sl. No. | Name of the Work | Name of the Scheme | Approximate value of work Excluding GST. | Class of Contractor | E.M.D. (Rs.) | Cost of Tender Documents | Period of completion |
|---|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 | 8 |
| 1. | Construction of Addl. Class room at Block Colony PS, Semiliguda | S & ME Deptt. | 11,38,615/- | "C" & "D" | 11,400/- | 6000/- | 6 (Six) calendar Months |
| 2. | Construction of Addl. Class room at P.Muthai PS, P.Muthai GP | S & ME Deptt. | 11,65,590/- | "C" & "D" | 11,700/- | 6000/- | 6 (Six) calendar Months |
| 3. | Construction of Addl. Class room at Anchalika High School, Kunduli | S & ME Deptt. | 12,79,043/- | "C" & "D" | 12,800/- | 6000/- | 6 (Six) calendar Months |

**(3 nos of work only)**

| Sl. No. | Description | | Critical Dates |
|---|---|---|---|
| (i) | Period of availability of bid documents for on-line bidding | : | **09.12.2024 to 23.12.2024** up to **17:30 Hours** |
| (ii) | Last date & time of seeking clarification | : | **23.12.2024** up to **17:30 Hours** |
| (iii) | Last date & time of on-line bidding | : | **23.12.2024** up to **17:30 Hours** |
| (iv) | Date & time of opening of on-line Bid | : | **24.12.2024** at **16.00 Hours** |
| (v) | Transparent Lottery (If required) | : | **24.12.2024** |

1. Bid documents consisting of specification, the bill of quantity, Tender call notice including the estimated cost, tender value, bid security/EMD, cost of bid documents, required class of contractor, completion time etc. are available in the e-procurement portal/ website https://www.tendersodisha.gov.in.

Sd/-Block Development Officer
Semiliguda

**OIPR 19066/11/0001/2425**

**ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ**

### ୭ଟି ବର୍ଗରେ...

ଦେଶର ଦ୍ୱିତୀୟ ସର୍ବଶ୍ରେଷ୍ଠ ସୁସ୍ଥ ପଞ୍ଚାୟତ ଭାବେ ୭୫ ଲକ୍ଷ ଟଙ୍କା ଏବଂ ହିଞ୍ଜିଳିକାଟୁ ଶାହାପୁର ଗ୍ରାମପଞ୍ଚାୟତକୁ ଦ୍ୱିତୀୟ ଆତ୍ମନିର୍ଭରଶୀଳ ଭିତ୍ତିଭୂମିଯୁକ୍ତ ଗ୍ରାମପଞ୍ଚାୟତ ପୁରସ୍କାର ବାବଦରେ ୭୫ଲକ୍ଷ ଟଙ୍କା ପ୍ରଦାନ କରାଯାଇଛି । ସେହିପରି ନାନାଜି ଦେଶମୁଖ ସର୍ବୋତ୍ତମ ପଞ୍ଚାୟତ ଶତତ ବିକାଶ ପୁରସ୍କାର ଅଧୀନରେ କୋରାପୁଟ ଜିଲ୍ଲାକୁ ଦେଶର ଦ୍ୱିତୀୟ ଶ୍ରେଷ୍ଠ ଜିଲ୍ଲା ପରିଷଦ ରୂପେ ୩କୋଟି ଓ ଗଞ୍ଜାମ ଜିଲ୍ଲା ଛତ୍ରପୁର ପଞ୍ଚାୟତ ସମିତିକୁ ଶ୍ରେଷ୍ଠ ପଞ୍ଚାୟତ ସମିତି ରୂପେ ୨ କୋଟି ଟଙ୍କା ପ୍ରଦାନ କରାଯାଇଛି । ବିଶେଷ ପଞ୍ଚାୟତ ପୁରସ୍କାର ବର୍ଗରେ ସୁନ୍ଦରଗଡ଼ ଜିଲ୍ଲା ବଣାଇଗଡ଼ ବ୍ଲକ୍ କେନ୍ଦ୍ରିକେଲା ଗ୍ରାମପଞ୍ଚାୟତକୁ କାର୍ବନ ନ୍ୟୁଟ୍ରାଲ ବିଶେଷ ପଞ୍ଚାୟତ ପୁରସ୍କାର ବର୍ଗରେ ଦେଶରେ ଦ୍ୱିତୀୟ ସ୍ଥାନ ଅଧିକାରୀ ପାଇଁ ୭୫ ଲକ୍ଷ ଓ କସିରା ଗ୍ରାମପଞ୍ଚାୟତକୁ ଗ୍ରାମ ଉର୍ଜା ସ୍ୱରାଜ ବିଶେଷ ପଞ୍ଚାୟତ ପୁରସ୍କାର ବର୍ଗରେ ଦେଶରେ ତୃତୀୟ ସ୍ଥାନ ଅଧିକାର କରିଥିବା ପାଇଁ ୫୦ଲକ୍ଷ ଟଙ୍କା ପ୍ରଦାନ କରାଯାଇଛି । ନୂଆଦିଲ୍ଲୀର ବିଜ୍ଞାନ ଭବନରେ ଆୟୋଜିତ ଏହି ସମାରୋହରେ ରାଷ୍ଟ୍ରପତି ଶ୍ରୀମତୀ ମୁର୍ମୁ କହିଥିଲେ ଯେ, ଗ୍ରାମୀଣ ବିକାଶରେ ସବୁ ପଞ୍ଚାୟତ ବ୍ରତୀ ହେବା ଉଚିତ୍ । ଏହି ଅବସରରେ ସର୍ବାଧିକ ଅର୍ଥରାଶି ପାଇ ଦେଶରେ ଓଡ଼ିଶା ପ୍ରଥମ ସ୍ଥାନ ଅଧିକାର କରିଥିବାରୁ ରାଷ୍ଟ୍ରପତି ଅଭିନନ୍ଦନ ଜଣାଇଥିଲେ । କେନ୍ଦ୍ର ପଞ୍ଚାୟତିରାଜ ମନ୍ତ୍ରୀ ରାଜୀବ ରଞ୍ଜନ ସିଂ ଓ ବିଭାଗୀୟ ରାଷ୍ଟ୍ରମନ୍ତ୍ରୀ ଏସ୍.ପି.ସିଂ ବଘେଲ ଅଭିଭାଦନ ପ୍ରଦାନ କରିଥିଲେ । ଏହି ସମାରୋହରେ ଓଡ଼ିଶା ପକ୍ଷରୁ ପଞ୍ଚାୟତିରାଜ ଓ ପାନୀୟଜଳ ଆୟୁକ୍ତ ତଥା ଶାସନ ସଚିବ ଗିରିଶ ଏସ୍.ଏନ୍, ରାଜ୍ୟ ଗ୍ରାମ୍ୟ ଉନ୍ନୟନ ଓ ପଞ୍ଚାୟତିରାଜ ପ୍ରତିଷ୍ଠାନର ନିର୍ଦ୍ଦେଶକ ସୁରେନ୍ଦ୍ର କୁମାର ମୀନା, ଗଞ୍ଜାମ ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡ଼ା, କୋରାପୁଟ ଜିଲ୍ଲାପାଳ କୀର୍ତ୍ତି ଭାସନ ଓ ଅନ୍ୟ ଅଧିକାରୀମାନେ ଏହି ପୁରସ୍କାର ଗ୍ରହଣ କରିଥିଲେ । ଏହି ଅବସରରେ ପଞ୍ଚାୟତିରାଜ, ପାନୀୟ ଜଳ, ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀ ରବି ନାରାୟଣ ନାୟକ ପୁରସ୍କୃତ ହୋଇଥିବା ସମସ୍ତ ପଞ୍ଚାୟତିରାଜ ଅନୁଷ୍ଠାନ, ଅଧିକାରୀ ଓ କର୍ମଚାରୀଙ୍କୁ ଅଭିନନ୍ଦନ ଜଣାଇଛନ୍ତି ।

## ରାଜ୍ୟ ଆଇନଜୀବୀ ପରିଷଦ ପକ୍ଷରୁ ବିଶ୍ୱମାନବାଧିକାର ଦିବସ ପାଳିତ

କଟକ(ଭାସ୍କର ନ୍ୟୁଜ୍): ରାଜ୍ୟ ଆଇନଜିବୀ ପରିଷଦ ତରଫରୁ ସଭାପତ ସିତାଂଶୁ ମୋହନ ଦ୍ୱିବେଦୀଙ୍କ ଅଧକ୍ଷତାରେ ବିଶ୍ୱମାନବ ଅଧିକାର ଦିବସ ପାଳିତ ହୋଇଯାଇଛି । ଏହି ଅବସରରେ ଆଇନଜିବୀ ପରିଷଦ ପ୍ରାଙ୍ଗଣରେ ଥିବା ମଧୁବାବୁଙ୍କ ପ୍ରତିମୂର୍ତିରେ ମାଲ୍ୟାର୍ପଣ କରାଯାଇଥିଲା । ବିଶ୍ୱମାନବ ଅଧିକାର ପାଳନ ଅବଶରରେ ମିଳିତ ଜାତିସଂଘର ଘୋଷଣା ସଂକ୍ରାନ୍ତରେ 'ନ୍ୟାୟିକ ସହାୟତା ଏବଂ ଆଇନଜିବୀମାନଙ୍କର ଭୂମିକା' ସମ୍ପର୍କରେ ଅଲୋଚନା କରାଯାଇଥିଲା । ପରିଷଦର ସଦସ୍ୟ ବିଭୁପ୍ରସାଦ ତ୍ରିପାଠି ସ୍ୱାଗତ ଭାଷଣ ପ୍ରଦାନ କରିଥିବାବେଳେ ସଦସ୍ୟ ସୌରଚନ୍ଦ୍ର ମହାପାତ୍ର ଅଭିଭାଷଣ ପ୍ରଦାନ କରିଥିଲେ । ଏହି କାର୍ଯ୍ୟକ୍ରମରେ ନ୍ୟାୟମୂର୍ତ୍ତି ସଙ୍ଗମ କୁମାର ସାହୁ ଓ ନ୍ୟାୟମୂର୍ତି ଭି. ନରସିଂହ ଯଥାକ୍ରମେ ମୁଖ୍ୟ ଅତିଥି ଏବଂ ସମ୍ମାନୀତ ଅତିଥିରୂପେ ଯୋଗଦାନ କରିଥିଲେ । ନ୍ୟାୟମୂର୍ତ୍ତି ଶିବ ଶଙ୍କର ମିଶ୍ର ମୁଖ୍ୟବକ୍ତା ଭାବରେ ନ୍ୟାୟିକ ସହାୟତା ଏବଂ ଆଇନଜିବୀମାନଙ୍କ ଭୂମିକା ଉପରେ ଆଲୋଚନା କରିଥିଲେ । ପ୍ରାରମ୍ଭରେ ରାଜ୍ୟ ଆଇନଜୀବୀ ପରିଷଦର ସଦସ୍ୟ ଅରୂପା ନନ୍ଦ ଦାସ ଅଭିଭାଷଣ ପ୍ରଦାନ କରିଥିଲାବେଳେ ସଦସ୍ୟ ବିଭୁ ପ୍ରସାଦ ଦାସ ସଭାକାର୍ଯ୍ୟ ସଂଚାଳନ କରିଥିଲେ । ଶେଷରେ ସଦସ୍ୟ ବିଭୁପ୍ରସାଦ ତ୍ରିପାଠି ଧନ୍ୟବାଦ ଅର୍ପଣ କରିଥିଲେ ।

## ୱାଲଟିଅର ଡିଭିଜନକୁ ବିଜୟୱାଡାରେ ମିଶାଇଦେବା ପ୍ରସଙ୍ଗ ରଣେନ୍ଦ୍ର ଓ ଉପ ମୁଖ୍ୟମନ୍ତ୍ରୀ ମୁହାଁମୁହିଁ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ପୂର୍ବତଟ ରେଳବାଇରୁ ୱାଲଟିୟର ଡିଭିଜନକୁ କାଟି ଦେବା ପ୍ରସଙ୍ଗକୁ ନେଇ ବୁଧବାର ବିଜେଡି ବିଧାୟକ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ଓ ଉପ ମଖ୍ୟମନ୍ତ୍ରୀ କେଭି ସିଂହଦେଓଙ୍କ ମଧ୍ୟରେ କଥା କଟି କଟି ହୋଇଥିବା ଦେଖିବାକୁ ମିଳିଛି । ଏହି ପ୍ରସଙ୍ଗରେ ଶ୍ରୀ ସ୍ୱାଇଁ କେନ୍ଦ୍ର ରେଳବାଇ ମନ୍ତ୍ରୀଙ୍କୁ ଟାର୍ଗେଟ କରିବା ସହ ଏହାକୁ ବିଜେଡି ସହ୍ୟ କରିବ ନାହିଁ ବୋଲି କହିଥିଲେ । ଅନ୍ୟ ପକ୍ଷରେ ଉପ ମୁଖ୍ୟମନ୍ତ୍ରୀ କେଭି ସିଂହଦେଓ ଏହାର ଉତରରେ କହିଥିଲେ ଯେ ଓଡିଶାର ଗୋଟିଏ ଇଞ୍ଚ ରେଳ ଲାଇନ ଅନ୍ୟ ରାଜ୍ୟକୁ ଯିବ ନାହିଁ । ତେବେ ଏହି ପ୍ରସଙ୍ଗକୁ ନେଇ ଉଭୟଙ୍କ ମଧ୍ୟରେ ମୁହାଁମୁହିଁ ପରିସ୍ଥିତି ଦେଖିବାକୁ ମିଳିଥିଲା ।

**ଦ.ପୂ. ରେଳପଥ-ଟେଣ୍ଡର**

ଭାରତର ରାଷ୍ଟ୍ରପତିଙ୍କ ପାଇଁ ଓ ପକ୍ଷରୁ ଚିଫ୍ ଇଲେକ୍ଟ୍ରିକାଲ ଇଞ୍ଜିନିୟର(ପ୍ରୋଜେକ୍ଟ)/ଗାର୍ଡେନରିଚ୍, କୋଲକାତା, ଦକ୍ଷିଣ ପୂର୍ବ ରେଳପଥ ନିମ୍ନଲିଖିତ କାର୍ଯ୍ୟପାଇଁ ଇ-ଟେଣ୍ଡର ଆହ୍ୱାନ କରୁଛନ୍ତି ।
କ୍ରମିକ ନଂ ଏବଂ ଇ-ଟେଣ୍ଡର ନମ୍ବର, କାର୍ଯ୍ୟର ନାମ ସହ ସ୍ଥାନ, କାର୍ଯ୍ୟର ଆନୁମାନିକ ମୂଲ୍ୟ, ଅମାନତ୍ ଜମା: ୧)ଏମଆରଟିଏସଇଆର/ଜିଆରସି/ଇଞ୍ଜିନିୟରିଂ/ଡବ୍ଲୁଟି-୦୧(ଖୋଲା) ତାରିଖ: ୧୦.୧୨.୨୦୨୪। ଦକ୍ଷିଣ ପୂର୍ବ ରେଳପଥର ରାଞ୍ଚି ଡିଭିଜନରେ ୩ହଜାର ମେଟ୍ରିକ୍ ଟନ୍ ଲୋଡିଂ ପାଇଁ ମୁରି-ରାଞ୍ଚି-ଟୋରି ସେକ୍ସନର ଲୋହରଡଗାରେ ୧୦ଟି ଟାଇପ୍-୨ କ୍ୱାର୍ଟର ନିର୍ମାଣ ସହ ଅନ୍ୟାନ୍ୟ କାର୍ଯ୍ୟ ଯଥା- ପାଚେରୀ, ଡ୍ରେନ୍, ଆରସିସି ରୋଡ୍ ଇତ୍ୟାଦି କାର୍ଯ୍ୟ ଏବଂ ଏଥିସହ ଇଲେକ୍ଟ୍ରିକ ଟ୍ରାକ୍ସନ ସିଷ୍ଟମ ୧X୨୫ କେଭିଠାରୁ ୨X୨୫ କେଭି ଟ୍ରାକ୍ସନ ସିଷ୍ଟମର ଅପଗ୍ରେଡେସନ କାର୍ଯ୍ୟ। ଟ.୩,୯୭,୧୬,୩୨୦.୯୪, ଟ.୩,୪୮,୬୦୦ (୨) ଦକ୍ଷିଣ ପୂର୍ବ ରେଳପଥର ରାଞ୍ଚି ଡିଭିଜନରେ ୩ହଜାର ମେଟ୍ରିକ୍ ଟନ୍ ଲୋଡିଂ ଟାର୍ଗେଟ କରିବା ପାଇଁ ମୁରି-ରାଞ୍ଚି-ଟୋରି ସେକ୍ସନର ଲୋହରଡଗାଠାରେ ୧୦ଟି ଟାଇପ୍-୩ କ୍ୱାର୍ଟର ସହ ଅନ୍ୟାନ୍ୟ କାର୍ଯ୍ୟ ଯଥା- ପାଚେରୀ, ଡ୍ରେନ୍, ଆରସିସିରୋଡ ଇତ୍ୟାଦି ସହ ଇଲେକ୍ଟ୍ରିକ ଟ୍ରାକ୍ସନ ସିଷ୍ଟମ ୧ X ୨୫ କେଭିଠାରୁ ୨ X୨୫ କେଭି ଟ୍ରାକ୍ସନ ସିଷ୍ଟମ କାର୍ଯ୍ୟ। ଟ. ୪,୫୭,୫୨,୯୨୦.୮୯, ଟ. ୩,୭୮,୮୦୦/-। କାର୍ଯ୍ୟର ସଂପୂର୍ଣ୍ଣ ଅବଧି: ୧୫(ପନ୍ଦର) ମାସ, କ୍ରମିକ ନଂ ୧ ଏବଂ ୧୮ (ଅଠର) ମାସ କ୍ରମିକ ନମ୍ବର ୨ପାଇଁ । ବନ୍ଦ ହେବାର ତାରିଖ ଏବଂ ସମୟ: ଆଇଆରଇପିଏସ୍ ପୋର୍ଟାଲରେ ୦୨.୦୧.୨୦୨୫ ଅପରାହ୍ନ ୩ଟା ପର୍ଯ୍ୟନ୍ତ ଉଭୟ କାର୍ଯ୍ୟପାଇଁ ଇ-ଟେଣ୍ଡର ଗ୍ରହଣ କରାଯିବ । ୱେବ୍‌ସାଇଟ୍ ବିବରଣୀ ଏବଂ ନୋଟିସ୍ ବୋର୍ଡ ଲୋକେସନ: ୱେବସାଇଟ୍ ନଂ**www.ireps.gov.in** ଏବଂ ଚିଫ୍ ଇଲେକ୍ଟ୍ରିକାଲ ଇଞ୍ଜିନିୟର (ପ୍ରୋଜେକ୍ଟ) ଦକ୍ଷିଣ ପୂର୍ବ ରେଳପଥ/ ଗାର୍ଡେନରିଚ୍ (ଇଞ୍ଜିନିୟରିଂ)ରେ ଉଭୟ କାର୍ଯ୍ୟପାଇଁ ପାଇପାରିବେ।
ସଂଶୋଧନ: ଯଦି କୌଣସି ସଂଶୋଧିତ ପ୍ରସ୍ତାବ ଆସେ ତେବେ ୧୯.୧୨.୨୦୨୪ ପୂର୍ବରୁ ଆଇଆରପିଏସ୍ ପୋର୍ଟାଲ **www.ireps.gov.in** ରେ ଉଭୟ କାର୍ଯ୍ୟ ସଂପର୍କରେ ଜାଣିପାରିବେ।

**(PR-889)**

**O-848**

Phone No.06671-224074
e-mail : eerwkhariar@gmail.com

GOVERNMENT OF ODISHA
OFFICE OF THE SUPERINTENDING ENGINEER
RURAL WORKS DIVISION, KHARIAR

e-Procurement Notice
BID IDENTIFICATION NO:- RWKHR-09/2024-25 (Online)

Bid documents consisting of Work, Estimated Cost, EMD, Cost of tender Paper, Class of Contractor, Time of Completion and the set of terms and conditions of contract and other necessary documents can be seen in Govt. website i.e. www.tendersodisha.gov.in.

1 . Name of the Work :- Roads & Garage Works
2 . Total No of Works :- 4 nos.
3 . Estimated Cost :- 1.26 to 17.82 lakhs
4 . Period of Completion :- 1 (One) Calendar Months
5 . Other details :-

| Procurement officer | Bid Identification No | Availability of Tender on line for bidding | | Last date & time of seeking tender clarification | Date & time of Opening of Bid |
|---|---|---|---|---|---|
| | | From | To | | |
| 1 | 2 | 3 | 4 | 5 | 6 |
| Executive Engineer R.W. Division, Khariar | RWKHR-09/2024-25 (Online) | 16.12.2024 At 10:00 AM | 26.12.2024 Up to 5:00 PM | 26.12.2024 Up to 11.00 AM | 27.12.2024 at 11.00 AM |

Further details can be seen from the website www.tendersodisha.gov.in

**Sd/- Executive Engineer**
**Rural Works Division**
**Khariar**

**OIPR 25152/11/0004/2425**




ଭୁବନେଶ୍ୱର (ଭାସ୍କର ନ୍ୟୁଜ) : ଭୁବନେଶ୍ୱର ଗଲ୍ଫ କୋର୍ସରେ ଗତ ସପ୍ତାହରେ ୨୧ତମ କଳିଙ୍ଗ ଓପନ୍ ଗଲ୍ଫ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଗ୍ରୁପ୍ (୦-୧୬)ରେ ହକି ଅଲିମ୍ପିଆନ୍ ଦିଲୀପ ତିର୍କି ବିଜେତା ହୋଇଥିବାବେଳେ କ୍ୟାପଟେନ୍ ସୁଭାଷ ଦାସ ବେଷ୍ଟ ଗ୍ରସ୍ ଓ ଅସିତ କୁମାର ସାହୁ ଉପବିଜେତା ହୋଇଛନ୍ତି। ସେହିଭଳି ୧୭-୨୪ ହ୍ୟାଣ୍ଡିକ୍ୟାପ୍ ଶ୍ରେଣୀରେ ଅଜୟ ଦାସ ଓ ସତ୍ୟରଂଜନ ବେହୁରା ଯଥାକ୍ରମେ ବିଜେତା ଓ ଉପବିଜେତା ହୋଇଛନ୍ତି। ମହିଳା ବିଭାଗରେ ଲକ୍ଷ୍ମୀ ସ୍ୱାଇଁ ପ୍ରାଧାନ୍ୟ ଅବ୍ୟାହତ ରଖି ବିଜୟିନୀ ହୋଇଥିବାବେଳେ ରେବତୀ ପାଣି ଉପବିଜୟିନୀ ହୋଇଛନ୍ତି। ବରିଷ୍ଠ ବର୍ଗରେ ନରେନ୍ଦ୍ର ପାଲ୍ ସିଂହ ଓ ଏୟାର ମାର୍ଶାଲ ଜେଏନ୍ ବର୍ମା ଯଥାକ୍ରମେ ବିଜେତା ଓ ଉପବିଜେତା ହୋଇଛନ୍ତି। ଏହି ୩ ଦିନିଆ ପ୍ରତିଯୋଗିତାରେ ଆୟୋଜକ ବିଜିସି ସହିତ ପିପିଟି, ଏମ୍‌ଜିସି, ୧୨୦-ଟିଏ, ବ୍ରାହ୍ମଣୀ କ୍ଲବ୍ ଓ ଗୋପାଳପୁରରୁ ମୋଟ ୧୪୨ ଜଣ ଗଲ୍ଫର ଭାଗ ନେଇଥିଲେ।

# ବ୍ରିସ୍‌ବେନ୍ ଟେଷ୍ଟ ପୂର୍ବରୁ ଭାରତୀୟ ବ୍ୟାଟର୍‌ଙ୍କ ଜୋରଦାର ଅଭ୍ୟାସ



ଆଡିଲେଡ୍ : ପିଙ୍କ୍ ବଲ୍ ଟେଷ୍ଟରେ ଲଜ୍ଜାଜନକ ପରାଜୟ ପରେ ଚଳିତ ବର୍ଡର-ଗାଭାସ୍କର ଟ୍ରଫିରେ ସିରିଜକୁ ପ୍ରତ୍ୟାବର୍ତ୍ତନ କରିବା ଲକ୍ଷ୍ୟରେ ରହିଛି ଭାରତ। ରୋହିତ ଶର୍ମା ଓ ବିରାଟ କୋହଲିଙ୍କ ନେତୃତ୍ୱରେ ବ୍ୟାଟରମାନେ ଏଠାରେ ମଙ୍ଗଳବାର ଅନୁଷ୍ଠିତ ନେଟ୍ ସେସନରେ ରେଡ୍ ବଲ ପ୍ରସ୍ତୁତିରେ ବିଶେଷ ଧ୍ୟାନ ଦେଇଛନ୍ତି। ଅନ୍ୟପକ୍ଷରେ ଶନିବାରଠାରୁ ଆରମ୍ଭ ହେବାକୁଥିବା ତୃତୀୟ ଟେଷ୍ଟ ଖେଳିବା ଲାଗି ଅଷ୍ଟ୍ରେଲିଆ ଦଳ ଆଗୁଆ ବ୍ରିସବେନ୍ ଗସ୍ତ କରିଛି। ରେଡ୍‌ବଲ୍‌କୁ କିପରି ରକ୍ଷଣାତ୍ମକ ଖେଳିବା ଏବଂ କେଉଁ ବଲ୍‌କୁ ଛାଡ଼ିବାକୁ ହେବ ତାହାର ଟେକ୍‌ନିକ୍ ହାସଲ କରିବା ଲାଗି ଭାରତୀୟ ବ୍ୟାଟରମାନେ ତା' ଉପରେ ମନୋନିବେଶ କରିଥିଲେ। ଭାରତୀୟ ଅଧିନାୟକ ରୋହିତ ବର୍ତ୍ତମାନ ଭଲ ଫର୍ମରେ ନାହାନ୍ତି। ଗତ ୧୨ଟି ଇନିଂସରେ ସେ ମାତ୍ର ୧୪୨ ରନ ସଂଗ୍ରହ କରିଛନ୍ତି। ତନ୍ମଧ୍ୟରେ ତାଙ୍କର ଗୋଟିଏ ଅର୍ଦ୍ଧ ଶତକ (୫୨) ରହିଛି। ପୁତ୍ର ଜନ୍ମ ପରେ ସେ ଦଳ ସହିତ ଯୋଗଦେଇଥିଲେ। ସେ କିପରି ତାଙ୍କ ଲୟ ଫେରିପାଇବେ ସେଥିଲାଗି ସେ ନେଟ୍ସରେ ଉଭୟ ଭାରତୀୟ ପେସର ଓ ସ୍ପିନରଙ୍କ ବୋଲିଂର ସାମ୍ନା କରିଥିଲେ। ରୋହିତ ବ୍ୟାଟିଂ ଅର୍ଡରରେ ୬ଷ୍ଠ ସ୍ଥାନକୁ ଖସି ଆସିଛନ୍ତି। ଦ୍ୱିତୀୟ ଟେଷ୍ଟରେ ସେ ୩ ଓ ୬ ରନ କରିଛନ୍ତି। ପ୍ରଥମ ଇନିଂସରେ ସେ ଏଲ୍‌ବିଡବ୍ଲ୍ୟୁ ହୋଇଥିବା ବେଳେ ଦ୍ୱିତୀୟ ଇନିଂସରେ ସେ ପ୍ରତିପକ୍ଷ ଦଳର ଅଧିନାୟକ ପ୍ୟାଟ୍ସ କମିନ୍ସଙ୍କ ବଲ୍‌ରେ ବୋଲ୍ଡ ହୋଇଯାଇଥିଲେ। ଅନ୍ୟପକ୍ଷରେ କେ.ଏଲ୍ ରାହୁଲ ତାଙ୍କ ଡିଫେନ୍ସ ଉପରେ ଅଧିକ ଧ୍ୟାନ ଦେଇଥିବାବେଳେ ରିଷଭ ପନ୍ତ କିଛି ପିକ୍ ଅପ୍ ଶଟ୍ ଖେଳିଥିଲେ। ଓପନିଂ ଟେଷ୍ଟରେ ଭାରତର ୨୯୫ରନର ବିପୁଳ ବିଜୟରେ ୧୬୧ ରନ କରିଥିବା ଯୁବ ଓପନର ଯଶସ୍ୱୀ ଜୟସ୍ୱାଲ କିନ୍ତୁ ଆକ୍ରମଣାତ୍ମକ ଶଟ୍ ଖେଳିଥିଲେ। ବୋଲିଂ ଅଭ୍ୟାସ କରିଥିବା ବେଳେ ମାନେ ହେଲେ ହର୍ଷିତ ରାଣା, ଅକାଶ ଦୀପ, ଯଶ ଦୟାଲ ଏବଂ ସ୍ପିନର ତ୍ରୟ ରବୀନ୍ଦ୍ର ଜାଡେଜା, ରବିଚନ୍ଦ୍ରନ ଅଶ୍ୱିନ ଓ ୱାଶିଂଟନ ସୁନ୍ଦର। ଏମାନଙ୍କ ବ୍ୟତୀତ କେତେଜଣ ଥ୍ରୋ ଡାଉନ୍ ସ୍ପେସାଲିଟେ ମଧ୍ୟ ବୋଲିଂ କରିଥିଲେ। ଭାରତର ଦୁଇ ପ୍ରମୁଖ ବୋଲର ଯଶପ୍ରୀତ ବୁମ୍ରା ଓ ମହମ୍ମଦ ସିରାଜ ଏବଂ ସିମ୍ ବୋଲିଂ ଅଲରାଉଣ୍ଡର ନୀତୀଶ କୁମାର ରେଡ୍ଡୀଙ୍କ ବୋଲିଂ ଖରାପ ଲକ୍ଷ୍ୟ କରାଯାଇଥିଲା।

## ଖେଳକୁଦ,ସମୁଦ୍ର ପହଁରାରେ କମ୍ପୁଛି ବେଳାଭୂମି
# ଦେଶ ବିଦେଶର ୩୮୦ କ୍ରୀଡ଼ାବିତଙ୍କ ଅଂଶଗ୍ରହଣ




ପୁରୀ (ଭାସ୍କର ନ୍ୟୁଜ) : ବିଶ୍ୱସ୍ତରୀୟ ମହୋଦଧି ଦିବସ ଓ ବିଚ ଓସେନ ସ୍ପୋର୍ଟ୍ସ କର୍ଣ୍ଣିଭାଲ ପୁରୀ ର ସ୍ୱର୍ଣ୍ଣାଭ ବେଳାଭୂମି ଭିକ୍ଟୋରିଆ ହୋଟେଲ ସମ୍ମୁଖରେ ଗତକାଲି ଠାରୁ ଆରମ୍ଭ ହୋଇଛି। ଖେଳକୁଦ ଓ ସମୁଦ୍ର ପହଁରା ରେ କମ୍ପୁଛି ବେଳାଭୂମି ।ଦେଶ ବିଦେଶ ର ପାର୍ଯ୍ୟଟକ ଓ ସ୍ଥାନୀୟ ବାସିନ୍ଦାମାନେ ଏହା ଦେଖି ବିଭୋର ହେଉଛନ୍ତି ।ସମୁଦ୍ର ଜଳରାଶି ରେ ଅନୁଷ୍ଠିତ ଖେଳ ମଧ୍ୟରେ ସମୁଦ୍ରପହଁରା, କାୟକିଙ୍ଗ କନଓ୍ୱାଗିଙ୍ଗ,ରନ ସୁଇମ ରନ, ରେସକ୍ୟୁ ଟିୟୁ ରେସକ୍ୟୁ କ୍ରୀଡାରେ ୧୯ ଓ ୧୬ ବର୍ଷ ରୁ କମ ଖେଳାଳୀ, ପୁରୁଷ ଓ ମହିଳା ଓପନ ଖେଳାଳୀ ଓ ମାଷ୍ଟର ଖେଳାଳୀ ଯୋଗଦେଇଥିଲେ । ଶ୍ରୀଲଙ୍କା ର ୨୯ ଖେଳାଳୀ ସମେତ ୩୮୦ ଖେଳାଳୀ ଅଂଶ ଗ୍ରହଣ କରିଥିଲେ । ଟିମ ମ୍ୟାନେଜର ସି ଇ ଓ ଲାଇଫ ସେଭିଂ ଅଫ ଶ୍ରୀଲଙ୍କା ର ଆସଣ୍ଡା ନନାୟକ୍କର ଯୋଗଦେଇଥିଲେ । ଜାତୀୟ ଓ ଅନ୍ତର୍ଜାତୀୟ ଖେଳାଳୀ ଅଂଶଗ୍ରହଣ କରିଥିଲେ ।ପ୍ରଥମ ଦିନ ଖେଳ ପ୍ରତିଯୋଗିତା ରେ କ୍ରୀଡ଼ାବିତ ଜାତୀୟ ଓ ଅନ୍ତର୍ଜାତୀୟ ସ୍ତର ରେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିଲେ । ସର୍ଭିସ ସ୍ପୋର୍ଟ୍ସ କଣ୍ଟ୍ରୋଲ ବୋର୍ଡ ପକ୍ଷରୁ ମଧ୍ୟ ଖେଳାଳୀ ଯୋଗ ଦେଇଛନ୍ତି ।ଭାରତୀୟ କୋଚ ଭାବେ ଆର ଏଲ ଏସ ଏସ ର କୌସ୍ତୁଭ ବକ୍ସି, ରୋହିତ ପି., ପ୍ରଦୀପ ନାଇଡୁ, ଜୟନ୍ତ କୁମାର ସିଂ, ଆର. ମୈୟାପାନ, ଧର୍ମେନ୍ଦ୍ର ଚୌଧୁରୀ ପ୍ରମୁଖ ଯୋଗ ଦେଇଥିଲେ । ସକାଳ ୭ ଟା ରେ ଖେଳାଳୀ ମାନେ ଯୋଗ ଦେଇଥିଲେ । ସ୍ପୋର୍ଟ୍ସ ଏରିନା ରେ ଖେଳାଳିମାନେ ଓ ସ୍ୱଚ୍ଛାସେବୀମାନେ ଡାନ୍ସ ଫିଟନେସ ରେ ଯୋଗଦେଇଥିଲେ । ସମୁଦ୍ର ଜଳ ରେ ଖେଳାଳିମାନେ ବିଭିନ୍ନ ଖେଳ ପ୍ରତିଯୋଗିତା ରେ ଯୋଗ ଦେଇଥିଲେ । ସ୍ଥାନୀୟ କ୍ରୀଡା କ୍ଲବ ପକ୍ଷ ରୁ ଥ୍ରୋ ବଲ, ଭଲିବଲ, ମାଲଖମ୍ବ ଅନୁଷ୍ଠିତ ହୋଇଥିଲା ।ଇଣ୍ଡୋ -ଶ୍ରୀଲଙ୍କା ବିଚ ସ୍ପ୍ରିଣ୍ଟ ଖେଳ ହୋଇଥିଲା । ସନ୍ଧ୍ୟା ୬ ଟା ରେ ଗଦି କୁସ୍ତି କୁ ଦର୍ଶକ ଉପଭୋଗ କରିଥିଲେ । ଦିବ୍ୟାଙ୍ଗ ବ୍ୟକ୍ତି ମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଚିତ୍ରଶିଳ୍ପୀ ଦୁର୍ଗା ମାଧବ କର ଙ୍କ ନିର୍ଦ୍ଦେଶନା ରେ ଆର୍ଟ ଗ୍ୟାଲେରୀ ରେ ଶିଳ୍ପୀମାନେ ସୁନ୍ଦର ଚିତ୍ର ଆଙ୍କୁଥିବା ଦୃଶ୍ୟ ପାର୍ଯ୍ୟଟକ ଙ୍କୁ ଆକୃଷ୍ଟ କରିଥିଲା ।ପ୍ରତିଦିନ ସନ୍ଧ୍ୟା ରେ ପ୍ରାୟ ୫ହଜାର ରୁ ଉର୍ଦ୍ଧ ଦର୍ଶକ ଏହାକୁ ଉପଭୋଗ କରୁଛନ୍ତି ।

# ସର୍ବ ଭାରତୀୟ 'ଟାଙ୍ଗୀ କପ୍' ମହିଳା ଫୁଟବଲ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ



ଟାଙ୍ଗୀ (ଭାସ୍କର ନ୍ୟୁଜ): ଖୋର୍ଦ୍ଧା ଜିଲ୍ଲାର ଟାଙ୍ଗୀ ଚିଲିକା ଷ୍ଟାଡିୟମରେ ଅନୁଷ୍ଠିତ ହେଉଛି ସର୍ବ ଭାରତୀୟ ଟାଙ୍ଗୀ କପ୍ ମହିଳା ଫୁଟବଲ ଟୁର୍ଣ୍ଣାମେଣ୍ଟ । ଆଜି ଏହି ଟୁର୍ଣ୍ଣାମେଣ୍ଟର ଉଦ୍ଘାଟନୀ ମ୍ୟାଚ । ଉଦ୍ଘାଟନୀ ଉତ୍ସବରେ ଖୋର୍ଦ୍ଧା ର ପୂର୍ବତନ ବିଧାୟକ ରାଜେନ୍ଦ୍ର ସାହୁ ଯୋଗ ଦେଇଥିଲେ । ୭ ଦିନ ଧରି ଅନୁଷ୍ଠିତ ହେବ ଏହି ଟୁର୍ଣ୍ଣାମେଣ୍ଟ । ଏଥିରେ ଓଡ଼ିଶାର ବଛା ବଛା ୪ଟି ଟିମ୍ ଏବଂ ଓଡ଼ିଶା ବାହାରର ( କଲିକତା , ବିହାର , ଝାଡ଼ଖଣ୍ଡ , ଛତିଶଗଡ଼ ) ବଛା ବଛା ୪ଟି ମହିଳା ଫୁଟବଲ ଟିମ୍ ଅଂଶ ଗ୍ରହଣ କରୁଛନ୍ତି । ଖୋର୍ଦ୍ଧା ଜିଲ୍ଲାରେ ପ୍ରଥମ କରି ଟାଙ୍ଗୀ ସଦର ମହକୁମାରେ ଅନୁଷ୍ଠିତ ହେଉଛି ଏହି 'ସର୍ବ ଭାରତୀୟ ଟାଙ୍ଗୀ କପ୍ ମହିଳା ଫୁଟବଲ ଟୁର୍ଣ୍ଣାମେଣ୍ଟ' । ଦେବୀ ଦୁର୍ଗା କଲଚ୍ୟୁରାଲ୍ ଆସୋସିଏସନ ପକ୍ଷରୁ ଆୟୋଜିତ କରାଯାଇଛି ଏହି ସର୍ବ ଭାରତୀୟ 'ଟାଙ୍ଗୀ କପ୍' ମହିଳା ଫୁଟବଲ ଟୁର୍ଣ୍ଣାମେଣ୍ଟ । ଆଜିର ଉଦ୍ଘାଟନୀ ମ୍ୟାଚରେ ନିଉ ସିଟି କ୍ଲବ , ବିଡାନାଶି ( କଟକ ) ସହିତ ଓମେନ୍ସ ଫୁଟବଲ କ୍ଲବ ( କେନ୍ଦ୍ରାପଡା ) ମଧ୍ୟରେ ସଂଘର୍ଷପୂର୍ଣ୍ଣ ଖେଳ ଅନୁଷ୍ଠିତ ହେଉଛି , ଚାମ୍ପିୟାନ ପାଇଁ ୨୫ ହଜାର ଟଙ୍କା ସହିତ ଟ୍ରଫି ଏବଂ ରନର୍ସ ଦଳକୁ ୧୫ ହଜାର ଟଙ୍କା ସହିତ ଟ୍ରଫି ବ୍ୟବସ୍ଥା କରାଯାଇଛି ବୋଲି ଆୟୋଜକ କମିଟିର ସଭାପତି ତପନ ମହାନ୍ତି କହିଛନ୍ତି । ଆଜିର ଖେଳ ନିୟୁ ସିଟି କ୍ଲବ ବିଡାନାଶି କଟକ ସହିତ ମହିଳା ଫୁଟବଲ କ୍ଲବ କେନ୍ଦ୍ରାପଡା ମଧ୍ୟରେ ସଂଘର୍ଷପୂର୍ଣ୍ଣ ମ୍ୟାଚ ହୋଇଥିଲା ଏଥିରେ ନିୟୁ ସିଟି କ୍ଲବ ବିଡାନାଶି କଟକ ବିଜୟୀ ହୋଇଛନ୍ତି । ଅତିଥି ଭାବରେ ଆୟୋଜକ କମିଟିର ସଭାପତି ତପନ ମହାନ୍ତି , ପୂର୍ବତନ ବିଧାୟକ (ଖୋର୍ଦ୍ଧା) ରାଜେନ୍ଦ୍ର ସାହୁ , ପୂର୍ବତନ ଜିଲ୍ଲା ପରିଷଦ ଅଧ୍ୟକ୍ଷ (ଖୋର୍ଦ୍ଧା) ରାମଚନ୍ଦ୍ର ମହାପାତ୍ର , ସମାଜସେବୀ ଅଶୋକ କୁମାର ମହାପାତ୍ର , ବ୍ରଜବନ୍ଧୁ ଦାସ , ଟାଙ୍ଗୀ ବ୍ଲକ ଚେୟାରମ୍ୟାନ , ଆଇନଜୀବୀ ବିଶ୍ୱଜିତ ରାଉତରାୟ , ଆୟୋଜକ କମିଟିର ସମ୍ପାଦକ ନିରଞ୍ଜନ ନାୟକ ଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ବିଶେଷ ଯୋଗ ଦେଇ ଖେଳାଳି ମାନଙ୍କୁ ଉତ୍ସାହିତ କରିଥିଲେ ।

## ସାଇଶ୍ରୀ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ
# ରଘୁନାଥପୁର ଦଳ ଚାମ୍ପିଅନ୍



ରଘୁନାଥପୁର (ଭାସ୍କର ନ୍ୟୁଜ): ବିରିଡିବ୍ଲକ ଦଣ୍ଡିଲୋ -ସଢ଼େଇ ଶାସନ ଯୁବକମାନଙ୍କ ଦ୍ୱାରା ଗଢି ଉଠିଥିବା ସାଇଶ୍ରୀ କ୍ଲବ ଆନୁକୂଲ୍ୟରେ ଏକ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହୋଇଯାଇଛି । ଏହି ଟୁର୍ଣ୍ଣାମେଣ୍ଟରେ ମୋଟ ୮ଟି ଦଳ ଅଂଶଗ୍ରହଣ କରିଥିବାବେଳେ ରବିବାର ଏହାର ଫାଇନାଲ ମ୍ୟାଚ ଅନୁଷ୍ଠିତ ହୋଇଥିଲା । ଫାଇନାଲ ମ୍ୟାଚ ରଘୁନାଥପୁର କ୍ରିକେଟ ଦଳ ଓ କଲରାବାଙ୍କ କ୍ରିକେଟ ଦଳ ମଧ୍ୟରେ ଖେଳାଯାଇଥିଲା । ପ୍ରଥମେ ରଘୁନାଥପୁର କ୍ରିକେଟ ଦଳ ଟସ ଜିତି ବ୍ୟାଟିଂ କରି ନିର୍ଦ୍ଧାରିତ ୨୦ ଓଭରରେ ସମସ୍ତ ଉଇକେଟ ହରାଇ ୧୫୭ରନର ବିଶାଳ ସ୍କୋର କରିଥିଲା । ଏହାର ଜବାବରେ କଲରାବାଙ୍କ କ୍ରିକେଟ ଦଳ ସମସ୍ତ ଉଇକେଟ ହରାଇ ମାତ୍ର ୮୦ରନ କରିବାରେ ସମର୍ଥ ହୋଇଥିଲା । ଫଳରେ ଚଳିତବର୍ଷ ସାଇଶ୍ରୀ କ୍ରିକେଟ ଟୁର୍ଣ୍ଣାମେଣ୍ଟ ରେ ରଘୁନାଥପୁର କ୍ରିକେଟ ଦଳ ଚାମ୍ପିଅନ ହୋଇଥିଲା । ଶେଷ ପର୍ଯ୍ୟାୟ ତଥା ପୁରସ୍କାର ବିତରଣ ଉତ୍ସବରେ ବ୍ଲକ ବିଜେଡି ସଭାପତି ରବୀନ୍ଦ୍ର ରାଉଳ, ସ୍ଥାନୀୟ ସରପଞ୍ଚ ଙ୍କ ପ୍ରତିନିଧି ପ୍ରଦୀପ ଭୂୟାଁ, ସୂର୍ଯ୍ୟକାନ୍ତ ମଲ୍ଲିକ ପ୍ରମୁଖ ଅତିଥିଭାବେ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିବାସହ ଚାମ୍ପିଅନ ଦଳ ରଘୁନାଥପୁରକୁ ୧୮ହଜାର ଟଙ୍କା ସହ କପ ପ୍ରଦାନ କରି ପୁରସ୍କୃତ କରିଥିଲେ । ସେହିପରି ରନର୍ସଅପ ଦଳ କଲରାବାଙ୍କକୁ ୧୨ହଜାର ଟଙ୍କା ଓ କପ ଦେଇ ପୁରସ୍କୃତ କରିଥିଲେ ( ଏହି ଟୁର୍ଣ୍ଣାମେଣ୍ଟ କୁ ସାଇଶ୍ରୀ କ୍ଲବର ତପନ ବେହେରା, ସନ୍ଦୀପ ଭୂୟାଁ, ବିଶ୍ୱଜିତ ବେହେରା, ବିଶ୍ୱରଂଜନ ସ୍ୱାଇଁ, ସୌମ୍ୟ ଜିତ ସ୍ୱାଇଁ, ସତ୍ୟପ୍ରକାଶ ଦାସ, ସୁଶାନ୍ତ ନାୟକ, ରାଜକିଶୋର ବେହେରା, ରାଜୁ ସ୍ୱାଇଁ, ପପୁନା ମଲିକ ପ୍ରମୁଖ ପରିଚାଳନା କରିଥିଲେ ।

## ସଦାଶିବ ସ୍ମାରକୀ ମେମୋରିଆଲ କ୍ରିକେଟ୍
# ଏମ୍‌ଏମ୍‌ସିସି ସମ୍ବଲପୁର ସେମିରେ




ଭାପୁର (ଭାସ୍କର ନ୍ୟୁଜ): ନୟାଗଡ ଜିଲ୍ଲା ଭାପୁର ବ୍ଲକ ଫତେଗଡ ଗ୍ରାମର ନାଲିସାଗର ଖେଳ ପଡ଼ିଆରେ ମଙ୍ଗଳବାର ଅନୁଷ୍ଠିତ ସର୍ବ ଭାରତୀୟ ୧୫ ତମ ସଦାଶିବ ସ୍ମାରକୀ ମେମୋରିଆଲ କ୍ରିକେଟ ଟୁର୍ଣ୍ଣାମେଣ୍ଟର ଦ୍ୱିତୀୟ ସେମିଫାଇନାଲ ରେ ରକେଟ ଇଣ୍ଟରନେସନାଲ କରିମ୍ ସ୍ପୋର୍ଟସ ଏକାଡେମୀ,ନାଗପୁର ସହିତ ଏମ୍.ଏମ୍.ସି.ସି. ସମ୍ବଲପୁର ଙ୍କ ମଧ୍ୟରେ ଖେଳ ଅନୁଷ୍ଠିତ ହୋଇଥିଲା । ନାଗପୁର ଟିମ୍ ପ୍ରଥମେ ଟସ୍ ଜିତି ବୋଲିଂ ର ନିଷ୍ପତି ନେଇଥିଲା ଏବଂ ସମ୍ବଲପୁର ଟିମ୍ ବ୍ୟାଟିଂ କରି ନିର୍ଦ୍ଧାରିତ ୧୯.୧ ଓଭର ରେ ସମସ୍ତ ୱିକେଟ ହରାଇ ୧୭୭ ରନ୍ କରିଥିଲା । ଦଳର ପ୍ରମୋଦ ଚାନ୍ଦେଲା ୪୪ ବଲ୍ ରେ ୭୭ ରନ୍ ( ୫ଟି ଚଉକା,୬ ଗୋଟି ଛକା)ସର୍ବାଧିକ ରନ୍ କରିଥିଲେ । ଜବାବରେ, ନାଗପୁର ଟିମ୍ ୧୮.୫ ଓଭରରେ ସମସ୍ତ ୱିକେଟ ହରାଇ ୧୦୨ ରନ୍ ରନରେ ସୀମିତ ରହି ପରାଜିତ ହୋଇଥିଲା ୭୫ ରନ୍ ରେ ଏମ୍.ଏମ୍.ସି.ସି. ସମ୍ବଲପୁର ବିଜୟୀ ହୋଇ ସେମି ଫାଇନାଲ ରେ ପ୍ରବେଶ କରିଛି ।ଆସନ୍ତାକାଲି ଗୁରୁବାର ଦିନ ଗ୍ରୁପ ବି ର ଦ୍ୱିତୀୟ କ୍ୱାଟର ଫାଇନାଲ ରେ ଏ ଏଣ୍ଡ ଏସ କଲକତା ସହିତ ଆଦର୍ଶ କ୍ରିକେଟ କ୍ଲବ୍,ବାଲେଶ୍ୱର ସହିତ ଖେଳ ଅନୁଷ୍ଠିତ ହେବ ।

## ଆଜିଠାରୁ ଅନ୍ତର୍ଜାତୀୟ ବ୍ୟାଡମିଣ୍ଟନ୍ ଟୁର୍ଣ୍ଣାମେଣ୍ଟ

ଭୁବନେଶ୍ୱର(ଭାସ୍କର ନ୍ୟୁଜ): ଗୁରୁବାରଠାରୁ କଟକରେ ଆରମ୍ଭ ହେବାକୁ ଯାଉଛି ଅନ୍ତର୍ଜାତୀୟ ବାଡମିଣ୍ଟନ ଟୁର୍ଣ୍ଣାମେଣ୍ଟ । ଏହି ସୁପର ୧୦୦ ଟୁର୍ଣ୍ଣାମେଣ୍ଟରେ ୨୯ଟି ଦେଶର ପାଖାପାଖି ୩୦୦ରୁ ଉର୍ଦ୍ଧ୍ୱ ଖେଳାଳି ଅଂଶଗ୍ରହଣ କରିବେ ବୋଲି କ୍ରୀଡ଼ା ମନ୍ତ୍ରୀ ସୂଚନା ଦେଇଛନ୍ତି । ବିଡବ୍ଲୁଏଫ ପକ୍ଷରୁ ଆୟୋଜିତ ଏହି ଟୁର୍ଣ୍ଣାମେଣ୍ଟ ଆୟୋଜିତ ହେଉଛି । ଓଡ଼ିଶାରୁ ୭ ଜଣ ଖେଳାଳି ଏଥିରେ ଭାଗ ନେଉଥିବା ବେଳେ ଦେଶ ଓ ବିଦେଶ ବିଶେଷ କରି ଜାପାନ, ଚୀନ, ଡେନମାର୍କର ବାଡମିଣ୍ଟନ ଖେଳାଳି ପ୍ରତିଯୋଗିତାରେ ସାମିଲ ହେବା ନେଇ ମନ୍ତ୍ରୀ ସୂଚନା ଦେଇଛନ୍ତି । ପ୍ରତିଯୋଗିତାରେ ବିଜେତାଙ୍କ ପାଇଁ ମୋଟ ଅର୍ଥ ରାଶି୮୫ ଲକ୍ଷ ଟଙ୍କା ରଖାଯାଇଛି ।

# ସର୍ବଭାରତୀୟ ଗଣ୍ଡରପୁର କପ୍ ଫୁଟବଲ ଟୁର୍ଣ୍ଣାମେଣ୍ଟ



ବାରଙ୍ଗ(ଭାସ୍କର ନ୍ୟୁଜ): ବାରଙ୍ଗ ନିକଟ ବିଜୁପଟ୍ଟନାୟକ ମିନିଷ୍ଟାଡିୟମ ଗଣ୍ଡରପୁର ଖେଳପଡିଆ ଠାରେ ଚାଲିଥିବା ସର୍ବଭାରତୀୟ ଗଣ୍ଡରପୁର କପ ଫୁଟବଲ ଟୁର୍ଣ୍ଣାମେଣ୍ଟରେ ଗ୍ରାମାଞ୍ଚଳ 'ଏ' ଡିଭିଜନର ପ୍ରଥମ ମ୍ୟାଚରେ ବନ ମହାବୀର କ୍ଲବ ଜୟପୁର ୧-୦ ଗୋଲରେ ସାଇଁସକୁ ହରାଇ ୮ମ ପର୍ଯ୍ୟାୟକୁ ପ୍ରବେଶ କରିଥିବା ବେଳେ ଦ୍ୱିତୀୟ ମ୍ୟାଚରେ ଶରଧାପୁର ୧-୦ ଗୋଲରେ ମହାବୀର କ୍ଲବ ନରଣପୁରକୁ ହରାଇ କ୍ୱାର୍ଟର ଫାଇନାଲ ଖେଳିବାର ସୁଯୋଗ ହାସଲ କରିଛି । ସହରାଞ୍ଚଳରେ ସନ୍‌ରାଇଜ୍ କ୍ଲବ୍ ୨-୧ ଗୋଲରେ ସ୍ପୋର୍ଟ୍ସ ହଷ୍ଟେଲକୁ ହରାଇ ଫାଇନାଲରେ ପ୍ରବେଶ କରିଛି । କପୋରେର୍ଟର ମିହିର କୁମାର ରାଉତ, ନିର୍ମଳ ରାଉତ, ବୀରେନ୍ଦ୍ର ଜେନା, ସନ୍ତୋଷ ନାଥ, ସନ୍ତୋଷ ମହାନ୍ତି, ପବିତ୍ର ସ୍ୱାଇଁ, ସୁବାଶ ପାତ୍ର ଯୋଗଦେଇ ଖେଳକୁ ଉଦ୍‌ଘାଟନ କରିଥିଲେ । ସମ୍ମାନୀତ ଅତିଥି ଭାବେ ଗ୍ରାମ୍ୟ କମିଟି ସଭାପତି ଭାସ୍କର ପଢିହାରୀ, କୈଳାଶ ରାଉତ, ନକୁଳ ବେହେରା ପ୍ରମୁଖ ଯୋଗ ଦେଇଥିଲେ । ମ୍ୟାଚ୍‌ଗୁଡିକୁ ରେଫରୀ ସୁଦୀପ୍ତ ଦାସ, ଶିବ ଶଙ୍କର ପଣ୍ଡା, ବ୍ରହ୍ମନନ୍ଦ ଭୋଇ ଓ ଜ୍ୟୋତି ହେମ୍ବ୍ରମ ଖେଳକୁ ପରିଚାଳନା କରିଥିବା ବେଳେ ହାସ୍ୟ ଅଭିନେତା ରଙ୍କନିଧି ରାଉତ ଧାରା ବିବରଣୀ ଦେଇଥିଲେ ।


MANAPPURAM HOME FINANCE LTD.

**ମନପୁରମ୍ ହୋମ୍ ଫାଇନାନ୍ସ ଲିମିଟେଡ୍**
ପୂର୍ବରୁ ମନପୁରମ୍ ହୋମ୍ ଫାଇନାନ୍ସ ପ୍ରାଇଭେଟ୍ ଲିମିଟେଡ୍
ସିଆଇଏନ୍: ୟୁ୬୫୯୨୩କେ୧୨୦୧୦ପିଆଇସି୦୩୯୧୭୯,
ୟୁନିଟ୍ ୩୦୧-୩୧୫, ତୃତୀୟ ମହଲା, ଏୱିଙ୍ଗ୍ କନକିଆ ୱାଲ ଷ୍ଟ୍ରିଟ୍, ଅନ୍ଧେରୀ-କୁର୍ଲା ରୋଡ୍, ଅନ୍ଧେରୀ ଇଷ୍ଟ, ମୁମ୍ବାଇ-୪୦୦୦୯୩,
ଯୋଗାଯୋଗ ନଂ: ୦୨୨-୬୮୧୯୪୦୦୦/୦୨୨-୬୬୨୧୧୦୦୦

**ଡିମାଣ୍ଡ ନୋଟିସ୍**

ଯେହେତୁ ପ୍ରାଧିକୃତ ଅଧିକାରୀ ମନପୁରମ୍ ହୋମ୍ ଫାଇନାନ୍ସ ଲିମିଟେଡ୍ ଯାହାର ରେଜିଷ୍ଟ୍ରର ଅଫିସ ୪/୪୭୦ଏ (ପୁରୁଣା) ଡବ୍ଲୁ୬୩୮ଏ (ନୂଆ) ମନପୁରମ ହାଉସ୍ ଭଲପାର, ତ୍ରିଶୂର, କେରଳ ୬୮୦୫୬୭ ଏବଂ ଯାହାର ଶାଖାଗୁଡ଼ିକ ଭାରତର ବିଭିନ୍ନ ସ୍ଥାନରେ ରହିଛି (ପରବର୍ତ୍ତୀ ପର୍ଯ୍ୟାୟରେ ମାହୋଫିନ୍ ନାମରେ ପରିଚିତ, ଯାହାକି କମ୍ପାନୀ ରେଜିଷ୍ଟ୍ରର ଆଇନ ୧୯୫୬ ଅନୁଯାୟୀ ପଞ୍ଜିକୃତ ଏବଂ ଏକ ଆର୍ଥିକ ଅନୁଷ୍ଠାନ ଯାହା ସିକ୍ୟୁରିଟାଇଜେସନ ଆଣ୍ଡ ରିକନଷ୍ଟ୍ରକ୍‌ସନ ଅଫ୍ ଫାଇନାନ୍ସିଆଲ ଆସେଟ୍ସ ଆଣ୍ଡ ଏନଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ (ଆକ୍ଟ) ୨୦୦୨ର ଉପଧାରା (୧) ଅନୁଯାୟୀ (ପରବର୍ତ୍ତୀ ପର୍ଯ୍ୟାୟରେ ଆଇନଭୁକ୍ତ) ବିଜ୍ଞପ୍ତି ନଂ ଏସଓ୩୪୬୬(ଇ) ତାରିଖ: ୧୮ ଡିସେମ୍ବର ୨୦୧୫, ଯାହାକି ଅର୍ଥ ମନ୍ତ୍ରଣାଳୟ, ନୂଆଦିଲ୍ଲୀଙ୍କ ଦ୍ୱାରା ସ୍ୱୀକୃତିପ୍ରାପ୍ତ । ଏହି ସଂସ୍ଥା ନିର୍ମାଣ କ୍ଷେତ୍ରରେ ଏବଂ ଘର ପର୍ଚେଜ କ୍ଷେତ୍ରରେ କାର୍ଯ୍ୟ କରୁଅଛି । ସେହି ଅନୁଷ୍ଠାନ ପକ୍ଷରୁ କଲମ ୨ରେ ଦିଆଯାଇଥିବା ରଣଗ୍ରହୀତା/ସହଗ୍ରହୀତାଙ୍କୁ ସର୍ଫେସେଇ ଆକ୍ଟ ଅନୁଯାୟୀ ସିକ୍ୟୁଓର୍ଡ କ୍ରେଡିଟର ଭାଗେ ଗ୍ରହଣ କରାଯାଇଛି। କମ୍ପାନୀ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନଫୋର୍ସମେଣ୍ଟ) ଆଇନ ୨୦୦୨ର ରୁଲ୍ ୨ର ଉପଧାରା ୧୩(୨) ଅନୁଯାୟୀ ନିମ୍ନଲିଖିତ ରଣଗ୍ରହୀତା ଏବଂ ସହ ରଣଗ୍ରହୀତାଙ୍କୁ ନୋଟିସ ପାଇବାର ୬୦ଦିନ ମଧ୍ୟରେ ରଣ ପରିଶୋଧ ପାଇଁ ଡିମାଣ୍ଡ ନୋଟିସ କରାଯାଇଥିଲା। ତେବେ ବିଭିନ୍ନ କାରଣରୁ ଏହି ନୋଟିସ୍‌ଗୁଡ଼ିକ ପ୍ରଦାନ କରାଯାଇପାରି ନଥିଲା। ତେଣୁ ଏହି ଉଦ୍ଦେଶ୍ୟରେ ସେହି ରଣଗ୍ରହୀତାଙ୍କୁ ଏହି ନୋଟିସ ମାଧ୍ୟମରେ ରଣ ପରିଶୋଧ ପାଇଁ ପରାମର୍ଶ ଦିଆଯାଇଛି।

| କ୍ର ନଂ | ରଣଗ୍ରହୀତା/ସହ ରଣଗ୍ରହୀତାଙ୍କ ନାମ/ ରଣ ଏକାଉଣ୍ଟ ନଂ/ଶାଖା | ବନ୍ଧକ ରହିଥିବା ସମ୍ପତ୍ତିର ବିବରଣୀ | ଏନ୍‌ପିଏ ତାରିଖ | ନୋଟିସ ପଠାଯିବାର ତାରିଖ ଓ ବକେୟା ପରିମାଣ |
|---|---|---|---|---|
| ୧ | ସଜିମା ଅଖତାରୀ ବିବି/ଗୋପୀ ଶାହା ଏମ୍‌ଏଚ୍‌ଓଏଚ୍‌ଏଲ୍‌ଓଏନ୍‌ଏସ୍୦୦୦୦୫୦୧୦୪୩୧/ କଟକ | ମ୍ୟୁଟେସନ ଆରଓଆର ନଂ ୪୫୭/୩୦୯ ଏବଂ ପ୍ଲଟ୍ ନଂ ୮୪୨, ଏରିଆ ଏ୦.୦୨୦ ଡିସିମିଲ, ବାଜେତଳ ଗ୍ରାମ, ପିଏସ୍-ଭଦ୍ରକ, ନଂ ୧୦୫, ତହସିଲ ଭଦ୍ରକ, ଜିଲ୍ଲା- ଭଦ୍ରକ, ଓଡ଼ିଶା, ପିନ୍-୭୫୬୧୦୦, ପୂର୍ବ: ପ୍ଲଟ୍ ନଂ ୮୧୮, ପଶ୍ଚିମ : ରାସ୍ତା, ଦକ୍ଷିଣ: ପ୍ଲଟ୍ ନଂ ୮୪୦, ଉତ୍ତର: ପ୍ଲଟ୍ ନଂ ୮୪୪। | ୧୫.୧୧.୨୦୨୪ | ୧୯.୧୧.୨୦୨୪ ଏବଂ ଟ. ୩୮୮୬୫୧/- |

ଏତଦ୍ୱାରା ନୋଟିସ ମାଧ୍ୟମରେ ରଣଗ୍ରହୀତା/ସହ ରଣଗ୍ରହୀତାଙ୍କୁ ଏହି ନୋଟିସ ପାଇବାର ୬୦ଦିନ ମଧ୍ୟରେ ରଣ ପରିଶୋଧ କରିବା ପାଇଁ ପରାମର୍ଶ ଦିଆଯାଉଛି। ଯଦି ରଣଗ୍ରହୀତା ଏବଂ ସହ ରଣଗ୍ରହୀତା ସମସ୍ତ ରଣ ଓ ସୁଧ ତଥା ପରବର୍ତ୍ତୀ ସୁଧ ପରିଶୋଧ କରିବାରେ ବିଫଳ ହୁଅନ୍ତି, ତେବେ ମୋହଫିନ୍ ଧାରା ୧୩(୪) ଅନୁଯାୟୀ ଏନଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଅନୁସାରେ ପରବର୍ତ୍ତୀ ପଦକ୍ଷେପ ନେବେ। ତେଣୁ ସମସ୍ତ ରଣ, ସୁଧ ଏବଂ ଅନ୍ୟାନ୍ୟ ସର୍ତ୍ତ ସହ କମ୍ପାନୀ ବନ୍ଧକ ଥିବା ସମ୍ପତ୍ତିକୁ ବିକ୍ରିକରି ବା ନିଲାମ କରି ଆଦାୟ କରିପାରିବ, ଯାହାକି ସର୍ଫେସାଇ ଆକ୍ଟର ଧାରା ୧୩(୮) ଅନୁଯାୟୀ ପ୍ରଯୁଜ୍ୟ।
ସର୍ଫେସାଇ ଆକ୍ଟର ଏସ୍-୧୩ (୧୩) ଅନୁଯାୟୀ ବନ୍ଧକ ଥିବା ସମ୍ପତ୍ତିକୁ କୌଣସି ଉପାୟରେ ବିକ୍ରି, ଲିଜ୍ କିମ୍ବା ଅନ୍ୟ କାର୍ଯ୍ୟରେ ବ୍ୟବହାର କରାଯାଇପାରିବ ନାହିଁ।
ତାରିଖ: ୧୨.୧୨.୨୦୨୪, ସ୍ଥାନ: ଓଡ଼ିଶା — ସ୍ୱା/-ପ୍ରାଧିକୃତ ଅଧିକାରୀ, ମନପୁରମ୍ ହୋମ୍ ଫାଇନାନ୍ସ ଲିମିଟେଡ୍



**e-Procurement Cell**
OFFICE OF THE EXECUTIVE ENGINEER,
SPECIAL WORKS DIVISION, BUILDING CONSTRUCTION DEPARTMENT
Ranchi

**शुद्धि पत्र**

**e-Procurement Tender Reference No:- BCD/EE, Special Works Div, BCD, Ranchi-36/2024-25 Date:- 03.12.24, PR No- 341129 (Building) 24-25*D** Construction of Jharkhand Bhawan at Sector-30A, Vashi, Navi Mumbai, Maharastra कार्य से संबंधित है, के कुछ तिथियों में तकनीकी एवं अपरिहार्य कारणवश संशोधन किया जा रहा है जिसका विवरणी निम्नवत है:–

| क्र0सं0 | मद | पूर्व की तिथि | संशोधित तिथि |
|---|---|---|---|
| 1 | वेबसाईट में निविदा प्रकाशन की तिथि | 11.12.2024 | 14.12.2024 |
| 2 | प्री बीड मिटिंग की तिथि | 16.12.2024 | 19.12.2024 |
| 3 | बिड प्राप्ति के लिए अन्तिम तिथि/समय | 23.12.2024 | 26.12.2024 |
| 4 | निविदा खोलने की तिथि/समय | 24.12.2024 | 27.12.2024 |

शेष सभी शर्ते यथावत रहेंगी।

**Nodal Officer,**
**e-Procurement Cell,Office of the Executive Engineer,**
**Special Works DivisionBuilding Construction Department,,Ranchi .**
PR 341782 (Building)24-25*D



**OFFICE OF THE MEDININAGAR MUNICIPAL CORPORATION**
e-mail :- municipalcouncil.medininagar@gmail.com

**Short Tender Notice e-Procurement Notice**
Tender Reference No.-**UDHD/MMC/18/2024-25** Date :- **11/12/2024**

| | | |
|---|---|---|
| 1 | Name of Work | Construction of Indoor Stadium Complex in ward no. 23 at Medininagar |
| 2 | Estimated Cost (Rs.) | 4,73,77,734/- |
| 3 | Time of Completion | 18 Month |
| 4 | Bid Security* (Rs.) | 4,73,777/- |
| 5 | Cost of Document (Rs) | 10,000/- |
| 6 | Date of Publication of Tender on Website | 13/12/2024 AT 10:00 AM |
| 7 | Date Start Of Submission Of Bids | 13/12/2024 AT 10:00 AM |
| 8 | Pre-bid meeting | 20/12/2024 AT 12: 30 PM |
| 9 | Last Date/Time of Submission of Bids | 27/12/2024 AT 02:00 PM |
| 10 | Date Of Bid Opening | 28/12/2024 AT 02:00 PM |
| 11 | Name & Address Of Office Inviting Tender | e-Procurement Cell Municipal Commissioner –Cum- Administrator Medininagar Municipal Corporation |
| 12 | Contact No. Of Procurement Officer | 9430783582, 8409756635 & 9386849354 |
| 13 | Helpline Number Of E-Procurement Cell | 9430783582, 8409756635 & 9386849354 |

**Note- Cost of Bidding Document (Not Refundable) & Bid Security (Security Deposit) shall be payable online through** http://jharkhandtenders.gov.in **Any change can be seen on Website *http:// jharkhandtenders.gov.in Any other information can be seen on*** http://jharkhandtenders.gov.in

Municipal Commissioner –Cum- Administrator
PR 341748 District(24-25)#D Medininagar Municipal Corporation



**GOVERNMENT OF JHARKHAND**
**NATIONAL HIGHWAY WING**

**OFFICE OF THE EXECUTIVE ENGINEER**
**NATIONAL HIGHWAY DIVISION, DHANBAD- 826001**
**NOTICEINVITING TENDER (NIT)**

**NIT No. NH/Dhanbad/09/2024-2025** **Dated:-10.12.2024**

1. Ministry of Road Transport & Highway (Hereinafter referred to as <Agency> has been assigned the work of development and construction of various stretches and construction of ROBs/Flyovers/bridges on National Highways in the State of Jharkhand through State PWD.
2. Proposals are here by invited from eligible PMC for preparation of Detailed Project Report,Pre construction activity and Project supervision for the package mentioned in table below.
3.

| NH No. | Section | State | Tentative Length (inkm) | Assignment Period (in Months) | Indicative PMC Co s t (inRs.Cr) |
|---|---|---|---|---|---|
| 218 & 19 | Elevated flyover in Dhanbad Town from km-53 (Dhansar) on (NH-218) to Govindpur on NH-19 (Old NH-02) | Jharkhand | 15.00 | 156.00 | 45.00 |

4. The Letter of Invitation (LOI) and Terms of Reference (ToR) including Request for Proposal (RFP) is available online one-tender portal of https://eprocure.gov.in.The document can also be downloaded from <https://morth.nic.in>. Cost of the Document must be furnished in the form of a non-refundable fee (Including GST@ 18%) of INR11,800 (Rupees Eleven Thousand Eight Hundred only) by way of online payment only (payment through other modes shall notbe accepted), through BharatKosh portal www.bharatkosh.gov.in favour of Regional Pay and Account Officer, Ministry of Road Transport & Highways, Kolkata. **(PAO Code:-034756, DDO Code-202122)**.The online payment receipt shall be submitted while submitting the proposal. The application form with out proof of payment of application fee will be rejected without any intimation.
5. **The RFP has also been uploaded on"INFRACON"** ( such before submitting the proposal the PMC shall mandatorily register and enlist themselves (thefirm and all key personnel), on the MoRT&H portal "INFRACON" and furnish along with its RFP. A copy of Infracon Operation Procedure is also enclosed forbidder's reference.
6. **All the bidders registered on Infracon shall form a Team on Infracon and which would be assigned unique Infracon Team ID. Bidders while submitting the proposal shall quote the Infracon Team ID.**
7. Bid must be submitted online at e-tender portal of Ministry of Road Transport and Highways or before 15.02.2025 15:00 PM.
8. **The following schedule is to be followed for this assignment:**
   i) **Dead line for downloading of bid: 30.12.2024,17:00 PM**
   ii) **Last date for submission of queries:07.02.2025,11:00 AM**
   iii) **Pre bid meeting: 07.01.2025,15:00 PM**
   iv) **Dead line for Submission of bids:15.02.2025,15:00 PM**
   v) **Dead line for opening of bids:18.02.2025,15:00 PM**

Yours sincerely,
Executive Engineer
National Highway Division
Dhanbad.

PR 341774 Road(24-25)#D

ଓଡ଼ିଶା ଭାସ୍କର
ODISHA BHASKAR

# ବିବିଧବର୍ଣ୍ଣା





ଆଜିକାଲି ପ୍ରାୟ ହାର୍ଟଆଟାକ୍ ଓ ବ୍ରେନ୍‌ଷ୍ଟ୍ରୋକ୍ ବାଥ୍‌ରୁମ୍‌ରେ ହେବା ଦେଖାଯାଏ। ଏଥିରୁ ରକ୍ଷା ପାଇବା ପାଇଁ ପ୍ରଥମେ ଠିକ୍ ଉପାୟରେ ସ୍ନାନ କରିବା ଦରକାର। ଆଜିକାଲି ଭୁଲ୍ ସ୍ନାନ ପ୍ରଣାଳି ହିଁ ହାର୍ଟଆଟାକ୍ ଓ ବ୍ରେନ୍‌ଷ୍ଟ୍ରୋକର କାରଣ ସାଜିଛି। ସ୍ୱାସ୍ଥ୍ୟ ବିଶେଷଜ୍ଞଙ୍କ ମତରେ ଗାଧୋଇବା ସମୟରେ ସିଧାସଳଖ ମୁଣ୍ଡରେ ପାଣି ଢାଳିବା ଠିକ୍ ନୁହେଁ। ଭାରତରେ ଶହ ଶହ ବର୍ଷ ଧରି ପରମ୍ପରା ରହିଛି ଯେ ପ୍ରଥମେ ପାଦ, ପରେ ଅଣ୍ଟା, ବେକରେ ଏବଂ ଶେଷରେ ମୁଣ୍ଡରେ ପାଣି ଢାଳିବା ଉଚିତ୍। ସମସ୍ତେ ଏହାକୁ ପାଳନ କରିପାରିବେ। ବୈଜ୍ଞାନିକ ଦୃଷ୍ଟିକୋଣରୁ ବୁଝିବାକୁ ଗଲେ, ଥଣ୍ଡା ପାଣି ସିଧାସଳଖ ମୁଣ୍ଡରେ ଢାଳିବା ଦ୍ୱାରା ରକ୍ତ ସଂଚାଳନ ହଠାତ୍ ଡିଷ୍ଟର୍ବ ହୋଇଯାଏ। ଏହାଦ୍ୱାରା ପ୍ରଥମେ କ୍ୟାପିଲାରୀ ଭେନ୍ସ ସଂକୁଚିତ ହୋଇଯାଏ। ତା'ପରେ ହଠାତ୍ ରକ୍ତଚାପ ବଢ଼ିଯାଏ। ଏପରି ଅବସ୍ଥାରେ, ସମଗ୍ର ଶରୀରରୁ ରକ୍ତ ଗୋଡ ଦେଇ ମୁଣ୍ଡ ଆଡକୁ ଯାଏ। ତେଣୁ ରକ୍ତ ଯୋଗାଣ ହ୍ରାସ ହେତୁ ଷ୍ଟ୍ରୋକ୍ ହେବାର ଆଶଙ୍କା ବଢ଼ିଯାଏ। ଏକ ଅଧ୍ୟୟନରୁ ଜଣାପଡିଛି, ଥଣ୍ଡା ପାଣିରେ ଗାଧୋଇବା ଟେଷ୍ଟୋଷ୍ଟେରନ୍ ରିଲିଜ୍ କରିବାରେ ସାହାଯ୍ୟ କରିଥାଏ, ଯାହା ପୁରୁଷମାନଙ୍କ ପ୍ରଜନନ ସ୍ୱାସ୍ଥ୍ୟରେ ଉନ୍ନତି ଆଣିଥାଏ। ଏହା ଫୁସ୍‌ଫୁସ୍ କାର୍ଯ୍ୟରେ ଉନ୍ନତି ଆଣିବାରେ ମଧ୍ୟ ସାହାଯ୍ୟ କରେ। ଶୀତଳ ଜଳ ସ୍ନାନ ଶରୀରର ପ୍ରତିରକ୍ଷା ପ୍ରଣାଳୀ ଏବଂ ଲସିକାକୁ ଉତ୍ସାହିତ କରିଥାଏ, ସଂକ୍ରମଣ ବିରୁଦ୍ଧରେ ଲଢିବା ପାଇଁ କୋଷର ଉତ୍ପାଦନକୁ ବଢାଇଥାଏ। ସେହିପରି ହାଲ୍‌କା ଉଷୁମ ପାଣିରେ ଗାଧୋଇବା ଦ୍ୱାରା ଶରୀରରେ ସୁଗାର ସ୍ତର ହ୍ରାସ କରିବାରେ ସାହାଯ୍ୟ କରିଥାଏ ଏବଂ ମଧୁମେହ ହେବାର ଆଶଙ୍କା କମିଯାଏ।

## ପାଳନ ହେବ ରାଜ କପୁରଙ୍କ ୧୦୦ତମ ଜନ୍ମ ବାର୍ଷିକୀ



# ମୋଦୀଙ୍କୁ ଭେଟିଲେ କପୁର ପରିବାର

ବଲିଉଡର କିମ୍ବଦନ୍ତୀ ଅଭିନେତା ରାଜ କପୁର। ଧୁମ୍‌ଧାମ୍‌ରେ ପାଳନ ହେବ ତାଙ୍କର ୧୦୦ ତମ ଜନ୍ମ ବାର୍ଷିକୀ। ଏ ନେଇ କପୁର ପରିବାର ପୁରା ଦମ୍‌ରେ ଉତ୍ସବର ପ୍ରସ୍ତୁତିରେ ବ୍ୟସ୍ତ ଅଛନ୍ତି। ଡିସେମ୍ବର ୧୪ରେ ଚଳଚ୍ଚିତ୍ର ମହୋତ୍ସବର ଆୟୋଜନ କରାଯାଉଛି। କାର୍ଯ୍ୟକ୍ରମ ପୂର୍ବରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ଭେଟିବା ପାଇଁ ପୁରା କପୁର ପରିବାର ଦିଲ୍ଲୀରେ ପହଞ୍ଚିଥିଲେ। ଏହି ପରିବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ମଧ୍ୟ ନିମନ୍ତ୍ରଣ କରିଛନ୍ତି। ଏହାକୁ ନେଇ ସମଗ୍ର ପରିବାର ସେମାନଙ୍କର ସୋସିଆଲ ମିଡିଆ ପ୍ଲାଟଫର୍ମରେ ଖୁସି ବ୍ୟକ୍ତ କରିଛନ୍ତି। ପ୍ରଧାନମନ୍ତ୍ରୀଙ୍କୁ ଭେଟିବା ପରେ କରୀନା କପୁର ଇନଷ୍ଟାଗ୍ରାମରେ କିଛି ଫଟୋ ଶେୟାର କରିଛନ୍ତି। କରୀନାଙ୍କ ପିଲାମାନଙ୍କ ପାଇଁ ପ୍ରଧାନମନ୍ତ୍ରୀ ଏକ ବିଶେଷ ଉପହାର ମଧ୍ୟ ପଠାଇଛନ୍ତି। କରୀନା କପୁର ତାଙ୍କ ଅଫିସିଆଲ ଇନଷ୍ଟାଗ୍ରାମରେ ପ୍ରଧାନମନ୍ତ୍ରୀଙ୍କୁ ଭେଟିବାକୁ ଆସୁଥିବା କପୁର ପରିବାରର ଏକ ଫଟୋ ଶେୟାର କରି କ୍ୟାପସନରେ ଲେଖିଛନ୍ତି, ଆମ ଜେଜେବାପା ତଥା ମହାନ ଅଭିନେତା ରାଜ କପୁରଙ୍କ ଅସାଧାରଣ ଜୀବନ ତଥା ଉତ୍ତରାଧିକାରୀ ପାଳନ କରିବାକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଆମନ୍ତ୍ରଣ କରି ଆମେ ଗର୍ବିତ ଓ ସମ୍ମାନିତ ଅନୁଭବ କରୁଛନ୍ତି। ଏହି ବିଶେଷ ଅପରାହ୍ନ ପାଇଁ ମୋଦିଜୀଙ୍କୁ ଧନ୍ୟବାଦ। ଆପଣଙ୍କ ଉତ୍ସାହ, ଆଟେନସନ ଏବଂ ସମର୍ଥନ ଆମ ପାଇଁ ବହୁତ କିଛି ଅର୍ଥ ବହନ କରେ। ଯେହେତୁ ଆମେ ଦାଦାଜୀଙ୍କ କଳାତ୍ମକତା ଏବଂ ଭାରତୀୟ ସିନେମାରେ ତାଙ୍କର ଅବଦାନର ୧୦୦ଗୌରବମୟ ବର୍ଷ ପାଳନ କରୁଛୁ। ଆମେ ତାଙ୍କର ଉତ୍ତରାଧିକାରୀଙ୍କୁ ସମ୍ମାନିତ କରୁଛୁ, ଯାହା ଆମକୁ ଏବଂ ଭବିଷ୍ୟତ ପିଢିକୁ ପ୍ରେରଣା ଯୋଗାଇବ। ତାଙ୍କର ଉଜ୍ଜ୍ୱଳ ଚଳଚ୍ଚିତ୍ର ଏବଂ 'ରାଜ କପୁର ୧୦୦ ଚଳଚ୍ଚିତ୍ର ମହୋତ୍ସବ' ସହିତ ଭାରତୀୟ ସିନେମା ଉପରେ ତାଙ୍କର ପ୍ରଭାବ ପାଇଁ ଆମେ ଗର୍ବିତ। ଏହା ସହିତ ଅଭିନେତ୍ରୀ ୧୩-୧୫ ଡିସେମ୍ବର, ୨୦୨୪, ୧୦ଟି ଚଳଚ୍ଚିତ୍ର, ୪୦ଟି ସହର, ୧୩୫ ପ୍ରେକ୍ଷାଳୟ ସହିତ 'ରାଜ କପୁରଙ୍କ ୧୦୦ ବର୍ଷ' ଲେଖିଥିଲେ। କରୀନା ଇନଷ୍ଟାଗ୍ରାମରେ ମୋଦିଙ୍କ ସହ କପୁର ପରିବାରର ଏକ ଫଟୋ ଶେୟାର କରିଛନ୍ତି। ପିଏମ ମୋଦିଙ୍କ ସହ ଶେୟାର କରାଯାଇଥିବା ଫଟୋରେ କରିନା, କରିସ୍ମା କପୁର, ନୀତୁ ସିଂ, ରଣବୀର କପୁର, ଆଲିଆ ଭଟ୍ଟ, ରିଦ୍ଧିମା କପୁର, ଶୈଫ ଅଲି ଖାନ ଏବଂ ଅନ୍ୟ ସଦସ୍ୟଙ୍କ ସହ ନଜର ଆସିଥିଲେ। ଅନ୍ୟ ଏକ ଫଟୋରେ କରୀନା କପୁର ଏବଂ କରିସ୍ମା କପୁର ପ୍ରଧାନମନ୍ତ୍ରୀଙ୍କ ଠାରୁ ଅଟୋଗ୍ରାଫ ନେଉଥିବାର ନଜର ଆସିଥିଲେ। ଅନ୍ୟ ଫଟୋରେ ପିଏମ ମୋଦି ଶୈଫ ଅଲି, ରଣବୀର, ନିତୁ, ଆଲିଆ ଏବଂ କରୀନାଙ୍କ ସହ କଥାବାର୍ତ୍ତା ହୋଇଥିବା ଦେଖିବାକୁ ମିଳିଥିଲା। ରାଜ କପୁରଙ୍କ ୧୦୦ ତମ ଜନ୍ମ ବାର୍ଷିକୀ ଅବସରରେ ତାଙ୍କର ସଫଳ ଏବଂ ଉଜ୍ଜ୍ୱଳ ଚଳଚ୍ଚିତ୍ର ପ୍ରଦର୍ଶିତ ହେବ। ଏହି ଚଳଚ୍ଚିତ୍ରଗୁଡ଼ିକ ଡିସେମ୍ବର ୧୩ରୁ ଡିସେମ୍ବର ୧୫ ପର୍ଯ୍ୟନ୍ତ ଦେଶର ୪୦ଟି ସହର ଏବଂ ୧୩୫ ପ୍ରେକ୍ଷାଳୟରେ ପ୍ରଦର୍ଶିତ ହେବ। ପ୍ରେକ୍ଷାଳୟରେ ଚଳଚ୍ଚିତ୍ର ଟିକେଟର ମୂଲ୍ୟ ୧୦୦ ଟଙ୍କା ହେବ।



# ଚର୍ଚ୍ଚାରେ ୩ ଭାରତୀୟ କଳାକାର

୨୦୨୪ରେ ଗୁଗୁଲରେ ସର୍ବାଧିକ ଖୋଜା ଯାଇଥିବା ସେଲିବ୍ରିଟିଙ୍କ ତାଲିକା ଏବେ ସାମ୍ନାକୁ ଆସିଛି। ଏହି ଟପ୍-୧୦ ତାଲିକାରେ ଅଲ୍ଲୁ ଅର୍ଜୁନ, ଶାହରୁଖ ଖାନ, ସଲମାନ ଖାନ, ଅମିତାଭ ବଚ୍ଚନ, ଏବଂ ଆମୀର ଖାନଙ୍କ ଭଳି କଳାକାର ଶୀର୍ଷରେ ରହିଥିବେ ବୋଲି ଆପଣ ଭାବୁଥିବେ। କିନ୍ତୁ ଏମାନଙ୍କ ମଧ୍ୟରୁ କେହି ବି ଟପ୍-୧୦ରେ ନଥିବା ସାମ୍ନାକୁ ଆସିଛି। ଟପ୍-୧୦ରେ ବଲିଉଡ ବା ଟଲିଉଡର ଆଗ ଧାଡ଼ିର କଳାକାରଙ୍କୁ ଛାଡ଼ି ସାଉଥ୍ ସୁପରଷ୍ଟାର ପବନ କଲ୍ୟାଣ, ଅଭିନେତ୍ରୀ ହିନା ଖାନ୍ ଓ ନିମ୍ରନ କୌର୍ ଥିବା ଜଣାଯାଇଛି। ପ୍ରଥମ ସ୍ଥାନରେ ଆମେରିକାର ଷ୍ଟାଣ୍ଡ ଅପ କମେଡିଆନ୍ କାଟ୍ ୱିଲିୟମସ୍, ଦ୍ୱିତୀୟରେ ପବନ କଲ୍ୟାଣ, ତୃତୀୟରେ ଆଡମ ବ୍ରୋଡି, ଚତୁର୍ଥରେ ଏଲ୍ଲା ପୁର୍ଣ୍ଣେଲ, ପଞ୍ଚମରେ ହିନା ଖାନ୍, ଷଷ୍ଠରେ କିରଣ କଲକିନ୍, ସପ୍ତମରେ ଟେରେନ୍ସ ହୋୱାର୍ଡ ଓ ଅଷ୍ଟମରେ ନିମ୍ରତ କୌର ଥିବା ଜଣାଯାଇଛି। ୩ଜଣ ଭାରତୀୟ ଭାବେ ଟପ୍-୧୦ରେ ସ୍ଥାନ ପାଇବା ପରେ ଏବେ ହିନା, ନିମ୍ରତ ଓ ପବନ ଚର୍ଚ୍ଚାରେ ରହିଛନ୍ତି। ୨୦୨୪ରେ ହିନା ନିଜ ସ୍ତନ କର୍କଟ ବିଷୟରେ ଜଣାଇ ଚର୍ଚ୍ଚାରେ ରହିଥିବା ବେଳେ ନିମ୍ରତଙ୍କ ନାମ ଅଭିଷେକଙ୍କ ସହ ଯୋଡାଯିବା ପରେ ଓ ପବନ କଲ୍ୟାଣ ନିଜ ସଫଳ ରାଜନୈତିକ କ୍ୟାରିୟର ପାଇଁ ଚର୍ଚ୍ଚାକୁ ଆସିଥିଲେ।

# କେଶ ଝଡିବା ନେଇ ଆପଣ ଚିନ୍ତିତ କି?



କେଶ ଝଡ଼ିବାର ମୁଖ୍ୟ କାରଣ ପୋଷଣର ଅଭାବ ବୋଲି ଧରାଯାଉଥିବା ବେଳେ ଆହୁରି ଅନେକ ସମସ୍ୟା ପାଇଁ କେଶ ଝଡ଼ିଥାଏ। ଯଦି ଆପଣ ସବୁ ସମୟରେ ଚିନ୍ତାଗ୍ରସ୍ତ ରହୁଥିବେ, ଥଣ୍ଡା ଲାଗି ରହୁଥିବ, ଶରୀରରେ ଭିଟାମିନ-ବି'ର ଅଭାବ, ରୂପି, ଜଳରେ ପ୍ରଦୂଷଣର ମାତ୍ରା ସହ ଯଦି କେଶ ମୂଳ କୌଣସି କାରଣରୁ ଦୁର୍ବଳ ହୁଏ ତେବେ କେଶ ଝଡ଼ିଥାଏ । କେଶ ଝଡିବା ସମସ୍ୟାରୁ ମୁକ୍ତି ପାଇବା ପାଇଁ କିଛି ଉପାୟ ପ୍ରତି ଧ୍ୟାନ ଦେଲେ ଏହି ସମସ୍ୟା ଦୂର ହୋଇଥାଏ । କେଶ ପାଇଁ ନଡିଆ ତେଲ ଖୁବ ଉପକାରୀ। ନଡିଆ ତେଲକୁ ଅଳ୍ପ ଗରମ କରି କେଶ ମୂଳରେ ମାଲିସ କରନ୍ତୁ। ଏହାଦ୍ୱାରା କେଶ ମୂଳ ମଜଭୂତ ହୋଇଥାଏ। ଏହାସହ ନଡିଆ ରସକୁ କେଶ ମୂଳରେ ଲଗାଇ ପାଖାପାଖି ଗୋଟିଏ ଘଣ୍ଟା ରଖିବା ପରେ ସାମ୍ପୁ କରିଦିଅନ୍ତୁ। ଏହାଦ୍ୱାରା କେଶ ମଜଭୁତ ହେବା ସହ ଲମ୍ବା ହୋଇଥାଏ। ମନ୍ଦାରଫୁଲକୁ ପେଷି ନଡିଆତେଲରେ ମିଶାଇ କେଶରେ ଲଗାନ୍ତୁ। ଘଣ୍ଟାକ ରଖିବା ପରେ କେଶ ସାମ୍ପୁ କରି ଦିଅନ୍ତୁ। ଏହା ରୂପିରୁ ମୁକ୍ତି ଦେଇଥାଏ। ଅଣ୍ଡାରେ ଭରପୁର ମାତ୍ରାରେ ପ୍ରୋଟିନ ସହ ଜିଙ୍କ, ମିନେରାଲନ୍ସ, ସଲଫର ରହିଛି। ଏହା କେଶକୁ ଖୁବ ପୋଷଣ ପ୍ରଦାନ କରିଥାଏ।

# ଶୀତ ସାଜରେ ଉଜ୍ଜ୍ୱଳ ରଙ୍ଗ

**ଶୀତ ପଡ଼ିଲାଣି, ସହଜେ ଶୀତରେ ବିଶେଷକରି ତ୍ୱଚା ଆଉ ଶରୀରର ଗଢ଼ଣ କ୍ଷେତ୍ରଟି ପ୍ରାୟତଃ ଫିକା ପଡ଼ିଯାଏ। କହିବାକୁ ଗଲେ ସମସ୍ତଙ୍କର ଦୃଷ୍ଟି ଆକର୍ଷଣ କରିବାରେ ଲାଲ ଓ କମଳା ଭଳି ଉଜ୍ଜ୍ୱଳ ରଙ୍ଗ ଯଥେଷ୍ଟ ଆଉ ଏହି ଦୁଇରଙ୍ଗର ଯୁଗଳବନ୍ଦୀରେ ଆପଣଙ୍କ ଷ୍ଟାଇଲ ଷ୍ଟେଟମେଣ୍ଟ ଆହୁରି ଝଲସିବା ସହ ଆପଣ ଅନ୍ୟମାନଙ୍କ ସାମ୍ନାରେ ଜଣେ ଦୃଷ୍ଟି ଆକର୍ଷଣକାରୀ ବ୍ୟକ୍ତିତ୍ୱ ପାଲଟିପାରିବେ...**

ଆଇଶ୍ୟାଡ଼ୋ ପ୍ୟାଲେଟରେ ଲାଲ ଓ କମଳା ରଙ୍ଗ ପ୍ରାୟ ନଥିଲା କହିଲେ ଚଳେ। ଲିପଷ୍ଟିକ୍ କ୍ଷେତ୍ରରେ ମଧ୍ୟ କୋରାଲ ଶେଡ଼ର ଭିଡ଼ ମଧ୍ୟରେ ଲାଲ, କମଳା ଦୂରେଇ ରହିଥିଲା। ମାତ୍ର ଏବେ ମେକଅପ ମାନଚିତ୍ରରେ ପୁଣି ଥରେ ଫେରି ଆସିଛି ଏ ଦୁଇ ଉଷ୍ମ ରଙ୍ଗ। ଏହି ଶୀତରେ ଆଖି ଝଲସାଇଲା ଭଳି ଲୁକ ପାଇବାକୁ ହେଲେ ଭରସା କରିପାରିବେ ଲାଲ ଓ କମଳାର ଯୁଗଳବନ୍ଦୀ ଉପରେ।



**ସୂର୍ଯ୍ୟାସ୍ତର ରଙ୍ଗ :** ଆଖିର ଶୋଭା ବଢ଼ାଇବାକୁ ସେଲିବ୍ରେଟିମାନଙ୍କର ବର୍ତ୍ତମାନର ସବୁଠୁ ପସନ୍ଦଯୋଗ୍ୟ ସନସେଟ ଆଇଜ। ଆଖି ପତାରେ ଭଲ କରି କନସିଲାର ଲଗାଇ ନ୍ୟୁଡ଼ ଆଇଶ୍ୟାଡ଼ୋ ଦେଇ ବେସ ତିଆରି କଲାପରେ ସରୁ ବ୍ରଶରେ ଆଇବ୍ରୋ ତଳ ଅଂଶରେ ହାଲୁକା ଅରେଞ୍ଜ ଆଇଶ୍ୟାଡ଼ୋ ଲଗାନ୍ତୁ। ଏହାର ଠିକ ତଳକୁ ଆଖି ପତାର ବାକି ଅଂଶରେ ଲଗାଇ ନିଅନ୍ତୁ ଗାଢ଼ ଲାଲ ଆଇଶ୍ୟାଡ଼ୋ। ଏହା ଉପରେ ଆଖି ପତାର ଠିକ ମଝି ଅଂଶରେ ଅରେଞ୍ଜ ଆଇଶ୍ୟାଡ଼ୋର ସ୍ପର୍ଶ ଦେଇ ବ୍ଲେଣ୍ଡ କରନ୍ତୁ। ଶେଷରେ ଆଖି ପତାର ତଳ କୋଣରୁ ବାହାର ଆଡ଼କୁ ସରୁ ଆଇ ବ୍ରଶରେ ଲଗାଇ ନିଅନ୍ତୁ ସାମାନ୍ୟ ଅରେଞ୍ଜ ଆଇଶ୍ୟାଡ଼େ।

**ଉଷ୍ମତାର ସ୍ପର୍ଶ :** ଲାଲ ଏବଂ କମଳା ସହିତ ଡବଲ ଟୋନ ବ୍ଲଶ ଟ୍ରାଇ କରି ପାରନ୍ତି। ମେକଅପ ବ୍ରଶ ସାହାଯ୍ୟରେ ଚିକବୋନର ତଳ ଅଂଶରେ ହାଲୁକା ବ୍ଲଶର ଲଗାଇ ନିଅନ୍ତୁ। ଚିକବୋନର ଉପର ଅଂଶରେ ରହୁ ହାଲୁକା କମଳା ରଙ୍ଗର ବ୍ଲଶ। ଶେଷରେ ଏହା ଉପର ବ୍ରଶ ବୁଲାଇ ଅତିରିକ୍ତ ବ୍ଲଶ ଝାଡ଼ି ଦିଅନ୍ତୁ।

ଯେହେତୁ ଏହି ବ୍ଲଶର ଖୁବ ଗାଢ଼ ରଙ୍ଗର ତେଣୁ ଏହା ସହିତ ଲିପଷ୍ଟିକର ରଙ୍ଗ ହାଲୁକା ରଖିବାକୁ ହେବ। ମନେ ରଖନ୍ତୁ ମେକଅପରେ ହାଲୁକା ଏବଂ ଗାଢ଼ର କମ୍ବିନେସନ ହିଁ ଅସଲ କଥା।

**ଆଖିର ଚମକ :** ବିବାହ କିମ୍ବା ଅନ୍ୟ କୌଣସି ପାର୍ଟିରେ ଗର୍ଜିଅସ ଲୁକ ପାଇବାକୁ ଚାହୁଁଥିଲେ ଆଖି ଉପରେ ପତାରେ ଆଇବ୍ରଶ ସାହାଯ୍ୟରେ ଟାଙ୍ଗେରାଇନ ଶିମର ଲଗାଇ ନିଅନ୍ତୁ। ଏହାପରେ ଅନଲାଇନର ଏବଂ ମସ୍କରା ଲଗାଇନେଲେ ଲୁକ କମ୍ପ୍ଲିଟ ହୋଇଯିବ।

**ରକ୍ତିମ ଓଠ :** କମଳା ଏବଂ ଲାଲର ଯୁଗଳବନ୍ଦୀରେ ଏଥର ଓଠକୁ କରନ୍ତୁ ଆହୁରି ଆକର୍ଷଣୀୟ। ପ୍ରଥମେ ଉପର ଏବଂ ତଳ ଓଠର ବାହାର ପଟେ ହାଲୁକା ଲାଲ ଲିପଷ୍ଟିକ ଲଗାଇ ନିଅନ୍ତୁ। ଏହାପରେ ଭିତର ଅଂଶଟିରେ ଟାଙ୍ଗେରାଇନ କିମ୍ବା ଅରେଞ୍ଜ ଲିପଷ୍ଟିକ ଆପ୍ଲାଏ କରନ୍ତୁ। ମ୍ୟାଟ ଲିପଷ୍ଟିକ ହୋଇଥିଲେ ଆହୁରି ସୁନ୍ଦର ଲାଗିବ।



**ମନେରଖନ୍ତୁ :** ଲାଲ ଓ କମଳା ଦୁଇଟି ଯାକ ଅତ୍ୟନ୍ତ ଉଜ୍ଜ୍ୱଳ ରଙ୍ଗ। ପୁରା ଲୁକ ଡମିନେଟ କରିଥାଏ ଏହି ଦୁଇ ରଙ୍ଗ। ତେଣୁ ଟିକେ ଧ୍ୟାନରେ ରଖି ପୋଷାକର ରଙ୍ଗ ବାଛିବାକୁ ହେବ। ଧଳା ପୋଷାକ ସହିତ ଏହି ଦୁଇ ରଙ୍ଗର କମ୍ବିନେସନ ଭଲ ମାନିବ। ଠିକ ଭାବେ କ୍ୟାରି କରିପାରିଲେ ଲାଲ ବା କମଳା ପୋଷାକ ସହିତ ମଧ୍ୟ ସମାନ ରଙ୍ଗର ଲିପଷ୍ଟିକ, ଆଇଶ୍ୟାଡ଼ୋ ମାନିବ।



# 'ବ୍ଲୁଟୁଥ୍' ନାଁ ପଛର ରହସ୍ୟ

ବ୍ଲୁଟୁଥ୍ ଏକ ୱେରଲେସ୍ ଟେକ୍ନୋଲୋଜି। ଯାହାକି ସାରା ପୃଥିବୀରେ ବେଶ ଲୋକପ୍ରିୟ। ତେବେ ଜାଣନ୍ତିକି କମ୍ ରେଞ୍ଜରେ ଥିବା ଡିଭାଇସକୁ ଯୋଡ଼ିବା ଲାଗି ବ୍ୟବହାର କରାଯାଉଥିବା ଏହି ଟେକ୍ନୋଲୋଜିର ନାମ ବ୍ଲୁଟୁଥ କାହିଁକି ହେଲା ? ଜାଣନ୍ତୁ ସେ ସମ୍ପର୍କରେ। ଦେଖିବାକୁ ଗଲେ ବ୍ଲୁଟୁଥର ଆକ୍ଷରିକ ଅର୍ଥ ହେଉଛି 'ନୀଳ ଦାନ୍ତ'। ଆଉ ଜାଣି ଆଶ୍ଚର୍ଯ୍ୟ ହେବେ ଯେ, ଏହି ନୀଳ ଦାନ୍ତ ଅଧାରାରେ ହିଁ ଏହି ଟେକ୍ନୋଲୋଜିର ନାମ ବ୍ଲୁ-ଟୁଥ୍ କରାଯାଇଛି। ଏହା ପଛରେ ଅଛି ଏକ ମଜାଦାର କଥା। ଡେନମାର୍କ ଓ ନରୱେରେ ଦଶମ ଶତାବ୍ଦୀ ବେଳକୁ ହେରାଲ୍ଡ ଗୋର୍ମସନ ନାମକ ଜଣେ ରାଜା ଥିଲେ। ଯଦିଓ ତାଙ୍କର ଏହି ଆଧୁନିକ ଟେକ୍ନୋଲୋଜି ସହ କିଛି ବି ସମ୍ପର୍କ ନାହିଁ। ତଥାପି ତାଙ୍କ ନାମାନୁସାରେ ହିଁ ବ୍ଲୁଟୁଥର ନାମକରଣ ହୋଇଛି। ସାରା ପୃଥିବୀରେ ବ୍ୟବହାର କରାଯାଉଥିବା ଏହି ଟେକ୍ନୋଲୋଜି ପ୍ରାୟ ୨୮ ବର୍ଷ ପୂର୍ବେ ଆରମ୍ଭ ହୋଇଥିଲା। ୧୯୯୬ରେ ଯେବେ ଇନହେଲା ଏରିକ୍ସନ ଓ ନୋକିଆ ମିଶି ବ୍ଲୁଟୁଥ ଆବିଷ୍କାର କରିଥିଲେ ସେତେବେଳେ ଏହାର ନାମ ଅଫିସିଆଲି ବ୍ଲୁଟୁଥ ରଖାଯାଇନଥିଲା। ବରଂ ଏହାର ନାମ ଇଥରରେଡ଼ିଓ ୱାୟର ଅବା ପର୍ସନାଲ ଏରିଆ ନେଟୱର୍କିଂ ରଖାଯିବାର ଥିଲା। ବ୍ଲୁଟୁଥ ଆବିଷ୍କାର କରିଥିବା ଟିମର ସଦସ୍ୟ ଜିମ କାରଦାକ କିନ୍ତୁ ଏହାର ନାମ ବ୍ଲୁଟୁଥ ରଖିବାକୁ ପରାମର୍ଶ ଦେଇଥିଲେ। ତାଙ୍କ କହିବାନୁଯାୟୀ ଥରେ ସେ ଇତିହାସ ବହି ପଢୁଥିଲେ। ସେହି ବହିର ଏକ ଚରିତ୍ର ତାଙ୍କୁ ବହୁତ ପ୍ରେରଣାଦାୟକ ଲାଗିଥିଲା। ସେହି ଚରିତ୍ରଟି ଥିଲେ ଦଶମ ଶତାବ୍ଦୀର ଡେନମାର୍କର ରାଜା ହେରାଲ୍ଡ ବ୍ଲୁଟୁଥ ଗୋର୍ମସନ। ଏହି ରାଜା ସ୍କାଣ୍ଡିନାଭିଆନ ରାଜ୍ୟ ଗୁଡ଼ିକୁ ଯୋଡ଼ି ବା ଲାଗି ବେଶ ପ୍ରସିଦ୍ଧ ଥିଲେ। କାରଣ ସେ ଡେନମାର୍କର ପଡ଼ୋଶୀ ରାଜ୍ୟ ଗୁଡ଼ିକୁ ଯୋଡ଼ି ଗୋଟିଏ ରାଜ୍ୟରେ ଏକତ୍ରିତ କରିଥିଲେ। ବ୍ଲୁଟୁଥ ବି ବଭିନ୍ନ ଡିଭାଇସକୁ କନେକ୍ଟ କରିଥାଏ। ତେଣୁ ଏହି ଡିଭାଇସର ନାମକରଣ ତାଙ୍କ ନାମାନୁସାରେ ହେଉ ବୋଲି ଜିମ କାରଦାକ ପରାମର୍ଶ ଦେଇଥିଲେ। ଏହାବାଦ୍ କିଙ୍ଗ ହେରାଲ୍ଡଙ୍କର ଏକ ଦାନ୍ତ ନଷ୍ଟ ହୋଇ ନୀଳରଙ୍ଗର ହୋଇଯାଇଥିଲା। ସେଥିପାଇଁ ତାଙ୍କର ଉପନାମ ବ୍ଲୁଟୁଥ ଥିଲା। ଆଉ ଏହି ଉପନାମାନୁସାରେ ହିଁ ଏହି ଡିଭାଇସର ନାମ ବ୍ଲୁଟୁଥ ରଖାଗଲା।




Printed, Published & Owned by **Madhu Mohanty.** Published from and printed at Tilak Raj Publications (P) Ltd., Zone-D-2/18, Sector-A, Mancheswar Industrial Estate, Bhubaneswar-751010, Fax: 2587803,2580150 Phone: 2587802, 2580234(PBX), E-mail: odishabhaskar@yahoo.com, bhaskarfoto@gmail.com, odishabhaskaradvt@gmail.com
ମୁଖ୍ୟ ସମ୍ପାଦକ: ପ୍ରଦୋଷ ପଟ୍ଟନାୟକ
Chief Editor: Pradosh Pattanaik



# ଆମ କଳାହାଣ୍ଡି





# ଆଦର୍ଶ ପଞ୍ଚାୟତରେ ମୋବାଇଲ ଟାୱାର ସାତସପନ



ଥୁଆମୂଳ ରାମପୁର, (ଭାସ୍କର ନ୍ୟୁଜ): ଡିଜିଟାଲ ଇଣ୍ଡିଆରେ ଆଜିର ବିକଳ ଚିତ୍ର । କଳାହାଣ୍ଡି ଜିଲ୍ଲା ଥୁଆମୂଳ ରାମପୁର ବ୍ଲକର ଆଦର୍ଶ ଗ୍ରାମପଞ୍ଚାୟତ ସିନ୍ଧିପଦର ଅଞ୍ଚଳରେ ମୋବାଇଲ ଟାୱାର ନାହିଁ । ଫଳରେ କିଏ ଗଛ ଚଢୁଛି ତ କିଏ ପାହାଡ଼ ଉପରେ ଚଢୁଛି ନେଟୱର୍କ ଖୋଜୁଛନ୍ତି, କେବଳ ଟିକିଏ ନେଟୱର୍କ ସଙ୍କେତ ପାଇଗଲେ କଥା ହେବେ । କଳାହାଣ୍ଡି ଜିଲ୍ଲା ଅଧ୍ୟୁଷିତ ବନ ପାହାଡ଼ ଘେରା ଦୁର୍ଗମ ଥୁଆମୂଳ ରାମପୁର ବ୍ଲକର ବିଭିନ୍ନ ଅଞ୍ଚଳରେ ଏଭଳି ଅସୁବିଧା ଭୋଗୁଥିବା ଦେଖିବାକୁ ମିଳିଛି । ବିଶେଷ କରି ଅସୁବିଧା ଭୋଗୁଛନ୍ତି ସିନ୍ଧିପଦର ଗ୍ରାମପଞ୍ଚାୟତର ନିଚେମାସ୍କା, ଅଲୁଆଗୁଡ଼ା, କନ୍ଦାଝାପୀ, ପଲ୍ୱାପଡ଼ା, ସମାପଲା, କାଞ୍ଜିଗୁଡ଼ା, କନ୍ଦାଗୁଡ଼ା, କେନ୍ଦୁଗୁଡ଼ା ଭଳି ୮ରୁ ଉର୍ଦ୍ଧ୍ୱ ଗାଁରେ ଏହି ସମସ୍ୟା ଦେଖାଦେଇଛି । ଏହି ଗାଁଗୁଡିକରେ ପାଖାପାଖି ଏକ ହଜାରରୁ ୧୮ଶହ ହେବ ଲୋକେ ମୋବାଇଲ ବ୍ୟବହାର କରୁଥିବା ବେଳେ ମୋବାଇଲ ଟାୱାର ସେବା ନାହିଁ । ଥୁଆମୂଳ ରାମପୁର ବ୍ଲକର ଏହି ସବୁ ଗାଁ ଚାରିପାଖେ ଘେରି ରହିଛି । ପାହାଡ଼ ପର୍ବତ ଘେରାରେ ଅଞ୍ଚଳରେ ମୋବାଇଲ ଟାୱାର ସୁବିଧା ନଥିବା ଯୋଗୁ ପଞ୍ଚାୟତବାସୀ ନାହିଁ ନଥିବା ଅସୁବିଧା ଭୋଗୁଛନ୍ତି । ସେହିପରି ଟାୱାର ସେବା ନଥିବାରୁ ଡାକ ଘର କାମ, ମୋ ବ୍ୟାଙ୍କ କିମ୍ବା ଜନସେବା କେନ୍ଦ୍ର ସମ୍ପୂର୍ଣ୍ଣ ଭାବରେ ଠପ୍ ହୋଇଯାଇଛି । ଯାହାଫଳରେ ଲୋକାଭିମୁଖ ସୁଭଦ୍ରା ଯୋଜନାରେ ଆବେଦନ କରିବାରୁ ଅନେକ ଲୋକ ବଞ୍ଚିତ ଅଛନ୍ତି । ଆଜିର ଦିନରେ ମୋବାଇଲ ଏକ ଅତ୍ୟାବଶ୍ୟକତା ସାମଗ୍ରୀରେ ଭାବରେ ପରିଣତ ହୋଇଯାଇଛି । ମୋବାଇଲ ଟାୱାର ନଥିବା ଯୋଗୁ ଏହି ଅଞ୍ଚଳର ଲୋକମାନେ ସରକାରୀ ବିଭିନ୍ନ ଯୋଜନା ବିଷୟରେ ଜାଣିବାରୁ ବଞ୍ଚିତ ହେଉଛନ୍ତି । ଏହାବ୍ୟତୀତ ନେଟୱର୍କ ନଥିବା ଯୋଗୁ ଛାତ୍ରୀଛାତ୍ରମାନେ ଇଣ୍ଟରନେଟ୍‌ରୁ ଜ୍ଞାନ ଅର୍ଜନ କରି ପାରୁଛନ୍ତି ନା ଆପତ୍ତକାଳୀନ ସେବା ପାଇଁ ଲୋକଙ୍କ ସହିତ ଫୋନ ଯୋଗାଯୋଗ କରିପାରୁଛନ୍ତି । ଏଭଳି କି ହାତରେ ମୋବାଇଲ ଧରି ଲୋକେ ପାହାଡ଼ କିମ୍ବା ଗଛ ଉପରେ ଚଢ଼ିଲେ ଯାଇ ସମ୍ପର୍କୀୟମାନଙ୍କ ସହ କଥାବାର୍ତ୍ତା ହେଉଛନ୍ତି। ଏହାଛଡ଼ା ଉଚ୍ଚ ସ୍ଥାନରେ ବସିଲେ ପିଲାମାନେ ୟୁଟ୍ୟୁବ କି ଅନ୍ୟ କୌଣସି ସାଇଟ ଖୋଲି ଜ୍ଞାନ ଆହରଣ କରିପାରୁଛନ୍ତି । ବର୍ତ୍ତମାନ ସମୟରେ କେନ୍ଦ୍ର ସରକାର ସର୍ବତ୍ର ୫ ଜି ମୋବାଇଲ ସେବା ଯୋଗାଇ ଦେଇଥିବା କଥା କହୁଛନ୍ତି । ହେଲେ ତାହା ଏହି ଦୁର୍ଗମ ଅଞ୍ଚଳରେ ସମ୍ପୂର୍ଣ୍ଣ ଫେଲ୍ ମାରିଛି । ଏବେ ବି ଏମିତି ଗାଁ ଦେଖିଲେ ଆଶ୍ଚର୍ଯ୍ୟ ଲାଗେ ଯେଉଁଠି ଟିକେ କଥା ହେବା ପାଇଁ ପାହାଡ଼ ଚଢୁଛନ୍ତି । ଏହି ସବୁ ଗାଁରେ ପ୍ରାୟ ୨୫୦୦ ରୁ ୩୦୦୦ ହଜାର ଲୋକ ବାସବାସ କରିଆସୁଛନ୍ତି । ହେଲେ ମୋବାଇଲ ନେଟୱର୍କ ନଥିବା ଯୋଗୁ ଲୋକ ବିଭିନ୍ନ ସମସ୍ୟାର ସମ୍ମୁଖୀନ ହେଉଥିବା ଲୋକେ ପ୍ରକାଶ କରିଛନ୍ତି । ଗୁରୁତର ରୋଗୀଙ୍କୁ ଡାକ୍ତରଖାନା ନେବାକୁ ଆମ୍ବୁଲାନ୍ସ ଡାକି ପାରୁ ନାହାନ୍ତି କି ନିଆଁ ଲାଗିଲେ ଦମକଳ କେନ୍ଦ୍ରକୁ ଫୋନ ମଧ୍ୟ କରି ପାରୁ ନାହାନ୍ତି । ଏହାକୁ ଦୃଷ୍ଟିରେ ରଖି ଡବଲ ଇଞ୍ଜିନ ସରକାର ତୁରନ୍ତ ସିନ୍ଧିପଦର ଅଞ୍ଚଳରେ ମୋବାଇଲ ଟାୱାର ସ୍ଥାପନର ବ୍ୟବସ୍ଥା କରନ୍ତୁ ବୋଲି ସିନ୍ଧିପଦର ସରପଞ୍ଚ ଗୀତାଞ୍ଜଳି ମାଝୀ ଦାବି କରିବା ସହ ଦୃଷ୍ଟି ଆକର୍ଷଣ କରିଥିବା ଜଣାପଡିଛି । ତେବେ ଡବଲ ଇଞ୍ଜିନ ସରକାର ନିଶ୍ଚୟ ଭାବରେ ଏହାର ସମାଧାନ ଦିଗରେ ଆଗେଇ ଆସିବେ ବୋଲି ବୁଦ୍ଧିଜୀବୀ ମହଲରେ ଆଲୋଚନା ହେଉଛି ।

# ସତ୍‌ସଙ୍ଗ ମାର୍ଗ ଉଦ୍‌ଘାଟିତ



ଧର୍ମଗଡ଼, (ଭାସ୍କର ନ୍ୟୁଜ): ଗୁରୁବାର ଧର୍ମଗଡ଼ ସ୍ଥିତ ଠାକୁର ଶ୍ରୀଶ୍ରୀ ଅନୁକୂଳଙ୍କ ସତ୍‌ସଙ୍ଗ ବିହାର ଶ୍ରୀମନ୍ଦିର ଶୁଭ ଉଦ୍‌ବୋଧନ କାର୍ଯ୍ୟକ୍ରମ ପରମ ପୂଜ୍ୟପାଦ ଶ୍ରୀଶ୍ରୀ ଆଚାର୍ଯ୍ୟଦେବଙ୍କ କରକମଳରେ ଅନୁଷ୍ଠିତ ହେବ । କାର୍ଯ୍ୟକ୍ରମରେ ବେଦ ମାଙ୍ଗଳିକ, ଉଷା କୀର୍ତ୍ତନ, ଉଷା ବିନତୀ ପ୍ରାର୍ଥନା କାର୍ଯ୍ୟକ୍ରମ ସହ ଦିବସ ବ୍ୟାପୀ ଦୀକ୍ଷାପତ୍ର କାର୍ଯ୍ୟ, ଦୀକ୍ଷାଦାନ କାର୍ଯ୍ୟ, ଚିକିତ୍ସା ଶିବିର ଏବଂ ପ୍ରସାଦ ସେବନ ଚାଲୁ ରହିବ । ଏହି ଅବସରରେ ଧର୍ମଗଡ଼ ତିନିଛକଠାରୁ ଠାକୁର ଶ୍ରୀଶ୍ରୀ ଅନୁକୂଳଙ୍କ ସତ୍‌ସଙ୍ଗ ବିହାର ଶ୍ରୀମନ୍ଦିର ରାସ୍ତାକୁ 'ସତ୍‌ସଙ୍ଗ ମାର୍ଗ' ଭାବେ ନାମିତ କରାଯାଇଛି । ଧର୍ମଗଡ଼ ଏନ୍‌ଏସି ଅଧ୍ୟକ୍ଷ ଅଶୋକ କୁମାର ମହାନ୍ତି ଓ ଚେମ୍ବର ଅଫ୍ କମର୍ସ ସଭାପତି ବିଦ୍ୟାଧର ସାହୁ, ସାମ୍ବାଦିକ ବୈଦ୍ୟନାଥ ବେହେରା ଯୋଗଦେଇ ଆନୁଷ୍ଠାନିକ ଭାବେ ସତ୍‌ସଙ୍ଗ ମାର୍ଗକୁ ଉଦ୍‌ଘାଟନ କରିଥିଲେ । ଉକ୍ତ କାର୍ଯ୍ୟକ୍ରମରେ ଗୁରୁ ଭ୍ରାତା ଈଶ୍ୱର ଚନ୍ଦ୍ର ବେହେରା, ରାଧା ମୋହନ ପାତ୍ର, ଲୋକନାଥ ବେହେରା, ଅଲେଖ ମହାରଣା, ଚନ୍ଦ୍ରଧ୍ୱଜ ସାହୁ, ବିରଞ୍ଚି ନାରାୟଣ ସାହୁ, ସୁନ୍ଦର ଲାଲ ଅଗ୍ରୱାଲ, ଭୁବନେଶ୍ୱର ସାହୁ, ଭୀମ ସେନ ଅଗ୍ରୱାଲ ତଥା ମହିଳା ମଣ୍ଡଳୀର ଅନିତା ପଣ୍ଡା, ପଙ୍କଜିନି ସାହୁ, ଅନିଶା ପଣ୍ଡା, ରାଜ ଲକ୍ଷ୍ମୀ ନନ୍ଦ, ମିନତୀ ବେହେରା, ହିରାମଣି ପୁରୋହିତ,ବ୍ରଜେଶ୍ୱରି ପ୍ରହରାଜ, ସୁଚିସ୍ମିତା ମୁଣ୍ଡ, ବବିତା ମୁଣ୍ଡ ପ୍ରମୁଖ ଉପସ୍ଥିତ ଥିଲେ।

# ଧାନ ଉପମଣ୍ଡି ଉଦ୍‌ଘାଟିତ



ନର୍ଲା, (ଭାସ୍କର ନ୍ୟୁଜ): କଳାହାଣ୍ଡି ଜିଲ୍ଲା ଭାନପୁର ପ୍ରାଥମିକ କୃଷି ସମବାୟ ସମିତି ଅଧୀନ ଭୀମକେଲା ଗ୍ରାମରେ ଏକ ଧାନ ଉପମଣ୍ଡିର ଉଦ୍‌ଘାଟନ ହୋଇଯାଇଛି । ଏହି ଧାନ ଉପମଣ୍ଡିକୁ ସ୍ଥାନୀୟ ସରପଞ୍ଚ ଜାନକୀ ଗଉଡ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ଉଦ୍‌ଘାଟନ କରିଥିଲେ । ଏହି କାର୍ଯ୍ୟକ୍ରମରେ ଗ୍ରାମ୍ୟ କୃଷି କର୍ମଚାରୀ ଚଞ୍ଚଳା ସାହୁ, ଭାନପୁର ସମବାୟ ସମିତି କାର୍ଯ୍ୟନିର୍ବାହୀ ସୁଧିର ନାଏକ, ଚାଷୀ ପ୍ରଦୀପ ନାଏକ, ବିଶ୍ୱ ରଞ୍ଜନ ଭୋଇ, ବିରେନ୍ଦ୍ର ରଣା, କୈଳାସ ଚନ୍ଦ୍ର ଭୋଇ, ଶରତ ନାଏକ, ସଦା ବାଗ, ଭୁପିନ ରଣା, ଡିଙ୍ଗର କରୁଆଁ, ପାର୍ଥ ସାହୁ, ଜିତେନ୍ଦ୍ର ଭୋଇ ପ୍ରମୁଖ ଉପସ୍ଥିତ ଥିଲେ । ସରକାରଙ୍କ ଗାଇଡଲାଇନକୁ ଆଖି ଆଗରେ ରଖି ଧାନ ସଂଗ୍ରହ ହେବ ବୋଲି ଭାନପୁର ପ୍ରାଥମିକ ସମିତି କାର୍ଯ୍ୟ ନିର୍ବାହୀ ଶ୍ରୀ ନାଏକ ଏଠାରେ ପ୍ରକାଶ କରିଥିଲେ ।

# ଏସ୍‌ଏସ୍‌ଡି ବିଦ୍ୟାଳୟରେ କାଉନସେଲିଂ କାର୍ଯ୍ୟକ୍ରମ




ଭବାନୀପାଟଣା, (ଭାସ୍କର ନ୍ୟୁଜ): କଳାହାଣ୍ଡି ଫୋରମ୍ ଫର୍ ସୋସିଆଲ ଟ୍ରାନ୍ସଫରେସନ ତରଫରୁ ଥୁଆମୂଳ ରାମପୁର ବ୍ଲକ ଅନ୍ତର୍ଗତ ଗୋପାଳପୁର ଠାରେ ଥିବା ରାଜ୍ୟ ଏସ୍‌ଏସ୍‌ଡି ବିଭାଗ ପରିଚାଳିତ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟଠାରେ ଏକ କ୍ୟାରିଅର କାଉନସେଲିଂ ପ୍ରୋଗ୍ରାମ ଅନୁଷ୍ଠିତ ହୋଇଥିଲା । ଏଥିରେ ଦଶମ ଶ୍ରେଣୀ ଓ ଦ୍ୱାଦଶ ଶ୍ରେଣୀର ଛାତ୍ରଛାତ୍ରୀଙ୍କୁ ନିଜର ଦକ୍ଷତା ଆଗ୍ରହ ଅନୁସାରେ ନିଜର ବୃତ୍ତି ଚୟନ କରିବାକୁ ପରାମର୍ଶ ଦିଆଯାଇଥିଲା । ଉପସ୍ଥିତ ବକ୍ତାମାନେ ପୁଙ୍ଖାନୁପୁଙ୍ଖ ଭାବରେ ଶିକ୍ଷାଗତ ଯୋଗ୍ୟତା ତଥା ନିଜର ରୁଚି ଓ ଦକ୍ଷତା ଅନୁସାରେ ନିଜପାଇଁ ବୃତ୍ତି ଚୟନ ଚୟନ କରିବା ପାଇଁ ଉପସ୍ଥିତ ଛାତ୍ରଛାତ୍ରୀଙ୍କୁ ପରାମର୍ଶ ଦେବାସହ ବୃତ୍ତିଗତ ଶିକ୍ଷା ଚୟନ ପାଇଁ ବର୍ତ୍ତମାନ ହିଁ ତୁମର ପ୍ରକୃଷ୍ଟ ସମୟ ବୋଲି ପରାମର୍ଶ ଦେଇଥିଲେ । ଫୋରମର ସଭାପତି ଅବସରପ୍ରାପ୍ତ ଜେଲ ଅଧିକ୍ଷକଙ୍କ ନେତୃତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଅତିରିକ୍ତ କମିଶନର ବନ୍ଦୋବସ୍ତ ବିଭାଗ, ଅବସରପ୍ରାପ୍ତ ବ୍ୟାଙ୍କ ଅଧିକାରୀ, ସହାୟକ ଅଡିଟର ଜେନେରାଲ୍ କୋଅପେରେଟିଭ ବିଭାଗ ପ୍ରମୁଖ ଛାତ୍ରଛାତ୍ରୀମାନଙ୍କୁ ଠିକ୍ ସମୟରେ ଉପଯୁକ୍ତ ନିଷ୍ପତ୍ତି ନେବା ପାଇଁ ତଥା ଭଲ ଭାବରେ ପାଠ ପଢି ସମାଜରେ ଜଣେ ଜଣେ ପ୍ରତିଷ୍ଠିତ ବ୍ୟକ୍ତି ହେବା ପାଇଁ ପରାମର୍ଶ ଦେଇଥିଲେ । ବିଦ୍ୟାଳୟର ପ୍ରଧାନଶିକ୍ଷକ ଭରତ ନାଏକ କାର୍ଯ୍ୟକ୍ରମରେ ସଭାପତିତ୍ୱ କରିଥିଲେ ଏବଂ ବିଦ୍ୟାଳୟର ଅନ୍ୟାନ୍ୟ ଶିକ୍ଷକ-ଶିକ୍ଷୟିତ୍ରୀ ପରିଚାଳନାରେ ସହଯୋଗ କରିଥିଲେ।

# ଜିଲ୍ଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି



ଗୋଲାମୁଣ୍ଡା, (ଭାସ୍କର ନ୍ୟୁଜ): କଳାହାଣ୍ଡି ଜିଲ୍ଲା ଗୋଲାମୁଣ୍ଡା ବ୍ଲକ ସଭାଗୃହରେ ଜିଲ୍ଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି । ଏହି ଅଭିଯୋଗ ଶୁଣାଣି ଶିବିରରେ ସମୁଦାୟ ୯୯ ଗୋଟି ଅଭିଯୋଗ ଗ୍ରହଣ କରାଯାଇଥିଲା । ସେଥିମଧ୍ୟରୁ ୧୫ଗୋଟି ସମସ୍ୟାର ତୁରନ୍ତ ସମାଧାନ ହୋଇଥିବା ନେଇ ଗୋଲାମୁଣ୍ଡା ଗୋଷ୍ଠୀ ଉନ୍ନୟନ ଅଧିକାରୀ ଶ୍ରୀଧର ପଣ୍ଡା ସୂଚନା ଦେଇଛନ୍ତି । ଏହି କାର୍ଯ୍ୟକ୍ରମରେ କଳାହାଣ୍ଡି ଜିଲ୍ଲାପାଳ ସଚିନ ପାୱାର, ସିଡିଓ ଦୟାମୟ ପାଢ଼ୀ, ଧର୍ମଗଡ଼ ଉପଜିଲ୍ଲାପାଳ ଧିମାନ ଚକମା, ବ୍ଲକ ଅଧ୍ୟକ୍ଷ ବିନ୍ଦୁ ମହାନନ୍ଦ, ତହସିଲଦାର ଚନ୍ଦନ ନାୟକଙ୍କ ସମେତ ଜିଲ୍ଲାର ବିଭିନ୍ନ ବିଭାଗର ଅଧିକାରୀମାନେ ଉପସ୍ଥିତ ରହି ସିଧାସଳଖ ଭାବେ ଜନସାଧାରଣଙ୍କ ଦୁଃଖ ଶୁଣିବା ସହିତ ଅଭିଯୋଗ ଗ୍ରହଣ କରିଛନ୍ତି । ପଞ୍ଜିକୃତ ହୋଇଥିବା ଅଭିଯୋଗଗୁଡ଼ିକର ସମାଧାନ ଯଥାଶୀଘ୍ର କରାଯିବାକୁ ପ୍ରତିଶ୍ରୁତି ଦିଆଯାଇଥିବା ନେଇ ସ୍ଥାନୀୟ ପ୍ରଶାସନ ତରଫରୁ ପ୍ରକାଶ କରାଯାଇଛି ।

# କୁସୁମଖୁଣ୍ଟି ଶିଶୁମନ୍ଦିରରେ ବାର୍ଷିକ କ୍ରୀଡ଼ା



କୋକସରା,(ଭାସ୍କର ନ୍ୟୁଜ): କୋକସରା ବ୍ଲକ ମୋଟେର ପଞ୍ଚାୟତ କୁସୁମଖୁଣ୍ଟି ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ଗତ ଦୁଇଦିନ ଧରି ଚାଲିଥିବା ୨୭ ତମ ବାର୍ଷିକ କ୍ରୀଡ଼ା ଉତ୍ସବ ମଙ୍ଗଳବାର ଉଦ୍‌ଯାପିତ ହୋଇଛି । ଉଦ୍‌ଘାଟନୀ ଉତ୍ସବରେ ନରେଶ କୁମାର ପଣ୍ଡା ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ପରିଚାଳନା କମିଟି ସଭାପତି ବୃନ୍ଦାବନ ପୁଝାରୀ, ସମ୍ପାଦକ ରାମକୃଷ୍ଣ ପଟ୍ଟନାୟକ, ଉପସଭାପତି ପରମେଶ୍ୱର ବାଗ, ସହସମ୍ପାଦକ ଜିତେନ୍ଦ୍ର କୁମାର ନିଆଲ, କୋଷାଧ୍ୟକ୍ଷ ଦିଗନ୍ତ କୁମାର ପଟ୍ଟନାୟକ, ମହେନ୍ଦ୍ର ବେହେରା, ଗାୟତ୍ରୀ ବାଣୁଆ, ପଙ୍କଜିନୀ ବେହେରା ପ୍ରମୁଖ ସମ୍ମାନିତ ଅତିଥି ଭାବେ ମଞ୍ଚାସିନ ରହିଥିଲେ । ପ୍ରଧାନ ଆଚାର୍ଯ୍ୟ ଦେବାନନ୍ଦ ରାଉତ ସ୍ୱାଗତ ଭାଷଣ ପ୍ରଦାନ କରିଥିବାବେଳେ ଗୁରୁଜୀ ଉତ୍ତମ ପଣ୍ଡା ଓ ପରମାନନ୍ଦ ବେମାଲ ମଞ୍ଚ ସଂଯୋଜନା କରିଥିଲେ । ଶିଶୁ ମନ୍ଦିରର ଛାତ୍ରଛାତ୍ରୀଙ୍କୁ ନେଇ ବଲଫିଙ୍ଗା, ପୁଚି, ଚୌକିବସା, କଙ୍କଡାଚାଲି ଦୌଡ଼, ଲମ୍ବଡିଆଁ, ଉଚ୍ଚ ଡିଆଁ, ସର୍ଟପୁଟ, ଡିସ୍କସ, ମ୍ୟୁଜିକ୍ ଚେୟାର, ଭାଲୁ ଚାଲି ଭଳି ଅନେକ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ଗୁରୁମା ସନ୍ଧ୍ୟାରାଣୀ ମହାରଣା, ମିନତୀ ପଟ୍ଟନାୟକ, ତରୁଣୀ ଗୋପାଳ, ମିନାକ୍ଷୀ ନାଗ, ସୁଲଗ୍ନା ଦାସ, ବୈଶାଳୀ ନାଗ, ସ୍ମିତା ଭଞ୍ଜ, ଗୁରୁଜୀ ମୁରଲୀଧର ପଟ୍ଟନାୟକ, ଦୁଷ୍ମନ୍ତ ପୂଝାରୀ, ଭୋଳାନାଥ ବେମାଲ, ଭିକାରୀ ବିଶି, ବାଦ୍ୟଯନ୍ତ୍ରରେ ଭୁବନେ ସୁନାନୀ, ତନୁକ ଲାଲ ନାଗ ପ୍ରମୁଖ ସହଯୋଗ କରିଥିଲେ । ଉଦ୍‌ଯାପନୀ ସମାରୋହରେ କୃତିତ୍ୱ ଛାତ୍ରଛାତ୍ରୀଙ୍କୁ ଅତିଥିମାନଙ୍କ ଦ୍ୱାରା ପୁରସ୍କୃତ ପ୍ରଦାନ କରାଯାଇଥିଲା।

# ଲକ୍ଷ୍ମୀପୂଜା ପାଇଁ କଳସଯାତ୍ରା



କୋକସରା,(ଭାସ୍କର ନ୍ୟୁଜ): ମାଣବସା ଗୁରୁବାର ଅବସରରେ କୋକସରା ବ୍ଲକ ସଦର ମହକୁମାଠାରେ ଲକ୍ଷ୍ମୀପୂଜା ଅନୁଷ୍ଠିତ ହେବାକୁ ଯାଉଛି । ଏହି ଅବସରରେ ମଙ୍ଗଳବାର ପୂଜା ମଣ୍ଡପଠାରୁ କଳସ ଯାତ୍ରା ବାହାରି ସ୍ଥାନୀୟ ପଦ୍ମ ପୋଖରୀରେ ଶହ ଶହ ମହିଳା ପହଞ୍ଚି ଥିଲେ । ସେଠାରେ ପୂଜାର୍ଚ୍ଚନା ପରେ ପୋଖରୀରୁ ପାଣି ଉଠାଇ ମହିଳାମାନେ ଜଳପୂର୍ଣ୍ଣ କଳଶୀ ବୋହିଆଣି ମଣ୍ଡପରେ ପହଞ୍ଚି ସ୍ଥାପନ କରିଥିଲେ। ପୂଜକ ଭାବେ ଶ୍ରୀପତି ଠାକୁର କାର୍ଯ୍ୟ ସମ୍ପାଦନ କରୁଥିବାବେଳେ କିଶୋର ଚନ୍ଦ୍ର ପ୍ରଧାନୀ ଓ ତାଙ୍କ ଧର୍ମପତ୍ନୀ ସାରଙ୍ଗିନୀ ପ୍ରଧାନୀ ପୂଜାକର୍ତ୍ତା ରହିଛନ୍ତି । କଳସ ଯାତ୍ରାରେ ଧୋବେନଚଞ୍ଚରା ବାଳିକା ସଂକୀର୍ତ୍ତନ ଦଳ ଓ କୋକସରା ଘଣ୍ଟ ସାମିଲ ହୋଇଥିବା ବେଳେ ମହେନ୍ଦ୍ର ନେଗୀ, ପ୍ରମୋଦ ପ୍ରଧାନୀ, ଐରୀ ନାଶନ ଚିନ୍ଦା, ଲକ୍ଷ୍ମୀ ନାରାୟଣ ପ୍ରଧାନି, ତ୍ରିଭୁବନ ପ୍ରଧାନୀ ପ୍ରମୁଖଙ୍କ ସହ ଶହ ଶହ ମହିଳା ଯୋଗ ଦେଇଥିଲେ । ଆଜିଠାରୁ ୩ଦିନ ଧରି ଏହି ପୂଜା ହେବାକୁ ଥିବାବେଳେ ପ୍ରବଚନ, ଭଜନ ସମାରୋହ ଓ ନାଟକ ଆଦି କର୍ଯ୍ୟକ୍ରମ ହେବା ନେଇ ସୂଚନା ରହିଛି । ପୂଜା କମିଟିର ସଭାପତି କୈଳାସ ଚନ୍ଦ୍ର ଦାଶ, ସମ୍ପାଦକ ମୁକ୍ଷରାମ ପ୍ରଧାନୀ, ଉପ ସଭାପତି ବସନ୍ତ ପଟ୍ଟନାୟକ କୋଷାଧ୍ୟକ୍ଷ ଜିତେନ୍ଦ୍ର କୁମାର ପ୍ରଧାନୀ, ଉପସଭାପତି ବସନ୍ତ ପଟ୍ଟନାୟକ, ଦେବାନନ୍ଦ ପଟ୍ଟନାୟକ, ଆଦିତ୍ୟ କୁମାର ପ୍ରଧାନୀ, ଅଶୋକ ପଟ୍ଟନାୟକ, ଲଳିତ ପ୍ରଧାନୀ, ଲଳିତ ଶବର, ଅବିନ ପ୍ରଧାନୀ ସମେତ ଗ୍ରାମବାସୀ ପୂଜା କାର୍ଯ୍ୟରେ ସହଯୋଗ କରୁଛନ୍ତି ।

# ଚପ୍ରିଆ ପେକ୍ସର ତିନି ଧାନମଣ୍ଡି ଶୁଭାରମ୍ଭ



ଗୋଲାମୁଣ୍ଡା, (ଭାସ୍କର ନ୍ୟୁଜ): କଳାହାଣ୍ଡି ଜିଲ୍ଲା ଗୋଲାମୁଣ୍ଡା ବ୍ଲକ ଚପ୍ରିଆ ପେକ୍ସର ତିନି ଧାନମଣ୍ଡି ବୁଧବାର ଶୁଭାରମ୍ଭ ହୋଇଯାଇଛି । ପେକ୍ସ ସଭାପତି ଭାଗ୍ୟଧର ସାହୁ ଚପ୍ରିଆ ଧାନ ମଣ୍ଡି ଶୁଭାରମ୍ଭ କରିଥିବା ବେଳେ ସାନଚେରଗାଁ ଧାନମଣ୍ଡି ପେକ୍ସ ଡାଇରେକ୍ଟର ଲମ୍ବୋଦର ସାହୁ, ଖଲିଆପାଲି ଧାନ ମଣ୍ଡି ଧନେଶ୍ୱର ଯାନୀ ଶୁଭାରମ୍ଭ କରିଥିଲେ । ଉକ୍ତ ଧାନ ମଣ୍ଡି ଶୁଭାରମ୍ଭ କାର୍ଯ୍ୟକ୍ରମରେ ପେକ୍ସ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଧବଳେଶ୍ୱର ବାଗ, ଚପ୍ରିଆ ଧାନମଣ୍ଡିର ତଦନ୍ତ ଅଧିକାରୀ ସୁଶାନ୍ତ ରାଉତ, ସାନ ଚେରଗାଁ ଧାନମଣ୍ଡି ତଦନ୍ତ ଅଧିକାରୀ ଦୁଃଖିଶ୍ୟାମ ମାଝୀ, ଖଲିଆପାଲି ଧାନ ମଣ୍ଡି ତଦନ୍ତ ଅଧିକାରୀ ଛନ୍ଦାଚରଣ ଭୋଇ, ଧାନକ୍ରୟ ଅଧିକାରୀ ଧନଞ୍ଜୟ ରଣା, ଆର୍‌ଏମ୍‌ସି କର୍ମଚାରୀ ରତ୍ନାକର ହଂସ, ରୋହିତ ଭୋଇ, ଡାଇରେକ୍ଟର ହରେରାମ ଚନ୍ଦନ ପ୍ରମୁଖ ଉପସ୍ଥିତ ଥିଲେ । ଆଜିଠାରୁ ମଣ୍ଡିରେ ଧାନ କ୍ରୟ କରାଯିବ । ସପ୍ତାହକୁ ଏହି ତିନିଟି ମଣ୍ଡିରେ ଦୁଇଦିନ ଧରି ଧାନ କିଣାଯିବ ବୋଲି ପେକ୍ସର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରକାଶ କରିଛନ୍ତି ।

# ଏଲ୍ ମାସି ମିଶନ୍ ସ୍କୁଲରେ ମକ୍‌ଡ୍ରିଲ୍

କୋକସରା,(ଭାସ୍କର ନ୍ୟୁଜ): କୋକସରା ବ୍ଲକ ମୋଟେର ଏଲ୍ ମାସି ମିଶନ୍ ସ୍କୁଲରେ ସୋମବାର ଛାତ୍ରଛାତ୍ରୀଙ୍କୁ ନେଇ ମକ୍‌ଡ୍ରିଲ୍ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି । ଶିକ୍ଷାନୁଷ୍ଠାନର ଅଧ୍ୟକ୍ଷ ଗେଡ଼ଜିଲଜନ ମନୋହରମ, ନିର୍ଦ୍ଦେଶକ ଆର୍ଜନ ମନୋହରମଙ୍କ ଉପସ୍ଥିତରେ ଅଗ୍ନି ନିରାପତ୍ତା ବିଷୟରେ ସଚେତନତା କାର୍ଯ୍ୟକ୍ରମ ହୋଇଥିଲା । କୋକସରା ଅଗ୍ନିଶମ ବିଭାଗର ଓଆଇସି ପ୍ରଶାନ୍ତ ବାଗଙ୍କ ନେତୃତ୍ୱରେ ଅଗ୍ନିଶମ କର୍ମଚାରୀ ମନୋଜ କୁମାର ବିଶ୍ୱାଳ, ରାଧେଶ୍ୟାମ ପ୍ରଧାନ, ବାସୁଦେବ ଭୋଇ, ଲଳିତ ପୁଟେଲ ପ୍ରମୁଖ ପ୍ରାକୃତିକ ବିପର୍ଯ୍ୟୟ ସମୟରେ କିଭଳି ମୁକାବିଲା କରିବେ ଏବଂ ନିଆଁ ଲାଗିଲେ କେମିତି ଲିଭାଇବେ ସେନେଇ ଛାତ୍ରଛାତ୍ରୀଙ୍କୁ ପ୍ରଶିକ୍ଷଣ କଳା ପ୍ରଦର୍ଶନ କରି ଦେଖାଇଥିଲେ । ଏହି ସମୟରେ ଛାତ୍ରଛାତ୍ରୀ ସମେତ ଶିକ୍ଷକ ଭବିନୀ ଶଙ୍କର, ଦିଲୀପ କୁମାର ସିଂ ଦେଓ ଓ ସ୍କୁଲ କର୍ମଚାରୀମାନେ ଉପସ୍ଥିତ ରହିଥିଲେ ।

# ନିମ୍ନମାନର ଡ୍ରେନ୍ ନିର୍ମାଣ ଅଭିଯୋଗ

ଧର୍ମଗଡ଼, (ଭାସ୍କର ନ୍ୟୁଜ): କଳାହାଣ୍ଡି ଜିଲ୍ଲା ଗୋଲାମୁଣ୍ଡା ଠାରେ ଧର୍ମଗଡ଼ ପୂର୍ତ୍ତ ବିଭାଗ ଅଧୀନରେ ହେଉଥିବା ଏକ ଡ୍ରେନ୍ କାମ ନିମ୍ନମାନର ଓ ବିନା ସୂଚନା ଫଳକରେ ହେଉଥିବା ଅଭିଯୋଗ ହେଉଛି । ସୂଚନାମତେ ଗୋଲାମୁଣ୍ଡା ଉପକଣ୍ଠ ସର୍ବମଙ୍ଗଳା ମହାବିଦ୍ୟାଳୟ ସମ୍ମୁଖରେ ରାସ୍ତା କଡ଼ରେ ପୂର୍ତ୍ତ ବିଭାଗ ଦ୍ୱାରା ଏକ ଡ୍ରେନ୍ ନିର୍ମାଣ ହେଉଛି । କାର୍ଯ୍ୟସ୍ଥଳରେ କୌଣସି ପ୍ରକାର ଫଳକ କିମ୍ବା ସୂଚନା ନଥିବାରୁ କେତେ ଟଙ୍କା ବ୍ୟୟରେ କେତେ ଦୂର ପର୍ଯ୍ୟନ୍ତ ଡ୍ରେନ୍ ନିର୍ମାଣ ହେବ ସେ ନେଇ ସାଧାରଣ ଲୋକ ଜାଣି ପାରୁନାହାଁନ୍ତି । ଅଭିଯୋଗ ଅନୁଯାୟୀ ଡ୍ରେନ୍ ନିର୍ମାଣ କାର୍ଯ୍ୟ ଅତି ନିମ୍ନମାନର ହେଉଥିବା ବେଳେ ଠିକାଦାର ଜଣକ ନିଜ ମନ ମୁତାବକ କାର୍ଯ୍ୟ କରୁଛି । ଯାହାଫଳରେ ନିର୍ମାଣାଧୀନ ଡ୍ରେନ୍‌ର ସ୍ଥାୟିତ୍ୱକୁ ନେଇ ସ୍ଥାନୀୟ ବାସିନ୍ଦା ଅସନ୍ତୋଷ ପ୍ରକାଶ କରିଛନ୍ତି । ତଳେ ଲୁହା ଜାଲି ସହ ବେଡ଼ କଂକ୍ରିଟ ହେବା କଥା । କିନ୍ତୁ କାର୍ଯ୍ୟସ୍ଥଳରେ ମାତ୍ର ଗୋଟିଏ ରଡ ବନ୍ଧା ଯାଇ କଂକ୍ରିଟ କରୁଥିବା ଦେଖିବାକୁ ମିଳିଛି । ଅନ୍ୟପଟେ ଏହି କାର୍ଯ୍ୟଟି କୌଣସି ଟେଣ୍ଡର କିମ୍ବା ପୂର୍ତ୍ତ ବିଭାଗ ଦ୍ୱାରା ଠିକାଦାର ଜଣକର ଏଗ୍ରିମେଣ୍ଟ ହୋଇନାହିଁ । ଠିକାଦାର ଓ ବିଭାଗୀୟ ସମ୍ପୃକ୍ତ ଯନ୍ତ୍ରୀଙ୍କ ବୁଝାମଣାରେ ଏହି କାର୍ଯ୍ୟ ହେଉଥିବା ଜଣାପଡ଼ିଛି । ଏନେଇ ଧର୍ମଗଡ଼ ପୂର୍ତ୍ତ ବିଭାଗ କନିଷ୍ଠ ଯନ୍ତ୍ରୀ ବିଶ୍ୱନାଥ ମାଝୀଙ୍କୁ ପଚାରିବାରୁ ତାହା ଏକ ଛୋଟ ଧରଣର କାମ ସେଥିପାଇଁ ଏଗ୍ରିମେଣ୍ଟ ହୋଇନାହିଁ ଓ ନିମ୍ନମାନର ଯଦି ହୋଇଥିବ ତା' ହେଲେ ତଦନ୍ତ କରାଯିବ ବୋଲି କହିଥିଲେ।

# ରାଶିଫଳ

ଗୁରୁବାର, ୧୨ ଡିସେମ୍ବର ୨୦୨୪



**ମେଷ:** ଜୀବନସାଥୀଙ୍କ ଉପରେ ପାରସ୍ପରିକ ଭଲପାଇବା ରହିବ । ଶୀଘ୍ର ଶୀଘ୍ର କାମ ପୂରଣ ହୋଇପାରେ । ବ୍ୟବସାୟ ବୃଦ୍ଧି ପାଇବ । ଚାକିରିରେ ଶାନ୍ତି ରହିବ । କାମ ଶୀଘ୍ର ସରିଯିବ । ଘର ବାହାରେ ସୁଖ ଏବଂ ଶାନ୍ତି ରହିବ ।



**ବୃଷ:** ଅଂଶୀଦାରମାନଙ୍କ ସହଯୋଗକୁ ଠିକ୍ ସମୟରେ ପାଇ ଖୁସି ହେବେ । ଚାକିରିରେ ଆପଣ ଅଧସ୍ତନଙ୍କ ସମର୍ଥନ ପାଇବେ । ବ୍ୟବସାୟ ଭଲ ହେବ । ସ୍ଥିର ସମ୍ପତ୍ତି କ୍ରୟ ଏବଂ ବିକ୍ରୟ ଏକ ବଡ଼ ଲାଭ ଦେଇପାରେ । ଆୟ ବୃଦ୍ଧି ପାଇବ ।



**ମିଥୁନ:** ବୈଦ୍ଧିକ କାର୍ଯ୍ୟ ସଫଳ ହେବ । ଆପଣ ଜଣେ ଜ୍ଞାନୀ ବ୍ୟକ୍ତିଙ୍କ ମାର୍ଗଦର୍ଶନ ପାଇବେ । ଚାକିରିରେ ସୁସଙ୍ଗତତା ରହିବ । ପାର୍ଟି ଏବଂ ପିକନିକ୍ ଯୋଜନା କରାଯିବ । ସାଙ୍ଗଙ୍କ ସହିତ ଭଲ ସମୟ ଅତିବାହିତ ହେବ ।



**କର୍କଟ:** ବ୍ୟବସାୟରେ କୌଣସି ସନ୍ତୋଷ ରହିବ ନାହିଁ । ଅଂଶୀଦାରମାନଙ୍କ ସହିତ ପାର୍ଥକ୍ୟ ହୋଇପାରେ । ବିପଦପୂର୍ଣ୍ଣ ଏବଂ ବନ୍ଧକ କାର୍ଯ୍ୟରୁ ଦୂରେଇ ରୁହନ୍ତୁ । ବ୍ୟସ୍ତ ହୁଅ ନାହିଁ । ଘର ବାହାରେ ଅଶାନ୍ତି ଦେଖାଯିବ । କାର୍ଯ୍ୟ ବାଧାପ୍ରାପ୍ତ ହେବ ।



**ସିଂହ:** ଆପଣ ସାଙ୍ଗମାନଙ୍କ ସହିତ ସହଯୋଗ କରିବାକୁ ସମର୍ଥ ହେବେ । ଋଣରେ ହ୍ରାସ ଘଟିବ । ତୃପ୍ତି ହେବ । ସାମାଜିକ ପ୍ରତିଷ୍ଠା ବୃଦ୍ଧି ପାଇବ । ବ୍ୟବସାୟ ସୁରୁଖୁରୁରେ ଚାଲିବ । ଆପଣ ଆପଣଙ୍କର ପ୍ରଭାବ ବୃଦ୍ଧି କରିପାରିବେ ।ବିନିଯୋଗ ଭଲ ହେବ ।



**କନ୍ୟା:** ସହକର୍ମୀମାନେ ଆପଣଙ୍କୁ କାର୍ଯ୍ୟରେ ସାହାଯ୍ୟ କରିବେ । ବ୍ୟବସାୟରେ ତତ୍ପର ହୁଅନ୍ତୁ ନାହିଁ । ଆଘାତ ଏବଂ ଦୁର୍ଘଟଣାରୁ ଦୂରେଇ ରୁହନ୍ତୁ । ଲାଭ ସୁଯୋଗ ଆସିବ । ଘର ବାହାରେ ପରିସ୍ଥିତି ଅନୁକୂଳ ହେବ। ସୁଖର ପରିବେଶ ରହିବ । ଆତ୍ମବିଶ୍ୱାସ ବୃଦ୍ଧି ପାଇବ ।



**ତୁଳା:** ତୁମ ଜୀବନ ସାଥୀଠାରୁ ସମର୍ଥନ ପାଇବେ । ବ୍ୟବସାୟ ଯାତ୍ରା ସଫଳ ହେବ । ଅପ୍ରତ୍ୟାଶିତ ଲାଭର ସମ୍ଭାବନା ଅଛି । ଭାଗ୍ୟ ଆପଣଙ୍କୁ ସମର୍ଥନ କରିବ । ବ୍ୟବସାୟ ଭଲ ହେବ । ଚାକିରିରେ ଅଧିକାର ବୃଦ୍ଧି ପାଇପାରେ । ପ୍ରଲୋଭିତ ହୁଅ ନାହିଁ ।



**ବିଛା:** ଆୟରେ ନିଶ୍ଚିତତା ରହିବ । ଅପ୍ରତ୍ୟାଶିତ ଖର୍ଚ୍ଚ ଆସିବ । ଯଦି କୌଣସି ବ୍ୟବସ୍ଥା ନାହିଁ, ତେବେ ଅସୁବିଧା ହେବ । ବ୍ୟବସାୟ ହ୍ରାସ ପାଇବ । ଚାକିରିରେ ବିବାଦ ହୋଇପାରେ । ଅଂଶୀଦାରମାନଙ୍କ ସହିତ ପାର୍ଥକ୍ୟ ହୋଇପାରେ । ତୁମେ କ୍ଲାନ୍ତ ଅନୁଭବ କରିବ । ଆଶା କରାଯାଉଥିବା କାର୍ଯ୍ୟରେ ବାଧା ଆସିବ ।



**ଧନୁ:** ବିନା ପ୍ରଶ୍ନରେ କାହାକୁ ପରାମର୍ଶ ଦିଅନ୍ତୁ ନାହିଁ । ଦେୟ ପୁନରୁଦ୍ଧାର ପାଇଁ ପ୍ରୟାସ ସଫଳ ହେବ । ବ୍ୟବସାୟ ଯାତ୍ରା ଅନୁକୂଳ ହେବ । ରିସ୍କ ନେବାକୁ ସାହସ କର । ଅଜ୍ଞାତ ଭୟ ଏବଂ ଚିନ୍ତା ରହିବ । ଯାତ୍ରା ସଫଳ ହେବ । ଆଖି ଯନ୍ତ୍ରଣା ହୋଇପାରେ । କାରବାରରେ ସାବଧାନ ରୁହନ୍ତୁ ।



**ମକର:** ସାମାଜିକ କାର୍ଯ୍ୟ କରିବାକୁ ଇଚ୍ଛା ଜାଗ୍ରତ ହେବ । ଚାକିରିରେ ପ୍ରାଧାନ୍ୟ ରହିବ। ଆୟର ଉତ୍ସ ବୃଦ୍ଧି ପାଇପାରେ । ବ୍ୟବସାୟ ଲାଭଦାୟକ ହେବ । ବିନିଯୋଗ ଭଲ ହେବ । ଘର ବାହାରେ ସହଯୋଗ ଏବଂ ସୁଖରେ ବୃଦ୍ଧି ଘଟିବ । ଏକ ନୂତନ ଯୋଜନା ପ୍ରସ୍ତୁତ ହେବ। କାର୍ଯ୍ୟ କ୍ଷେତ୍ରରେ ଉନ୍ନତି କରିବ ।



**କୁମ୍ଭ:** ଆଜି କୋର୍ଟର କାର୍ଯ୍ୟ ଅନୁକୂଳ ହେବ । ପୂଜାପାଠ ଏବଂ ସତ୍‌ସଙ୍ଗରେ ଆଗ୍ରହ ରହିବ । ସେଠାରେ ଶାନ୍ତି ହେବ। ସୁଖର ପରିବେଶ ରହିବ । ଆପଣ ଅଧସ୍ତନମାନଙ୍କ ସମର୍ଥନ ପାଇବେ । ଏକ ସାମାଜିକ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିବାର ସୁଯୋଗ ଆସିପାରେ ।



**ମୀନ:** ଯାନ ଏବଂ ଯନ୍ତ୍ରପାତି ବ୍ୟବହାରରେ ଅସାବଧାନ ହୁଅନ୍ତୁ ନାହିଁ । ଏକ ଛୋଟ ଭୁଲ ସମସ୍ୟାକୁ ବଢାଇପାରେ । ଆୟ ଜାରି ରହିବ । କ୍ରୋଧ ଏବଂ ଉତ୍ତେଜନାକୁ ନିୟନ୍ତ୍ରଣ କରନ୍ତୁ । ବିବାଦକୁ ଉତ୍ସାହିତ କରନ୍ତୁ ନାହିଁ । ପୁରୁଣା ରୋଗ ଅବରୋଧର କାରଣ ହେବ । ସ୍ୱାସ୍ଥ୍ୟ ପାଇଁ ଖର୍ଚ୍ଚ ହେବ ।



ଜ୍ୟୋତିର୍ବିଦ୍ ପଣ୍ଡିତ ଶ୍ରୀପତି ଆଚାର୍ଯ୍ୟ
(ଏମ୍ କମ୍, ଏମ୍.ବି.ଏ) ସେକ୍ଟର-୩/୩୦୯,
ନିଳାଦ୍ରୀବିହାର, ଭୁବନେଶ୍ୱର-୨୧
ମୋ: ୯୪୩୮୩୮୯୦୩୯